

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୦୪ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 04 September 2025
Vol.No. 36 ■ No.234 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ନକ୍ସଲ ମୁକ୍ତ ନ ହେବା ଯାଏଁ ଶାନ୍ତିରେ ବସିବୁ ନାହିଁ: କେନ୍ଦ୍ର ଗୃହମନ୍ତ୍ରୀ



ନୂଆଦିଲ୍ଲୀ,୩/୯ : ବୁଧବାର ଦିନ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ଯେପର୍ଯ୍ୟନ୍ତ ସମସ୍ତ ନକ୍ସଲ ଆତ୍ମସମର୍ପଣ କରିନାହାନ୍ତି କିମ୍ବା ଧରାପଡ଼ି ନାହାନ୍ତି ବା ନିପାତ ନହେବା ପର୍ଯ୍ୟନ୍ତ ମୋଦୀ ସରକାର ଶାନ୍ତିରେ ବସିବେ ନାହିଁ। ଛତିଶଗଡ଼ର କାରେଗୁଟ୍ଟା ପାହାଡ଼ରେ 'ଅପରେସନ୍ ବ୍ଲାକ୍ ଫରେଷ୍ଟ' ସଫଳତାର ସହ ପରିଚାଳନା କରିଥିବା ସିଆରପିଏଫ, ଛତିଶଗଡ଼ ପୋଲିସ, ଜିଲ୍ଲା ରିଜର୍ଭ ଗାର୍ଡ (ଡିଜିଏ) ଏବଂ 'କୋବ୍ରା' ବାହିନୀର ସୁରକ୍ଷାକର୍ମୀମାନଙ୍କୁ ଅଭିନନ୍ଦନ ଜଣାଇ ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଭାରତକୁ ନକ୍ସଲମୁକ୍ତ କରିବା ପାଇଁ ପ୍ରତିବଦ୍ଧ। ସେ କହିଛନ୍ତି, ଯେପର୍ଯ୍ୟନ୍ତ ସମସ୍ତ ନକ୍ସଲ ଆତ୍ମସମର୍ପଣ କରିନାହାନ୍ତି କିମ୍ବା ନିପାତ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ମୋଦୀ ସରକାର ବିଶ୍ରାମ ନେବେ ନାହିଁ।' ଶାହ କହିଛନ୍ତି ଯେ 'ଅପରେସନ୍ ବ୍ଲାକ୍ ଫରେଷ୍ଟ' ସମୟରେ ଯବାନମାନେ ଦେଖାଇଥିବା ସାହସ ନକ୍ସଲ ବିରୋଧୀ ଅଭିଯାନର ଇତିହାସରେ ଏକ ସୁବର୍ଣ୍ଣ ଅଧ୍ୟାୟ ଭାବରେ ମନେ ରଖାଯିବ। ସେ କହିଛନ୍ତି ଯେ ଆଇଇଡିର ବିପଦ ସତ୍ତ୍ୱେ, ସୁରକ୍ଷା ବାହିନୀ କଠିନ ମନୋବଳ ସହିତ ଅପରେସନ୍ ଚଳାଇଥିଲେ ଏବଂ ଏକ ପ୍ରମୁଖ ନକ୍ସଲ ବେସ୍ କ୍ୟାମ୍ପକୁ ସଫଳତାର ସହିତ ଧ୍ୱଂସ କରିଥିଲେ। ଗୃହମନ୍ତ୍ରୀ କହିଛନ୍ତି ଯେ କାରେଗୁଟ୍ଟା ପାହାଡ଼ରୁ ନକ୍ସଲମାନଙ୍କ ସାମଗ୍ରୀ ଷ୍ଟୋର ଏବଂ ଯୋଗାଣ ଶୃଙ୍ଖଳାକୁ ଛତିଶଗଡ଼ ପୋଲିସ, ସିଆରପିଏଫ, ଡିଆରଜି ଏବଂ କୋବ୍ରା ଯବାନମାନେ ସାହସର ସହିତ ଧ୍ୱଂସ କରିଥିଲେ।

▶▶ପୃଷ୍ଠା ୭

## ନିଲମ୍ବନ ପରେ ବିଆରଏସ୍ ଓ ବିଧାନ ପରିଷଦରୁ କେ କବିତାଙ୍କ ଇସ୍ତଫା



ନୂଆଦିଲ୍ଲୀ,୩/୯ : ତେଲଙ୍ଗାନା ଜାଗୃତି ସଭାପତି କେ କବିତା ଆଜି ବିଧାନ ପରିଷଦରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫାପତ୍ର ତେଲଙ୍ଗାନା ବିଧାନସଭାର ବାଚସ୍ପତିଙ୍କୁ ହସ୍ତାନ୍ତର କରିଛି। ଦିନକ ତଳେ କେ କବିତାଙ୍କୁ ତାଙ୍କ ବାପା ତଥା ଭାରତୀୟ ରାଷ୍ଟ୍ରୀୟ ସମିତି(ବିଆରଏସ୍)ର ମୁଖ୍ୟ କେ ଚନ୍ଦ୍ରଶେଖର ରାଓ ଦଳରୁ ନିଲମ୍ବନ କରିଥିଲେ। ନିଲମ୍ବନ ପରେ କେ କବିତା ବିଧାନ ପରିଷଦ ଓ ବିଆରଏସ୍‌ରୁ ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେବା ପରେ ସେ ତାଙ୍କ ଭାଇ ତଥା ପୂର୍ବତନ ମନ୍ତ୍ରୀ କେଟି ରାମା ରାଓଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ "ମୁଁ ରାମ ଆନ୍ନାଙ୍କୁ କେସିଆରଙ୍କ ସ୍ୱାସ୍ଥ୍ୟ ଓ ଦଳର କାର୍ଯ୍ୟକର୍ତ୍ତାଙ୍କ ଯତ୍ନ ନେବାକୁ ଅନୁରୋଧ କରୁଛି।" ସାମ୍ବାଦିକ ସମ୍ମିଳନୀରେ କବିତା ତାଙ୍କ ବାପା କେସିଆରଙ୍କୁ ନିଜର ଆଦର୍ଶ ବୋଲି ଅଭିହିତ କରିଛନ୍ତି। କେସିଆର ତେଲଙ୍ଗାନାର ଦଳିତ ଓ ପଛୁଆ ବର୍ଗ ଲୋକଙ୍କ ଅଧିକାରକୁ ନିଶ୍ଚିତ କରିଥିବା କବିତା କହିଛନ୍ତି। କିନ୍ତୁ ଦଳ ଭିତରୁ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ହୋଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, "ରାମାନ୍ନାଙ୍କ ଉଦ୍ଦେଶ୍ୟରେ ମୁଁ କହିବାକୁ ଚାହୁଁଛି ଯେ ଦଳର ଅଫିସ ଭିତରୁ ମୋ ବିରୋଧରେ ମିଛର ପ୍ରଚାର କରାଯାଇଛି। ଏହି ମିଛ ପ୍ରଚାର ସତ୍ତ୍ୱେ ମୋ

▶▶ପୃଷ୍ଠା ୭

## ସମ୍ବଲପୁର ପୌର ନିଗମ ନିର୍ବାଚନ ପାଇଁ ପଥ ପରିଷ୍କାର: ସଂରକ୍ଷଣ ବିଜ୍ଞପ୍ତି ରଦ୍ଦ




କଟକ, ୩/୯ (ନି.ପ୍ର): ସମ୍ବଲପୁର ପୌର ନିଗମ ନିର୍ବାଚନ ପାଇଁ ବାଟ ଫିଟିଛି। ୨୦୧୫ରୁ ହାଇକୋର୍ଟରେ ବିଚାରାଧୀନ ଏ ସଂପର୍କିତ ମାମଲାର ଶୁଣାଣିରେ ଆଜି ପୂର୍ଣ୍ଣଚ୍ଛେଦ ପଡ଼ିଛି। ସଂରକ୍ଷଣ ନିୟମ ଉଲ୍ଲଂଘନ କରି ନବ ଗଠିତ ସମ୍ବଲପୁର ପୌର ନିଗମ ୱାର୍ଡ ସଂରକ୍ଷଣ ବିଜ୍ଞପ୍ତି ପ୍ରକାଶ କରାଯାଇଥିବା ଅଭିଯୋଗକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ୱାର୍ଡ ସଂରକ୍ଷଣ ସଂପର୍କିତ ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ସଂରକ୍ଷଣ ୫୦ ପ୍ରତିଶତ ଭିତରେ ସୀମିତ ରଖି ତଥା ସଂରକ୍ଷଣ ନିୟମାବଳୀ ପାଳନ କରି ସମ୍ବଲପୁର ପୌର ନିଗମର ୱାର୍ଡ ସଂରକ୍ଷଣ ନେଇ ସାନି ବିଜ୍ଞପ୍ତି ୬ ସପ୍ତାହ ଭିତରେ ପ୍ରକାଶ କରିବା ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଅଜୟ କୁମାର ମହାନ୍ତିଙ୍କ ତରଫରୁ ଦାୟର ଆବେଦନର ଶୁଣାଣିରେ ହାଇକୋର୍ଟ ଅନ୍ତ ଘଟାଇଛନ୍ତି। ଜଷ୍ଟିସ ଆର.କେ.ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ମାମଲର ଶଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ନବଗଠିତ ସମ୍ବଲପୁର ପୌର ନିଗମ ପାଇଁ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ୱାର୍ଡ ସଂରକ୍ଷଣ ନେଇ ବିଜ୍ଞପ୍ତି ଜାରି କରିଥିଲେ। ୫୦ ପ୍ରତିଶତରୁ ଅଧିକ ୱାର୍ଡ ସଂରକ୍ଷିତ ବର୍ଗଙ୍କ ପାଇଁ ରଖାଯାଇ ପ୍ରକାଶିତ ବିଜ୍ଞପ୍ତି କରାଯାଇଥିଲା ଅଭିଯୋଗ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ ନବଗଠିତ ସମ୍ବଲପୁର ପୌର ନିଗମ ପାଇଁ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ୱାର୍ଡ ସଂରକ୍ଷଣ ନେଇ ବିଜ୍ଞପ୍ତି ଜାରି କରିଥିଲେ। ୫୦ ପ୍ରତିଶତରୁ ଅଧିକ ୱାର୍ଡ ସଂରକ୍ଷିତ ବର୍ଗଙ୍କ ପାଇଁ ରଖାଯାଇ ପ୍ରକାଶିତ ବିଜ୍ଞପ୍ତି କରାଯାଇଥିଲା ଅଭିଯୋଗ ହୋଇଥିଲା। ସଂରକ୍ଷଣ ନିୟମ ଅନୁସାରେ ୫୦ ପ୍ରତିଶତରୁ ଅଧିକ ସଂରକ୍ଷଣ ପ୍ରଦାନ କରାଯାଇ ପାରିବ ନାହିଁ। ଏପରି କରାଯିବା ସୁପ୍ରିମକୋର୍ଟଙ୍କ ରାୟର ଉଲ୍ଲଂଘନ ବୋଲି ଦର୍ଶାଇ ହାଇକୋର୍ଟରେ ଶ୍ରୀ ମହାନ୍ତି ମାମଲା ଦାୟର କରିଥିଲେ। ୨୦୧୫, ଏପ୍ରିଲ ୨ରେ ହାଇକୋର୍ଟ

▶▶ପୃଷ୍ଠା ୭

## ଜିଏସଟି ହାର କମାଇଲେ ସରକାର: ସମଗ୍ର ଦେଶରେ ଲାଗୁ ହେବ ୫% ଓ ୧୮% ସ୍ଲାବ



ନୂଆଦିଲ୍ଲୀ,୩।୯: ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ୫୬ତମ ଜିଏସ୍‌ଟି କାଉନ୍ସିଲ୍ ବୈଠକରେ ଜିଏସ୍‌ଟି ହାର ସରଳୀକରଣକୁ ମଞ୍ଜୁର କରାଯାଇଛି। ୧୨% ଓ ୨୮% ସ୍ଲାବ୍‌କୁ ରଦ୍ଦ କରି କେବଳ ୫% ଓ ୧୮% ଦୁଇହାର ଟିକସ ଗଠନ ଲାଗୁ ହେବ। ଏହା ସହ ସୌଖୀନ ଓ ତମାଖୁ ଜାତୀୟ ସାମଗ୍ରୀ ପାଇଁ ୪୦% 'ସିନ୍ ଟ୍ୟାକ୍ସ' ସ୍ଲାବ୍ ପ୍ରବର୍ତ୍ତନ କରାଯାଇଛି। ନୂଆ ଗଠନ ୨୨ ସେପ୍ଟେମ୍ବର ୨୦୨୫ରୁ କାର୍ଯ୍ୟକାରୀ ହେବ। ଅର୍ଥ ମନ୍ତ୍ରୀ ସୀତାରମଣ କହିଛନ୍ତି, "ଆମେ ସ୍ଲାବ୍ ସଂଖ୍ୟା ହ୍ରାସ କରିଛୁ। ଏବେ କେବଳ ଦୁଇଟି ସ୍ଲାବ୍ ରହିବ ଏବଂ କମ୍ପେନସେସନ୍ ସେସ୍ ସମସ୍ୟାର ସମାଧାନ କରାଯାଉଛି।" ଏହି ପୁନର୍ଗଠନରେ କ୍ଷୀର, ପନୀର, ସ୍ନାକ୍ସ ଓ ରୁଟି ଭଳି ୧୭୫ଟି ଜନସାଧାରଣ ବ୍ୟବହାର୍ଯ୍ୟ ସାମଗ୍ରୀ ଶସ୍ତା ହେବ। ୧୨% ଟିକସ ଥିବା ୯୯% ସାମଗ୍ରୀ ଏବେ ୫% ସ୍ଲାବ୍‌ରେ ଏବଂ ୨୮% ଟିକସ ଥିବା ୯୦% ସାମଗ୍ରୀ ୧୮% ସ୍ଲାବ୍‌ରେ ସ୍ଥାନାନ୍ତରିତ ହେବ। ପାନ ମସଲା ଓ ତମାଖୁ ଭଳି ସୌଖୀନ ସାମଗ୍ରୀ ଉପରେ ୪୦% 'ସିନ୍ ଟ୍ୟାକ୍ସ' ଲାଗୁ ହେବ।

## ଯାଜପୁରରେ ପୁଣି ଝାଡାବାନ୍ତି ଆତଙ୍କ

ଭୁବନେଶ୍ୱର, ୩/୯ (ନି.ପ୍ର): ଯାଜପୁରରେ ପୁଣି ଝାଡାବାନ୍ତି ଆତଙ୍କ। ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ତଲୁଆ ଗାଁରେ ବ୍ୟାପିଲା ଡାଇରିଆ। ୧୦ ଜଣ ଆକ୍ରାନ୍ତ ହୋଇଥିବା ବେଳେ ଜଣେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ମୃତକଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କଟକ ଏସସିବିକୁ ଅଣାଯାଇଥିଲା। ଅନ୍ୟ ସମସ୍ତ ଆକ୍ରାନ୍ତ ସୁସ୍ଥ ଥିବା ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ଝାଡାବାନ୍ତିରେ କାରଣ ନେଇ ଯାଜପୁର ମେଡିକାଲ କଲେଜ ଟିମ ଓ ପାଖ ସିଏଚସି ଯାଂଚ କରୁଛନ୍ତି। ପାଣି ଓ ଝାଡା ନମୁନା ପରୀକ୍ଷା ପାଇଁ ନିଆଯାଇଛି।

## ଧାଡ଼ିଦର୍ଶନ ପ୍ରସ୍ତାବରେ ଶ୍ରୀମନ୍ଦିର ପରିଚାଳନା କମିଟିର ମୋହର: ଗଢ଼ାହେଲା ସୁରକ୍ଷା ସବ୍-କମିଟି

ପୁରୀ, ୩/୯ (ନି.ପ୍ର): ଧାଡ଼ିଦର୍ଶନ ପ୍ରସ୍ତାବରେ ବାଜିଲା ଶ୍ରୀମନ୍ଦିର ପରିଚାଳନା କମିଟିର ମୋହର। ନୂଆ କମିଟି ଗଠନ ପରେ ଆଜି ବସିଥିବା ପ୍ରଥମ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସହ ବ୍ୟବସ୍ଥାର ସୁପରିଚାଳନା ପାଇଁ ଏକ ୯ ଜଣିଆ କମିଟି ଗଢ଼ାଯାଇଛି। ସେହିପରି ଶ୍ରୀମନ୍ଦିର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ପ୍ରଥମଥର ପାଇଁ ଶ୍ରୀମନ୍ଦିର ସୁରକ୍ଷା ସବ୍ କମିଟି ଗଢ଼ାଯାଇଛି। ଯାହାର ଅଧକ୍ଷ ରହିଛନ୍ତି ପୂର୍ବତନ ସିଏଜି ଗିରିଶ ମୁର୍ମୁ। ସେହିପରି ତିରୁପତି ଢାଞ୍ଚାରେ ଶ୍ରୀମନ୍ଦିରକୁ ମଧ୍ୟ ଆର୍ଥିକ ଦୃଷ୍ଟିରୁ ସ୍ୱୟଂସଂପୂର୍ଣ୍ଣ କରିବା ଉପରେ ବି ଜୋର୍ ଦେଇଛି ପରିଚାଳନା କମିଟି। ଶ୍ରୀମନ୍ଦିର ପରିଚାଳନା କମିଟିର ନବକଳେବର ପରେ ଆଜି ବସିଥିବା ଏ ପ୍ରଥମ ବୈଠକ ଉପରେ ଥିଲା ସାରା ଜଗନ୍ନାଥ ପ୍ରେମୀଙ୍କ ନଜର। ପ୍ରଥମେ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧନା ପରେ

▶▶ପୃଷ୍ଠା ୭

## ବିହାରର ନୱାଦାରେ ଜଳାଶୟରେ ବୁଡ଼ିଯାଇ ୫ଜଣଙ୍କ ମୃତ୍ୟୁ

ନୱାଦା, ୩/୯: ବିହାରର ନୱାଦା ଜିଲ୍ଲାର ପକରବରଣବାଁ ଥାନା ଅନ୍ତର୍ଗତ ଦତରୌଲ ଗ୍ରାମରେ ବୁଧବାର ଦିନ ପାଞ୍ଚଜଣଙ୍କର ଏକ ଜଳାଶୟରେ ବୁଡ଼ି ମୃତ୍ୟୁ ହୋଇଛି। ପକରୀବରମା ଥାନା ଅନ୍ତର୍ଗତ ଦତରୌଲ ଗ୍ରାମରେ ଏହି ଅଘଟଣ ଘଟିଛି। ଗ୍ରାମର ଭଉଣୀ ଓ ମହିଳାମାନେ ନିଜ ଭାଇମାନଙ୍କର ସୁରକ୍ଷା ଓ ଦୀର୍ଘାୟୁ ପାଇଁ କରମା ପର୍ବ ପାଳନ କରୁଥିବା ବେଳେ ଏହି ଅଘଟଣ ଘଟିଛି।

## ବିଜେଡିରେ ପୁଣି ଜଣେ ଅସନ୍ତୁଷ୍ଟ ନେତାଙ୍କ ବିସ୍ଫୋରକ ବୟାନ: ଦଳ ଛାଡ଼ିବା ନେଇ ଦେଲେ ସଙ୍କେତ



ଭୁବନେଶ୍ୱର, ୨/୯ (ନି.ପ୍ର): ସାଧାରଣ ନିର୍ବାଚନରେ ଶୋଚନୀୟ ପରାଜୟ ଓ ତା'ପରବର୍ତ୍ତୀ ସାଂଗଠନିକ ପରିଚାଳନାକୁ ନେଇ ବିଜେଡିରେ ଘମାସନ ଲାଗି ରହିଛି। ପୁଣିଜଣେ ବରିଷ୍ଠ ନେତା ନିଜର ଅସନ୍ତୋଷ ବ୍ୟକ୍ତ କରିବା ସହ ବିଜେଡି ଛାଡ଼ିବା ନେଇ ପରୋକ୍ଷରେ ସଙ୍କେତ ଦେଇଛନ୍ତି। ଦଳର ବରିଷ୍ଠ ନେତା ଦେବାଶିଷ ସାମନ୍ତରାୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବଦ୍ରି ନାରାୟଣ ପାତ୍ର, ଅଶୋକ ପଣ୍ଡା ଓ ପ୍ରଫୁଲ୍ଲ ମଲ୍ଲିକଙ୍କ ପରେ ଭୂପିନ୍ଦର ସିଂ ଆଜି ସାଂଗଠନିକ ନେତୃତ୍ୱ ଓ ନୀତିକୁ ନେଇ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦଳ ଏବେ ତୃଣମୂଳସ୍ତରର ଲୋକ ଓ କର୍ମୀମାନଙ୍କ ଆଶାନୁରୂପ କାର୍ଯ୍ୟ କରୁନଥିବା ଓ ନେତୃତ୍ୱ ନେଉଥିବା ନିଷ୍ପତ୍ତି ଉପରେ ସେ ପ୍ରଶ୍ନବାଚୀ ଉଠାଇଛନ୍ତି। ବିଜେଡିର ବରିଷ୍ଠ ନେତା ଭୂପିନ୍ଦର ସିଂ ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବିଜେଡି ଏବେ ମୁଖ୍ୟ ବିରୋଧୀ ଦଳ ଭୂମିକା ଠିକ୍ ଭାବେ ନିର୍ବାହ

▶▶ପୃଷ୍ଠା ୭

## ଖୋଲୁଛି ଶକ୍ତି ରଞ୍ଜନଙ୍କ ସମ୍ପତ୍ତି ଗୁମର: ଚର୍ଚ୍ଚାରେ ପରିବାରର କାର ସଉକ୍

ଭୁବନେଶ୍ୱର, ୨/୯ (ନି.ପ୍ର): ଖୋଲୁଛି ଖଣି ମାଲିକ ଶକ୍ତିରଞ୍ଜନ ଦାଶଙ୍କ ଗୁମର। ପଦାକୁ ଆସୁଛି କୋଟି କୋଟି ଟଙ୍କା ସମ୍ପତ୍ତିର ରହସ୍ୟ। ଋଣ ଜାଲିଆତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଶିମଲା ବ୍ରାଞ୍ଚ୍ ଭୁବନେଶ୍ୱରରେ ରେଡ୍ କରି ଶକ୍ତିଙ୍କ ୧୩ଟି

▶▶ପୃଷ୍ଠା ୭



## ଧାଡ଼ି ବାନ୍ଧି ଆସୁଛି ଲଘୁଚାପ: ଶ୍ରାବଣର ଧାରାରେ ଲାଗୁନି ବ୍ରେକ୍

ଭୁବନେଶ୍ୱର, ୨/୯ (ନି.ପ୍ର): ବାରମ୍ବାର ଘୂର୍ଣ୍ଣିବଳୟ, ସୃଷ୍ଟି ହେଉଛି ଏକାଧିକ ଲଘୁଚାପ। କେବେ ବଙ୍ଗୋପସାଗରରେ, ତ କେତେବେଳେ ଆରବ ସାଗରରେ। ମୌସୁମୀ ସିଜିନରେ ସିରିଜ ଲୋ ପ୍ରେସର। ଗୋଟିଏ ନଯାଉଣୁ ଆଉ ଗୋଟିଏ ଦାନା ବାନ୍ଧୁଛି। କେତେବେଳେ ଯୋଡା ତ କେବେ ପଛକୁ ପଛ ଲଘୁଚାପ, ଅବପାତ ଆଉ ଗଭୀର ଅବପାତ। ବଙ୍ଗୋପସାଗର ସିଷ୍ଟମରେ ଗତ ୨୦ ଦିନରେ ସୃଷ୍ଟି ହୋଇଛି ୩ଟି ଲୋ ପ୍ରେସର। ଅଗଷ୍ଟ ୧୭ରେ ଆନ୍ଧ୍ର-ଓଡ଼ିଶା ଉପକୂଳରେ ଦାନା ବାନ୍ଧିଥିଲା ଲଘୁଚାପ। ଏହାର ୧୦ ଦିନ ଭିତରେ ଅଗଷ୍ଟ ୨୬ରେ ଆଉ ଗୋଟିଏ ସୃଷ୍ଟି ହୋଇଥିଲା। ସପ୍ତାହେ ବିତିନି ଏବେ ପୁଣି ଲଘୁଚାପ ସକ୍ରିୟ ହୋଇଛି। ଗଲା ତିନି ମାସ ହେବ ଧାରା ଶ୍ରାବଣର ଧାରାରେ ଯେମିତି ବ୍ରେକ୍ ଲାଗୁନି। ପାଣିପାଗ ବିଭାଗ ତଥ୍ୟ କହୁଛି ଚଳିତ ବର୍ଷ ମେ ୨୮ରେ ମୌସୁମୀ ବାୟୁ ଓଡ଼ିଶାରେ ସକ୍ରିୟ ହୋଇଥିଲା। ସେବେଠାରୁ ଆଜି ସୁଦ୍ଧା ୧୨ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଗତ ୫ ବର୍ଷର ତଥ୍ୟ କହୁଛି, ୨୦୨୦ ମୌସୁମୀ ସିଜିନରେ ରାଜ୍ୟରେ ୭ଟି ଲଘୁଚାପର ପ୍ରଭାବ ରହିଥିଲା। ୨୦୨୧ରେ ୯ଟି, ୨୦୨୨ରେ ୧୨,

▶▶ପୃଷ୍ଠା ୭

## ସିଏଏରେ ବଡ଼ ସଂଶୋଧନ: ଭାରତରେ ରହିପାରିବେ ପଡ଼ୋଶୀ ଦେଶର ସଂଖ୍ୟାଲଘୁ ଶରଣାର୍ଥୀ




ନୂଆଦିଲ୍ଲୀ,୩/୯ : ଧାର୍ମିକ ନିର୍ଯାତନାର ଶିକାର ହୋଇ ଭାରତରେ ଶରଣ ନେଇଥିବା ଆଫଗାନିସ୍ତାନ, ବାଂଲାଦେଶ ଏବଂ ପାକିସ୍ତାନର ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛନ୍ତି କେନ୍ଦ୍ର ସରକାର। ଗୃହ ମନ୍ତ୍ରଣାଳୟର ଏକ ନିର୍ଦ୍ଦେଶାଳୟରେ କୁହାଯାଇଛି ଯେ ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ପାର୍ସୀ ଏବଂ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଯେଉଁ ଲୋକମାନେ ୨୦୨୪ ଡିସେମ୍ବର ୩୧ ସୁଦ୍ଧା ଭାରତ ଆସିଛନ୍ତି, ସେମାନଙ୍କୁ ପାସ୍‌ପୋର୍ଟ କିମ୍ବା ଅନ୍ୟାନ୍ୟ ଟ୍ରାଭେଲ୍ ଡକ୍ୟୁମେଣ୍ଟ୍ ବିନା ମଧ ଦେଶରେ ରହିବାକୁ ଅନୁମତି ଦିଆଯିବ। କେନ୍ଦ୍ର ସରକାର ଏହି ଆଦେଶ ଇମିଗ୍ରେସନ୍ ଏବଂ ଫରେନର୍ସ ଆକ୍ଟ, ୨୦୨୫ ଅନୁଯାୟୀ ଜାରି କରିଛନ୍ତି। ଏହା ଅଧୀନରେ ସେହି ଲୋକମାନଙ୍କୁ ଆଶ୍ୱସ୍ତି ମିଳିବ ଯେଉଁମାନେ ବୈଧ ପାସପୋର୍ଟ ଏବଂ ବିନା ଭିସାରେ ଭାରତ ଆସିଛନ୍ତି କିମ୍ବା ଯେଉଁମାନଙ୍କ ଡକ୍ୟୁମେଣ୍ଟର ବୈଧତା ଶେଷ ହୋଇସାରିଛି। ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶରେ କୁହାଯାଇଛି ଯେ ଯେଉଁ ଲୋକମାନେ ଧାର୍ମିକ ନିର୍ଯାତନା କିମ୍ବା ତା'ର ଭୟରେ ଭାରତ ଆସିଛନ୍ତି ଏବଂ ୨୦୨୪ ଡିସେମ୍ବର ୩୧ ସୁଦ୍ଧା ଦେଶରେ ପ୍ରବେଶ କରିଛନ୍ତି, ସେମାନଙ୍କୁ ପାସପୋର୍ଟ ଏବଂ ଭିସା ନିୟମରୁ ବାଦ ଦିଆଯିବ। ସିଏଏ ଗତ ବର୍ଷଠାରୁ ଲାଗୁ ହୋଇଥିଲା। ଏହି ଅଧୀନରେ ଆଫଗାନିସ୍ତାନ, ବାଂଲାଦେଶ ଏବଂ ପାକିସ୍ତାନର ସଂଖ୍ୟାଲଘୁ ସମ୍ପ୍ରଦାୟ ଯେପରି ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ପାର୍ସୀ ଏବଂ ଖ୍ରୀଷ୍ଟିଆନ ବ୍ୟକ୍ତିବିଶେଷ ଯଦି ୨୦୨୪ ଡିସେମ୍ବର ୩୧ ସୁଦ୍ଧା ଭାରତ ଆସିଛନ୍ତି, ତେବେ ସେମାନଙ୍କୁ ଭାରତୀୟ ନାଗରିକତା ପ୍ରଦାନ କରିବାକୁ ବ୍ୟବସ୍ଥା ରହିଛି। ଅନେକ ଲୋକ ୨୦୧୪ ପରେ ମଧ ଧାର୍ମିକ ନିର୍ଯାତନାରୁ ରକ୍ଷା ପାଇବା ପାଇଁ ଭାରତ ଆସିଥିଲେ। ଏଥିମଧ୍ୟରେ ବିଶେଷ କରି ପାକିସ୍ତାନରୁ ଆସିଥିବା ହିନ୍ଦୁଙ୍କ ସଂଖ୍ୟା ଅଧିକ। ଏହିପରି ଲୋକଙ୍କ ପାଇଁ ଏହି ଆଦେଶ ଏକ ବଡ଼ ଆଶ୍ୱସ୍ତି ନେଇ ଆସିଛି, କାରଣ ବର୍ତ୍ତମାନ ସେମାନଙ୍କୁ ଦେଶରେ ରହିବା ପାଇଁ ପାସପୋର୍ଟ କିମ୍ବା ଭିସାର ବୈଧତା ଦେଖାଇବାକୁ ପଡିବ ନାହିଁ।

# ଅପରେସନ୍ ଅନ୍ୱେଷଣରେ ପୁରୀ ପୋଲିସ ରାଜ୍ୟରେ ପ୍ରଥମ

ପୁରୀ, ୩/୦୯ (ନି.ପ୍ର): ରାଜ୍ୟ ପୋଲିସ ପକ୍ଷରୁ ଚାଲିଥିବା ଅପରେସନ ଅନ୍ୱେଷଣ କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ପୋଲିସ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଗୌରବ ଆଣିଦେଇଛି । ୫ ଦିନରେ ୪୫ ଶିଶୁଙ୍କୁ ପୁରୀ ପୋଲିସ ଉଦ୍ଧାର କରିଛି । ୫୦୪ ମହିଳାଙ୍କୁ ଉଦ୍ଧାର କରି ପୁରୀ ପୋଲିସ ବଡ ସଫଳତା ପାଇପାରିଛି । ଜନ ସାଧାରଣଙ୍କ ସୁରକ୍ଷା, କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ । ଏହି କାର୍ଯ୍ୟକ୍ରମରେ ପୁରୀ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଅପରେସନ୍ ଅନ୍ୱେଷଣ ଚାଲୁଅଛି । ଏହି ଅଭିଯାନରେ ହଜି ଯାଇଥିବା ଶିଶୁ ଓ ମହିଳାଙ୍କୁ ଉଦ୍ଧାର କରି ସୁରକ୍ଷିତ ଭାବେ ରଖିବା ମୁଖ୍ୟ ଉଦ୍ଦେଶ୍ୟ ରହିଛି । ଏହା ଅଭିଯାନରେ ପୁରୀ ଜିଲ୍ଲାର ସବୁ ଥାନା ସହ ସ୍ୱତନ୍ତ୍ର ଟିମ ଅଂଶଗ୍ରହଣ କରିଥିଲେ । ପୁରୀ ପୋଲିସ ଜିଲ୍ଲା ଓ ରାଜ୍ୟ ବାହାରୁ ମଧ ଶିଶୁ ଓ ମହିଳାଙ୍କୁ ଉଦ୍ଧାର କରିଛି । ବିବାହ ବିବାଦ, ଅର୍ଥନୈତିକ ସମସ୍ୟା ଓ ସାମାଜିକ କାରଣରୁ ୫୦୪ ମହିଳା ନିଖୋଜ ହୋଇଥିଲେ । ସେମାନଙ୍କୁ ଉଦ୍ଧାର କରି ପରିବାର ଜିମା ଦେଇଛି । ଏହି ଅଭିଯାନରେ ମହିଳା ଓ ଶିଶୁ ସେଲ୍, ସାଇବର ପୋଲିସ୍ ଓ କ୍ରାଇମ୍ ବ୍ରାଂଚର ସହଯୋଗ କରିଥିଲେ। ଏହି ଅଭିଯାନର ସଫଳତାର ପଛରେ ଡିଜିଟାଲ୍ ଟ୍ରାକିଂ, ସରଭିଲାନ୍ସ, ସ୍ଥାନୀୟ ଗୁପ୍ତ ସୂଚନା ଓ ଇଂଟର-ଷ୍ଟେଟ୍ ସମନ୍ୱୟ କାର୍ଯ୍ୟକୁଶଳ ବ୍ୟବହାର କରାଯାଇଥିଲା ।

ଏ ସଂପର୍କରେ ଏସପି ପ୍ରତୀକ ସିଂଙ୍କ କୁହନ୍ତି, ଅପରେସନ୍ ଅନ୍ୱେଷଣ କେବଳ ସଂଖ୍ୟାର ସଫଳତା ନୁହେଁ, ଏହା ହେଉଛି ବିଶ୍ୱାସ ପୁର୍ନସ୍ଥାପନ, ପରିବାର ପୁର୍ନମିଳନ ଏବଂ ମହିଳା ଓ ଶିଶୁଙ୍କ ମର୍ଯ୍ୟାଦା ସୁରକ୍ଷାର ପ୍ରତୀକ । ଏହି ସଫଳତା, ସମାଜ ପାଇଁ ପୁରୀ ପୋଲିସ୍ ର ଅତୁଟ ସଙ୍କଳ୍ପର ପ୍ରତିଛବି । ଏହି ଅଭିଯାନରେ ଉପକୃତ ହୋଇଥିବା ଶିଶୁ ଓ ମହିଳାଙ୍କ ପରିବାର ପୋଲିସର ଏତାଦୃଶ କାର୍ଯ୍ୟ ପାଇଁ କୃତଜ୍ଞତା ଜଣାଇଛନ୍ତି । ଶିଶୁମାନଙ୍କୁ ଚାଇଲ୍ଡ ଲାଇନ୍ / ଚାଇଲ୍ଡ ୱେଲଫେର କମିଟି ସହିତ ସମନ୍ୱୟରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି । ମହିଳାମାନଙ୍କୁ ଆବଶ୍ୟକ ସହଯୋଗ, ଆଇନଗତ ସହାୟତା ଓ ସୁରକ୍ଷା ପ୍ରଦାନ କରାଯାଇଛି । ପୁରୀ ପୋଲିସ ଅପରେସନ୍ ଅନ୍ୱେଷଣକୁ ନିରନ୍ତର ପ୍ରୟାସ ଭାବରେ ଚଳାଇବାକୁ ସଙ୍କଳ୍ପବଦ୍ଧ । ସମୟାନୁସାରେ ବିଶେଷ ଅଭିଯାନ ପ୍ରଚଳିତ ହେବା ସହିତ ଜନସାଧାରଣଙ୍କ ସହିତ ବିଶ୍ୱାସ ବୃଦ୍ଧି, ପ୍ରତିରୋଧମୂଳକ ବ୍ୟବସ୍ଥା, ସଚେତନତା କାର୍ଯ୍ୟକ୍ରମ ଏବଂ ଆଧୁନିକ ପ୍ରଯୁକ୍ତିର ବ୍ୟବହାରକୁ ଅଧିକ ସୁଦୃଢ଼ କରାଯିବ ବୋଲି ପୁରୀ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

# ବଦଳିଲେ ପାଣିକୋଇଲି ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ: ଉପଭୋକ୍ତା ଓ କର୍ମଚାରୀଙ୍କ ମନରେ ଆଶ୍ୱସ୍ତି

କୋରେଇ, ୩/୦୯ (ନି.ପ୍ର): ଯାଜପୁର ରୋଡ଼ ବିଦ୍ୟୁତ ସର୍କଲ ଅନ୍ତର୍ଗତ ଧବଳଗିରି ସବଡ଼ିଭିଜନ ତଥା ପାଣିକୋଇଲି ଉପଖଣ୍ଡ ଅଧିନରେ ଥିବା ପାଣିକୋଇଲି ବିଦ୍ୟୁତ ସେକ୍ସନର କନିଷ୍ଠ ଯନ୍ତ୍ରୀ ଜତୀନ ସାହୁଙ୍କର ଧବଳଗିରି ସବଡ଼ିଭିଜନକୁ ବଦଳି ହୋଇଛି। ଶ୍ରୀ ସାହୁଙ୍କ ସ୍ଥାନରେ ଏହି ସବଡ଼ିଭିଜନ ଅନ୍ତର୍ଗତ ଦଳା ସେକ୍ସନର କନିଷ୍ଠ ଯନ୍ତ୍ରୀ ଥିବା ସୁବ୍ରତ କୁମାର ଚକ୍ର ଅତିରିକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ପ୍ରକାଶ ଥାଉକି ଉକ୍ତ କନିଷ୍ଠ ଯନ୍ତ୍ରୀ ଶ୍ରୀ ସାହୁ ନିଜ ଅଧସ୍ତନ କର୍ମଚାରୀଙ୍କ ସହିତ ଉପଭୋକ୍ତା ମାନଙ୍କୁ ଦୁଃବ୍ୟବହାର ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା ବେଳେ ସେ ବିବାଦୀୟ ଥିଲେ । । ଏପରିକି ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ ଓ ଟାଟା କମ୍ପାନୀର ସିଇଓ ନିକଟରେ ଯନ୍ତ୍ରୀଙ୍କ ବିରୁଦ୍ଧରେ ସ୍ଥାନୀୟ ଜନସାଧାରଣ ଅଭିଯୋଗ ଦାଖଲ କରିଛନ୍ତି। ତେବେ ଉକ୍ତ ବିବାଦିୟ ଜେଇ ଶ୍ରୀ ସାହୁଙ୍କ ସ୍ଥାନରେ ଶ୍ରୀ ଚକ୍ର ଅତିରିକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିବା ସହିତ ଉପଭୋକ୍ତା ମାନଙ୍କୁ ଉପଯୁକ୍ତ ବିଦ୍ୟୁତ ସେବା ଯୋଗାଇଦେବା ମୋର ପ୍ରାଥମିକତା ହେବ ବୋଲି ଶ୍ରୀ ଚକ୍ର ଜଣାଇଛନ୍ତି। ଶ୍ରୀ ଚକ୍ର ଦାୟିତ୍ୱ ଗ୍ରହଣ କରିବା ପରେ ପାଣିକୋଇଲି ବିଦ୍ୟୁତ ଉପଖଣ୍ଡ ଅଧିକାରୀ ଅସିତ ଅମିତାଭ ଧଳ ତାଙ୍କୁ ସ୍ୱାଗତ କରିଥିଲେ। ଶ୍ରୀ ସାହୁଙ୍କ ବଦଳି ପରେ କର୍ମଚାରୀ ଓ ଉପଭୋକ୍ତାଙ୍କ ମହଲରେ ଆନନ୍ଦ ଖେଳି ଯାଇଛି।

# ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମହାସଭାର ସ୍ୱତନ୍ତ୍ର ଅଧିବେଶନ

ବଲାଙ୍ଗିର, ୩/୦୯ (ନି.ପ୍ର): ସ୍ଥାନୀୟ ନରସିଂହ ମନ୍ଦିର ପରିସରରେ ଜିଲ୍ଲା ବ୍ରାହ୍ମଣ ମହାସଭାର ଏକ ସ୍ୱତନ୍ତ୍ର ଅଧିବେଶନରେ କାମଚଳା ସଭାପତି ଅନୁପସ୍ଥିତ ଥିବା ଯୋଗୁଁ ବରିଷ୍ଠ ସଭ୍ୟ ଲୋକନାଥ ନେପାକଙ୍କ ଅଧକ୍ଷତାରେ ଏବଂ ବରିଷ୍ଠ ଉପଦେଷ୍ଟା ନୀଳମଣି ମିଶ୍ରଙ୍କ ଉପସ୍ଥିତି ରେ ହୋଇଅଛି । ଉକ୍ତ ସଭାରେ ସଂପାଦକ ଜୟରାମ ମିଶ୍ର ପୂର୍ବ ଅଧିବେଶନର ଅଧିବେଶନ ପାଠ କରିଥିଲେ । ଏହା ସର୍ବସମ୍ମତିକ୍ରମେ ଗୃହିତ ହୋଇଥିଲା । ଆସନ୍ତା ତା.୦୪.୦୯.୨୦୨୫ ଦିନ ଭଗବାନ ବାମନ ଜୟନ୍ତୀ ମହାସମାରୋହରେ ପାଳନ କରିବା ପାଇଁ ସ୍ଥିର ହେଲା । ଏହି ଜୟନ୍ତି ପାଳନ ଉପଲକ୍ଷେ ପଣ୍ଡିତ ଗୋକୁଳା ନନ୍ଦ ମିଶ୍ର, ପଣ୍ଡିତ ସନ୍ତୋଷ କୁମାର ଶତପଥି, ବରିଷ୍ଠ ସଭ୍ୟ ଶିବ ଶଙ୍କର ଖୁଆସ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପାଳନ କରିବା ପାଇଁ ସ୍ଥିର ହେଲା । ବିଘ୍ନରାଜ ମିଶ୍ର ସସ୍ତ୍ରିକ କର୍ତ୍ତା ରୂପେ ବସିବା ପାଇଁ ସ୍ୱିକୃତି ପ୍ରଦାନ କଲେ । ଆସନ୍ତା ଅକ୍ଟୋବର ମାସରେ ବର୍ତ୍ତମାନ କାର୍ଯ୍ୟକର୍ତ୍ତାଙ୍କ କାର୍ଯ୍ୟାକାଳ ସରିଯାଇଥିବାରୁ ନିଳମଣି ମିଶ୍ର, ସଂପାଦକ ଜୟରାମ ମିଶ୍ର, କୋଷାଧକ୍ଷ ପର୍ଶୁରାମ ନାୟକଙ୍କ ତତ୍ତ୍ୱାବଧାନରେ ନୂତନ କମିଟି ଗଠନ କରିବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରାଗଲା । କାମଚଳା ସଭାପତିଙ୍କ ନାମରେ ବିଭିନ୍ନ ଅଭିଯୋଗମାନ ଅନେକ ସଭ୍ୟ / ସଭ୍ୟା ଆଗତ କରିଥିଲେ । ଯଥା ମନମୁଖି କାର୍ଯ୍ୟ, ସଂଘ ବିରୋଧି, ଜିଲ୍ଲା ତଥା ରାଜ୍ୟ ବ୍ରାହ୍ମଣ ମହାସଭାକୁ ହେୟଜ୍ଞାନ କରି ଅବମାନନା କରିବା, ନିଜେ ସାମ୍ବିଧାନିକ ମୁଖ୍ୟ ପଦବୀରେ ଥାଇ ଅନ୍ୟ ସଂଗଠନରେ ଯୋଗ ଦେବା, ସଭାମାନଙ୍କରେ ଅନୁପସ୍ଥିତ ରହିବା ଯୋଗୁଁ ଉକ୍ତ ସଭା ତାଙ୍କର ବିଭିନ୍ନ କାର୍ଯ୍ୟକଳାପ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ପର୍ଯ୍ୟାଲୋଚନା କ୍ରମେ ସର୍ବସମ୍ମତିକ୍ରମେ ସିଦ୍ଧାନ୍ତରେ ଉପନିତ ହୋଇ ତାଙ୍କ ପଦବିରୁ ଅବ୍ୟାହତି ଦିଆଗଲା ବୋଲି ବ୍ରାହ୍ମଣ ମହାସଭା ନିଷ୍ପତ୍ତି ନେଲା । ସଭାରେ ସିଦ୍ଧେଶ୍ୱର ପାଣିଗ୍ରାହି, ଇଂ. କିଶୋର ମିଶ୍ର, ଦିବାକର ହୋତା, ସର୍ଜନ ଆଚାର୍ଯ୍ୟ, ରାକେଶ ପଣ୍ଡା, ପଣ୍ଡିତ ସନ୍ତୋଷ ଶତପଥି, ଜଗଶିତ ପ୍ରସାଦ ନାଥ, ଗଙ୍ଗାଧର ଚାନ୍ଦ, ରଂଜିତା ପାଣିଗ୍ରାହି, ନିହାରିକା ମିଶ୍ର, ରାଜଶ୍ରୀ ତ୍ରିପାଠି, ଧର୍ମପ୍ରସାଦ ଆଚାର୍ଯ୍ୟ, ପ୍ରଦୀପ କୁମାର ଖମାରୀ, ମଧୁସୁଦନ ନାୟକ, ମନୋରଂଜନ ପୁରୋହିତ, ଆନନ୍ଦ କୁମାର ଖୁଆସ, ରାଜେଶ ମିଶ୍ର, ଦେବାଶିଷ ପୁରୋହିତ, ରାଜେନ୍ଦ୍ର ମିଶ୍ର, ଅନନ୍ତ ଆଚାର୍ଯ୍ୟ, ରାମ ଶତପଥି, ସୁବ୍ରତ ମିଶ୍ର, ବିଘ୍ନରାଜ ମିଶ୍ର, ହରେରାମ ପାଣିଗ୍ରାହି, ଶ୍ୟାମ ସୁନ୍ଦର ଗୁରୁ, ସୁବାଷ ଶତପଥି, ରାମଚନ୍ଦ୍ର ଦାଶ, କମ୍ବୁପାଣି ପୁଝାରୀ, ଗରିଶ ପଣ୍ଡା, ସାଗର ସଂଗମ ଶତପଥି, ନଗର ସଭାପତି ତଥା କାର୍ଯ୍ୟକାରୀ ସଭାପତି ରାଜ୍ୟ ପର୍ଶୁରାମ ବାହିନି ନରେନ୍ଦ୍ର ଆଚାର୍ଯ୍ୟ ସମେତ ଅନେକ ସଭ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଜୟରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ପଟିଆ ଅହଲ୍ୟା ନଗରରେ କୃତ୍ରିମ ବନ୍ୟା

ଭୁବନେଶ୍ୱର, ୩/୦୯ (ନି.ପ୍ର): ଭୁବନେଶ୍ୱରର ପଟିଆ ଅହଲ୍ୟା ନଗରରେ କୃତ୍ରିମ ବନ୍ୟା ପରିସ୍ଥିତି ଉତ୍ପନ୍ନ ହୋଇଛି । ଏହି ଅଂଚଳରେ ଡ୍ରେନ ବନ୍ଦ୍ ହେବାରୁ ବନ୍ୟା ଜଳରେ ଅହଲ୍ୟା ନଗର ବୁଡି ଯାଇଥିବା ଦେଖିବାକୁ ମିଳିଛି ।

ଏହି କାରଣରୁ ବନ୍ୟା ପାଣିରେ ମହିଳା ଫସି ଯାଇଥିଲେ । କାର ସେନ୍ସର୍ ବନ୍ଦ୍ ହେବାରୁ ଡୋର ଖୋଲିଲାନି । ମହିଳା ଜଣଙ୍କ କୃତ୍ରିମ ବନ୍ୟାରେ କାର ଭିତରେ ଦେଢ଼ ଘଂଟା ଫସି ରହିଥିଲେ । ଘଟଣା ସ୍ଥଳରେ ଚନ୍ଦ୍ରଶେଖରପୁର ଅଗ୍ନିଶମ ବିଭାଗ ଟିମ୍ ପହଁଚି ମେସିନ୍ ଲଗାଇ ୱାଟର ଲଗିଂ ସମସ୍ୟାର ସମାଧାନ କରିବା ସହ ମହିଳାଙ୍କୁ ଉଦ୍ଧାର କରିଛନ୍ତି ।

# ବେଆଇନ ଗୋଚାଲାଣ କଂଟେନର ଜବତ : ଚାଳକ ଓ ମାଲିକ ଫେରାର୍

ଧର୍ମଶାଳା, ୩/୦୯ (ନି.ପ୍ର): ଯାଜପୁର ଜିଲା ବଡଚଣା ପୋଲିସକୁ ବଡ ସଫଳତା । ସୋମବାର ବିଳମ୍ବିତ ରାତିରେ ଏକ ବେଆଇନ ଗୋଚାଲାଣ କଂଟେନରକୁ ଜବତ କରିଛି ପୋଲିସ । କଂଟେନରଟି ବାଲିଚନ୍ଦ୍ରପୁର ଥାନା ଅଧିନ ଚାରିନଙ୍ଗଳ ଅଂଚଳରୁ ବୋଝେଇ କରି କୋଲକାତା ଅଭିମୁଖେ ଆସୁଥିବା ବେଳେ ବଡଚଣା ଥାନା ଅଧିକାରିଣୀ ମଧୁସ୍ମିତା ବେହେରା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବେଣାପୁର ଅଂଚଳରୁ ତଲାସୀ ଆରମ୍ଭ କରିଥିଲେ । ଜବତ ସମୟରେ ଡ୍ରାଇଭର ଓ ମାଲିକ କଂଟେନର ଛାଡି ଫେରାର ହୋଇ ଯାଇଛନ୍ତି । ପୋଲିସ ଯୁପି ନମ୍ବର କଂଟେନରକୁ ଥାନାକୁ ଆଣି କଂଟେନର ଭିତରେ ଥିବା ୩୦ଟି ମୃତ ଓ ୧୯ଟି ଜୀବିତ ଗାଈଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ଗୁରୁତର ଗାଈମାନଙ୍କର ତୁରନ୍ତ ଚିକିତ୍ସା କରାଯାଇଥିଲା । ଏତେ ସଂଖ୍ୟକ ମୃତ ଗାଈ ମରିବା ଘଟଣାକୁ ନେଇ ଥାନା ଅଧିକାରିଣୀ ଭାବ ବିହ୍ୱଳ ହୋଇ ଯାଇଥିଲେ । ଏହି ଘଟଣା ପ୍ରଚାରିତ ହେବା ପରେ ଆଜି ସକାଳୁ ଶହଶହ ଲୋକେ ଥାନା ନିକଟରେ ପଂହଚି ଥିଲେ । ଥାନା ଅଧିନସ୍ଥ ଖଇରା ନିକଟସ୍ଥ ପାହାଡ ପାଦଦେଶରେ ମୃତ ଗାଈ ଗୁଡିକୁ ପୋତି ଦିଆଯାଇଥିଲା । ଗାଡି ନମ୍ବରକୁ ଯାଂଚ କରାଯାଉଛି । ଏବଂ କେଉଁ ସ୍ଥାନରୁ କିଏ ଓ କେଉଁ ଅଂଚଳକୁ ଯାଉଥିଲା ତାହା ତଦନ୍ତ ଚାଲିଛି । ଗାଡି ମାଲିକ ଓ ବ୍ୟବସାୟୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରିଣୀ ଶ୍ରୀମତି ବେହେରା ସୂଚନା ଦେଇଛନ୍ତି । ସୂଚନା ଥାଉକି, ବଡଚଣା ଥାନା ଅଧିକାରିଣୀ ମଧୁସ୍ମିତା ବେହେରା ଯୋଗ ଦେବାର ୪ ମାସ ଭିତରେ ୧୧ଟି ବେଆଇନ ଗୋଚାଲାଣ କରୁଥିବା ଗାଡିକୁ ଜବତ କରିବାରେ ଯାଜପୁର ଜିଲାରେ ବଡ ସଫଳତା ପାଇଥିଲେ । ଅନ୍ୟପକ୍ଷରେ ବାଲିଚନ୍ଦ୍ରପୁର ଥାନା ଅଂଚଳରୁ ଏଭଳି ବେଆଇନ ଗୋଚାଲାଣ ହେଉଥିବା ଖବର ନ ଥିବା ବେଳେ ବଡଚଣା ଥାନା ଅଂଚଳରୁ ଗାଡି ଜବତ ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଯାହାକି ଅନ୍ୟ ଥାନାର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଥାନା ଅଧିକାରିଣୀ ଏଭଳି ବେଆଇନ ଗୋଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ ନେଉଥିବାରୁ ତାଙ୍କ ବିରୋଧରେ ଗୋମାଫିଆ ଓ ଦଲାଲମାନେ ତାଙ୍କ ବିରୋଧରେ ଷଡଯନ୍ତ୍ର କରି ଏଠାରୁ ବଦଳି ପାଇଁ ଲାଗି ପଡିଛନ୍ତି । ତେବେ ଆଜିର ଘଟଣାକୁ ନେଇ ଏତେ ସଂଖ୍ୟକ ମୃତ ଓ ଜୀବିତ ଅବସ୍ଥାରେ ଗାଈ ଉଦ୍ଧାର କରିଥିବାରୁ ଥାନା ଅଧିକରିଣୀଙ୍କୁ ସ୍ଥାନୀୟ ଅଂଚଳବାସୀ ସାଧୁବାଦ ଜଣାଇଛନ୍ତି ।

# ବଡଚଣା ବ୍ଲକ ତାଲୁଆ ଅଂଚଳରେ ବ୍ୟାପୁଛି ଝାଡ଼ାବାନ୍ତି

ଧର୍ମଶାଳା, ୩/୦୯ (ନି.ପ୍ର): ଯାଜପୁର ଜିଲାରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ହୋଇଥିଲା । ଜିଲାର ଧର୍ମଶାଳା ବ୍ଲକରେ ଏହି ଝାଡାବାନ୍ତି ବ୍ୟାପି ପୁରା ଜିଲାକୁ ଆକ୍ରାନ୍ତ କରିଥିଲା । ଏହି ଝାଡାବାନ୍ତି ଆକ୍ରାନ୍ତରେ କିଛି ଲୋକଙ୍କ ଜୀବନ ଯାଇଥିଲା । ଏହି ଘଟଣାର କାରଣ ଖୋଜିବା ପାଇଁ କେନ୍ଦ୍ରୀୟ ଟିମ୍ ଯାଜପୁର ଜିଲାରେ ପଂହଚି ତଦନ୍ତ ଆରମ୍ଭ କରିଥିଲା । ମାସ ପୂର୍ବେ ଝାଡାବାନ୍ତିରେ ରୋକ ଲାଗିବା ପରେ ଏବେ ଜିଲାର ବଡଚଣା ବ୍ଲକ ତାଲୁଆ(ବାଲିକୁଦା) ୧୨ ନମ୍ବର ୱାର୍ଡ ଅଂଚଳରେ ଝାଡାବାନ୍ତି ବ୍ୟାପୁଥିବା ବେଳେ ଅନେକ ରୋଗୀ ବିଭିନ୍ନ ମେଡିକାଲରେ ଭର୍ତି ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି । ତେବେ ଜଣେ ଗୁରୁତରଙ୍କର ଗତ କାଲି କଟକ ମେଡିକାଲରେ ମୃତ୍ୟୁ ହୋଇ ଯାଇଥିବା ବେଳେ କିଛି ଗୁରୁତର ସେଠାରେ ଚିକିତ୍ସାଧୀନ ଅଛନ୍ତି । ଏହି ୱାର୍ଡର କାବୁଲି ମଳିକଙ୍କ ପତ୍ନୀ ଝରଣା କଟକରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ଯାହାକୁ ନେଇ ଅଂଚଳବାସୀ ଭୟଭିତ ହୋଇ ପଡିଛନ୍ତି । ତେବେ ଏହି ଘଟଣାକୁ ନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଏକ ଚିକିତ୍ସକ ଦଳ ଉକ୍ତ ୱାର୍ଡରେ ପଂହଚି ପାନୀୟ ଜଳ ସଂଗ୍ରହ କରି ପରୀକ୍ଷା ପାଇଁ ନେଇଥିବା ବେଳେ କୂଅମାନଙ୍କରେ ବ୍ଲିଂଚିଙ୍ଗ ପାଉଡରରେ ବିଶୋଧନ, ସମସ୍ତ ପରିବାରକୁ ଓଆରଏସ୍ ବଂଟନ କରାଯାଇଛି । ତାହା ସହିତ ପାଣିକୁ ଗରମ ଓ ଗରମ ରନ୍ଧା ଖାଦ୍ୟ ଖାଇବାକୁ ସମସ୍ତ ପରିବାରଙ୍କୁ ପରାମର୍ଶ ଦିଆଯାଇଛି ।

# ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀଙ୍କୁ ଶିଶୁ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ସେବା ତାଲିମ

ପୁରୀ, ୩/୦୯ (ନି.ପ୍ର): ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ପୁରୀଙ୍କ ଜିଲ୍ଲା ସମ୍ମିଳନୀ କକ୍ଷଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ପ୍ରଶାସନ ତରଫରୁ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀଙ୍କୁ ଶିଶୁ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ସେବା ଓ ଯୋଜନା ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ବିଭାଗ ଓ ଶିଶୁ ସୁରକ୍ଷା ବିଭାଗର ସମନ୍ୱୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଅକ୍ଷୟ କୁମାର ଶତପଥୀ ଯୋଗ ଦେଇ କହିଥିଲେ ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କ ସ୍ୱାସ୍ଥ୍ୟ ଠିକ ରହିଲେ ଦେଶ ଆଗକୁ ବଢିବ। ଏଣୁ ସ୍ୱାସ୍ଥ୍ୟ ବିଭାଗରେ ଥିବା ସମସ୍ତ ସ୍ୱାସ୍ଥ୍ୟସେବା ଗୁଡିକ ବିଷୟରେ ଜାଣି ଆବଶ୍ୟକତା ଅନୁସାରେ ଶିଶୁ ଯତ୍ନ ଅନୁଷ୍ଠାନରେ କାର୍ଯ୍ୟ କରିବା ଜରୁରୀ। ଡଃ ଅଜିତ କୁମାର ମହାପାତ୍ର, ଅଧକ୍ଷ, ଶିଶୁ ମଙ୍ଗଳ ସମିତି, ପୁରୀ କହିଥିଲେ ଯେ, ସ୍ୱାସ୍ଥ୍ୟ ବିଭାଗ ଓ ଶିଶୁ ସୁରକ୍ଷା ବିଭାଗ ଉଭୟ ପରିପୂରକ। ଆମ ପାଖକୁ ଆସୁଥିବା ଶିଶୁମାନେ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହେବା ସ୍ୱାଭାବିକ। ସେମାନଙ୍କୁ ତୁରନ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ହେଉଛି ଆମର ଦାୟିତ୍ୱ। ଏଣୁ ସ୍ୱାସ୍ଥ୍ୟବିଭାଗର ସହଯୋଗର ଆବଶ୍ୟକତା ପଡେ। ଏଣୁ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନ ସ୍ୱାସ୍ଥ୍ୟ ବିଭାଗ ସହ ନିରନ୍ତର ସମ୍ପର୍କ ରଖିବା ଆବଶ୍ୟକ। ଅନ୍ୟ ଅତିଥି ଓ ତାଲିମଦାତାଙ୍କ ମଧ୍ୟରେ ଶିଶୁ ରୋଗ ବିଶେଷଜ୍ଞ ଡ଼ଃ ସୂର୍ଯ୍ୟ ନାରାୟଣ ମିଶ୍ର ତୁରନ୍ତ ଚିକିତ୍ସା ବା ଫାଷ୍ଟ ଏଡ, ଏହାର ପରିଚାଳନା ତଥା ରକ୍ଷଣାବେକ୍ଷଣା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ କ୍ଷ ଏହା ସହିତ ଖଣ୍ଡିଆ ଖାବରା, ପୋଡାଜଳା, ସାପ କାମୁଡା, ବାତ ମାରିବା ସମୟରେ ତୁରନ୍ତ ଚିକିତ୍ସା ବିଷୟରେ ଆଲୋଚନା କରିଥିଲେ। ଡ଼ଃ ଶିଳ୍ପୀ ଦାସ, ସଂକ୍ରମକ ରୋଗ ବିଶେଷଜ୍ଞ ଓ ସହଯୋଗୀ ଉମାକାନ୍ତ ରାଉତ ଇ ସଞ୍ଜିବନୀ, ଟେଲି ପରାମର୍ଶ ସମ୍ବନ୍ଧରେ ଆଲୋଚନା କରିଥିବା ବେଳେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ପ୍ରଶାନ୍ତ କୁମାର ପରିଜା ଏହି କାର୍ଯ୍ୟକ୍ରମ ଅଧୀନରେ ଶିଶୁମାନଙ୍କ ଚିକିତ୍ସା, ରେଫରାଲ, ପରାମର୍ଶ ସେବା, ମୋବାଇଲ ସ୍ୱାସ୍ଥ୍ୟ ସେବା ସମ୍ବନ୍ଧରେ ଆଲୋଚନା କରିଥିଲେ। ମାନସିକ ସ୍ୱାସ୍ଥ୍ୟ ପରାମର୍ଶଦାତ୍ରୀ ଅପର୍ଣ୍ଣା ମହାନ୍ତି ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ଥିବା ସେବା, ମାନସିକ ଚିକିତ୍ସା ଓ ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ଜିଲ୍ଲାରେ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଅଧିକ ଉନ୍ନତ ହୋଇପାରିଛି। ଆଗକୁ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ହେବ ଏଥିରେ ସନ୍ଦେହ ନାହିଁ। ଏହି କାର୍ଯ୍ୟକ୍ରମରେ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର ପାରାମେଡିକାଲ ଷ୍ଟାଫ, ସୁପେରିଂଟେଣ୍ଡେଟ, କାଉନସିଲର, ଗୃହ ପିତା, ଗୃହମାତା ଚାଇଲଡ ହେଲ୍ପଲାଇନ ସଂଯୋଜକ ଆଦି ୩୫ଜଣ ଅଧିକାରୀ ଯୋଗ ଦେଇଥିଲେ। ଡ଼ଃ ନାରାୟଣ ପ୍ରସାଦ ନନ୍ଦ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କର୍ମଚାରୀ କମଳା ମହାରଣା, ହରେକୃଷ୍ଣ ସାହୁ ସହଯୋଗ କରିଥିଲେ।

# ଭୁଡିଆରବାହାଲ ଗାଁରେ ମଦବିକ୍ରି ବନ୍ଦ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବଲାଙ୍ଗିର, ୩/୦୯ (ନି.ପ୍ର): ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ଭୁଡିଆରବାହାଲ ଗ୍ରାମରେ ସର୍ବ ସାଧାରଣ ସ୍ଥଳରେ ମଦ ତଥା ନିଶାଦ୍ରବ୍ୟ ବିକ୍ରୟ ବିରୁଦ୍ଧରେ ଗାଁର ସଚେତନ ନାଗରିକ ଓ ଯୁବକ ଜିଲ୍ଲପାଳ ବଲାଙ୍ଗିର, ଆରକ୍ଷୀ ଅଧିକ୍ଷକ, ବଲାଙ୍ଗିର, ଅବକାରୀ ଅଧିକାରୀ ବଲାଙ୍ଗିର ଙ୍କୁ ଦାବି ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ ଭୁଡିଆରବାହାଲ ଗ୍ରାମଟି ଏହି ଅଂଚଳର କେନ୍ଦ୍ର ସ୍ଥଳରେ ଅବସ୍ଥିତ । ଅନ୍ୟୁନ ୧୦ ରୁ ୧୫ ଖଣ୍ଡ ଗ୍ରାମର ଲୋକେ ଏହି ଗାଁ ଉପରେ ନିର୍ଭରଶୀଳ ଅଟନ୍ତି । ମାତ୍ର ପଶ୍ଚାତାପର ବିଷୟ ଗାଁ ର ସର୍ବ ସାଧାରଣ ସ୍ଥଳ ଯଥା ସରକାରୀ ପ୍ରାଥମିକ ବିଦ୍ୟାଳୟ, ପଂଚାୟତ କାର୍ଯ୍ୟାଳୟ, ସଚ୍ଚିଦାନନ୍ଦ ଉଚ୍ଚ ବିଦ୍ୟାଳୟ ପାଖରେ ଏବଂ ସମ୍ମୁଖରେ ଖୋଲାଖୋଲି ଭାବରେ ମଦ ତଥା ନିଶାଦ୍ରବ୍ୟ ବିକ୍ରୟ ହେଉଥିବାରୁ କୋମଳପତି ଛାତ୍ର ଛାତ୍ରୀ ତଥା ଅଂଚଳର ମାଁ ଭଉଣୀମାନେ ଏହି ରାସ୍ତାରେ ଯିବାକୁ ଭୟଭିତ ହେଉଛନ୍ତି । ଏପରିକି ସରକାରୀ ପ୍ରଥମିକ ବିଦ୍ୟାଳୟ ପାଖରେ ମଦବିକ୍ରି ଚାଲୁଥିବାରୁ ସଚେତନ ଅଭିଭାବକମାନେ ନିଜର ପୁଅ ଝିଅମାନେ ସ୍କୁଲ ଛାଡିବାକୁ ଅମଙ୍ଗ ହେଉଛନ୍ତି । ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ରୟ ଚାଲୁଥିବାରୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧିପାଇବାରେ ଲାଗିଛି । ଗାଁରେ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଏହି କାରବାର ଚାଲୁଥିବାରୁ ଯୁବ ଛାତ୍ର ଓ ଛାତ୍ରୀଙ୍କ ଉପରେ ଗଭୀର କୁପ୍ରଭାବ ପଡୁଛି । ଏସବୁକୁ ଦୃଷ୍ଟିରେ ରଖି ଗାଁର ଅନେକ ସଚେତନ ନାଗରିକ, ବୁଦ୍ଧିଜିବୀ ଏବଂ ଯୁବକ ଯଥା ସତ୍ୟନାରାୟଣ ଦଣ୍ଡସେନା, ଅପୁର୍ବ କବାଟ, ଡୋଳାମଣି ପୁଟେଲ, ଅକ୍ରୁର ସାହୁ, ରାଜ କୁମାର ଭୋଇ, ଡାକ୍ତର ଚୌଧୁରୀ, ଦଳ ମଲ୍ଲିକ, ରିଙ୍କୁ ଭୋଇ, ରାକୁ ଭୋଇ ତଥା ଆହୁରି ଅନେକ ବ୍ୟକ୍ତି ବିଶେଷ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ଙ୍କୁ ଭେଟି ମଦ ତଥା ନିଶାଦ୍ରବ୍ୟ ବିକ୍ରୟ ବନ୍ଦ ପାଇଁ ଦାବି ଜଣେଇଛନ୍ତି ଏବଂ ଆଗାମୀ ଦିନରେ ଯଦି ସର୍ବସାଧାରଣ ସ୍ଥଳରେ ନିଶାଦ୍ରବ୍ୟ ବିକ୍ରୟର ପୁଣି ଜାରି ରହେ ତାହେଲେ ଜନ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି ।

# ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଛାତ୍ରଛାତ୍ରୀ ଅସୁରକ୍ଷିତ: ସୁରକ୍ଷା ନିମନ୍ତେ ନାହିଁ ଅଗ୍ନି ନିର୍ବାପକ ଯନ୍ତ୍ର

ବାରିପଦା, ୩/୦୯ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଛାତ୍ର ହଷ୍ଟେଲ-୧ର ରୋଷେଇ ଘରେ ଅଗ୍ନିକାଣ୍ଡ ଘଟଣାକୁ ନେଇ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ହଷ୍ଟେଲରେ ଅଗ୍ନିକାଣ୍ଡରୁ ସୁରକ୍ଷା ନିମନ୍ତେ ଅଗ୍ନି ନିର୍ବାପକ ଯନ୍ତ୍ର ନଥିବା ବେଳେ ଅସୁରକ୍ଷିତ ଭାବେ ଛାତ୍ରଛାତ୍ରୀ ମାନେ ରହୁଛନ୍ତି। ଉକ୍ତ ଅବ୍ୟବସ୍ଥାକୁ ନେଇ ଛାତ୍ରଛାତ୍ରୀ ମାନେ ୪ ଦଫା ଦାବି ଉପସ୍ଥାପନ କରି ଆନ୍ଦୋଳନ କରିଛନ୍ତି। ଯାହାକୁ ନେଇ ମଙ୍ଗଳବାର ସକାଳ ପ୍ରାୟ ୧୦ଟା ଠାରୁ ବିଶ୍ୱବିଦ୍ୟାଳୟ ସମ୍ମୁଖ ଫାଟକ ବନ୍ଦ କରି ବର୍ଷାରେ ଭିଜି ଧାରଣାରେ ବସିଛନ୍ତି। ହଷ୍ଟେଲରେ ଅଗ୍ନି ନିର୍ବାପକ ସୁବିଧା ନଥିବା ବେଳେ ଛାତ୍ରଛାତ୍ରୀ ମାନଙ୍କ ଜୀବନ ସହ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଖେଳୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହା ସହିତ ଶୌଚାଳୟ, ମରାମତି କାର୍ଯ୍ୟ, ୱାଇ ଫାଇ ଓ ଅନ୍ୟାନ୍ୟ ଅସୁବିଧା ସବୁ ରହିଛି। ଯାହାର ବାରମ୍ବାର ଅଭିଯୋଗ କରିଲେ ସୁଦ୍ଧା କୌଣସି ସମାଧାନ ହେଉନାହିଁ। ଏନେଇ ବିଭିନ୍ନ ଦାବିରେ ଛାତ୍ରଛାତ୍ରୀ ମାନେ ଆନ୍ଦୋଳନ କରିଛନ୍ତି। ଦାବି ପୁରଣ ନହେବାଯାଏ ଆନ୍ଦୋଳନ ଜାରି ରହିବ ବୋଲି ଜିଦରେ ଅଡି ରହିଛନ୍ତି। ଛାତ୍ରଛାତ୍ରୀ ମାନେ ପ୍ରତି ବର୍ଷ ହଷ୍ଟେଲ ଫି ପୈଠ କରୁଛନ୍ତି। କିଛି ଛାତ୍ରଙ୍କ ଠାରୁ ଅଧିକ ଫି ଆଦାୟ କରାଯାଇଛି ବୋଲି ମଧ ଆନ୍ଦୋଳନରତ ଛାତ୍ର ଅଭିଯୋଗ କରିଛନ୍ତି। କିନ୍ତୁ, ହଷ୍ଟେଲର ଉନ୍ନତିକରଣ କାର୍ଯ୍ୟ ଓ ସୁରକ୍ଷା ପ୍ରତି କର୍ତ୍ତୃପକ୍ଷ ଆଖି ବୁଜି ଦେଇଛନ୍ତି। ଯାହାକି ଆଜିର ଘଟଣାରୁ ଜଣାପଡିଛି। ଏନେଇ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ସୁଦ୍ଧା ସମସ୍ତେ ଅନ୍ୟକୁ ଦୋଷ ଠେଲି ଦେଉଛନ୍ତି। ବିଶ୍ୱବିଦ୍ୟାଳୟକୁ ସ୍ଥାୟୀ କୁଳପତି ମିଳିପାରୁନଥିବାରୁ ଆଜି ଅବ୍ୟବସ୍ଥାରେ ବିଶ୍ୱବିଦ୍ୟାଳୟ ଚାଲିଛି। ତେଣୁକରି ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନ ପ୍ରତି ବଦଳରେ ତାଙ୍କୁ ମୃତ ମୁଖକୁ ଠେଲି ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପଟେ ରୋଷେଇ ଘରେ ଗ୍ୟାସ ସିଲିଣ୍ଡରର ରେଗୁଲେଟର ଖରାପ ଥିବା ବେଳେ ତାହାକୁ ପରିବର୍ତ୍ତନ କରିବା ପାଇଁ ବାରମ୍ବାର ହଷ୍ଟେଲ ପରିଚାଳକକୁ ଜଣାଯାଇଥିବା ନେଇ ରୋଷେୟା ଦେବଦତ ତାଣ୍ଡି କହିଛନ୍ତି। କିନ୍ତୁ, ତାହା ପରିବର୍ତନ ନକରି ବାରମ୍ବାର ମରାମତି କାର୍ଯ୍ୟ କରି ରୋଷେଇ କାର୍ଯ୍ୟ ହେଉଥିଲା। କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ ନୂଆ ରେଗୁଲେଟର ବଦଳରେ ପୁରୁଣାରେ କାର୍ଯ୍ୟ କରାଇବାକୁ କୁହାଯାଇଥିଲା। ଯାହାକୁ ନେଇ ୩ଦିନ ପୂର୍ବେ ଗ୍ୟାସ ସିଲିଣ୍ଡରରୁ ଗ୍ୟାସ ଲିକ ହୋଇଥିଲା। କିନ୍ତୁ ତାହାକୁ ରୋଷେୟା ମାନେ ଅଟକାଇ ଦେଇଥିଲେ। କିନ୍ତୁ, ଆଜି ସକାଳ ୭ଟା ସମୟରେ ରୋଷେଇ ବେଳେ ଗ୍ୟାସ ଲିକ୍ ହୋଇଥିଲା। ଯାହାକୁ ଅଟକାଇବାରେ ସମସ୍ତେ ବିଫଳ ହୋଇଥିଲେ। ରେଗୁଲେଟର ଦେଇ ଗ୍ୟାସ ନିର୍ଗତ ହୋଇ ଜୋର୍ ଅଗ୍ନିକାଣ୍ଡ ହୋଇଥିଲା। ଭାଗ୍ୟବଶତଃ ରୋଷେୟାଙ୍କ ଉପସ୍ଥିତ ବୁଦ୍ଧି ପାଇଁ ସିଲିଣ୍ଡର ଫାଟିବାରୁ ବର୍ତି ଯାଇଛି। ତେବେ ରୋଷେୟା ଆହତ ହେବା ସହ ରୋଷେଇ ଘର ଆସବାବ ପତ୍ର ପୋଡି ଜଳି ନଷ୍ଟ ହୋଇଛି। ଯାହାକୁ ନେଇ ଛାତ୍ରଛାତ୍ରୀ ମାନେ ଅସନ୍ତୋଷ ପ୍ରକାଶ କରି ଧାରଣା ଦେଇଥିଲେ।

# ବନ୍ୟାଗ୍ରସ୍ତ ପଂଜାବକୁ ସାହାଯ୍ୟ କରିବାକୁ ଅପିଲ୍ କଲେ ଅରବିନ୍ଦ କେଜରଣୱାଲ

ନୂଆଦିଲ୍ଲୀ, ୩/୦୯ (ନି.ପ୍ର): ଆମ୍ ଆଦମୀ ପାର୍ଟି(ଆଆପା)ର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜରୀୱାଲ ଆଜି ବନ୍ୟା କ୍ଷତିଗ୍ରସ୍ତ ପଂଜାବ ରାଜ୍ୟର ସଂକଟରେ ସାହାଯ୍ୟ କରିବାକୁ ଅପିଲ୍ କରିଛନ୍ତି। ସେ ସମସ୍ତ ରାଜନୀତିକ ଦଳ, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ସହିତ ରାଜନୀତିରୁ ଉପରକୁ ଉଠି ପଂଜାବର ସାହାଯ୍ୟ କରିବା ଏବଂ ଯୋଗଦାନ ଦେବାକୁ କହିଛନ୍ତି। ଏକ ଭିଡିଓ ସନ୍ଦେଶରେ ଦିଲ୍ଲୀର ପୂର୍ବ ମୁଖ୍ୟମନ୍ତ୍ରୀ କେଜରୀୱାଲ କହିଛନ୍ତି ଯେ ଆମ୍ ଆଦମୀ ପାର୍ଟିର ସମସ୍ତ ସାଂସଦ ଏବଂ ବିଧାୟକ ନିଜର ଏକ ଏକ ମାସର ଦରମା ପଂଜାବ ମୁଖ୍ୟମନ୍ତ୍ରୀ ସହାୟତା କୋଷରେ ଦାନ କରୁଛନ୍ତି। ପଂଜାବ ପାଇଁ ଏହା ଖୋଲିକରି ଯୋଗଦାନ କରିବାକୁ ଅପିଲ୍ କରନ୍ତି। କେଜରୀୱାଲ କହିଛନ୍ତି ଯେ ଭାରତ ମା’ଙ୍କ କବଚ ପଂଜାବ ଆଜି ବନ୍ୟା ସହୁଛନ୍ତି। ଏହାର ସାହାଯ୍ୟକୁ ଆଗକୁ ଆସୁ। ଭାରତ ଉପରେ ଯେତେବେଳେ ମଧ ବିଦେଶୀ ଆକ୍ରମଣ ହୋଇଛି, ତାଙ୍କୁ ପଂଜାବ ନିଜ ଛାତିରେ ଲଗାଇ ଦେଶର ରକ୍ଷା କରିଛନ୍ତି। ସ୍ୱାଧୀନତାର ଲଢ଼ାଇରେ ସବୁଠାରୁ ଅଧିକ ଶହାଦତ ପଂଜାବର ଲୋକମାନେ ଦେଇଥିଲେ। ପଂଜାବର କୋଣ ଅନୁକୋଣରେ ବାହାଦୁରି ଏବଂ ଏଠାର ଧରତି ଉପରେ ଜ୍ଞାନ ଏବଂ ବୀରତାର ଗାଥା ସିଂଚାଯାଇଛି। ପଂଜାବ ସବୁଜ କ୍ରାନ୍ତିରୁ ପୁରା ଦେଶର ପେଟ ଭରିଛି ଏବଂ ଆଜି ସେହି ପଂଜାବ ଅସୁବିଧାରେ ଅଛି। ଉଲ୍ଲେଖନୀୟ ଯେ ପଂଜାବ ରାଜ୍ୟ ଏହି ସମୟରେ ପ୍ରବଳ ବର୍ଷାରେ ବନ୍ୟା ସମସ୍ୟା ସହିତ ଯୁଝୁଛି। ପଂଜାବରେ ଆଆପାର ସରକାର ଅଛନ୍ତି। ପଂଜାବର ରାଜସ୍ୱ, ପୁନର୍ବାସ ଏବଂ ବିପର୍ଯ୍ୟୟ ପ୍ରବନ୍ଧନ ମନ୍ତ୍ରୀ ଏସ୍ ହରଦୀପ ସିଂହ ମୁଂଡିୟନ ଅନୁଯାୟୀ ବନ୍ୟା ୧୨ ଜିଲ୍ଲାର ୨.୫୬ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ଅଛନ୍ତି।

**ଧାରାବାହିକ:** ଭାଗ-୧୪

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



କଂସର ଦୂତ ଭାବରେ ଅନାଦର କରିବେ ନାହିଁ ତ! ନା, ସେ ଭାବଗ୍ରାହୀ ଭକ୍ତର ମନ କଥା ନିଶ୍ଚୟ ତାଙ୍କୁ ଜଣାଥିବ । ଏହିପରି ଚିନ୍ତା କରୁ କରୁ ଅକ୍ରୂର ଗୋକୁଳର ନିକଟବର୍ତ୍ତି ହେଲେ ଏବଂ ବାଲିକୁଦରେ ଧ୍ୱଜାଙ୍କୁଶ ଚିହ୍ନିତ ପଦଚିହ୍ନ ଦେଖି ନିଜ ପ୍ରଭୁଙ୍କର ଚରଣରଜକୁ ଧାରଣ କରିବାକୁ ହା କୃଷ୍ଣ କହି ରଥରୁ ଡେଇଁ ପଡି ସେହି ପଦଚିହ୍ନ ଉପରେ ଗଡିଗଲେ ଓ ଧୂଳିକୁ ସର୍ବାଙ୍ଗରେ ବୋଳିହେଲେ । ତାଙ୍କ ଅନ୍ତରରେ ସାତ୍ତ୍ୱିକ ବିକାର ଜାତ ହେବାରୁ ଚକ୍ଷୁରୁ ଧାର ଧାର ଲୁହ ଗଡିବାକୁ ଲାଗିଲା । ଅକ୍ରୂର ତନ୍ମୟ ହୋଇ କିଛି ଦୂର ଯାଇ ପୁଣି ଦେଖିଲେ ନୀଳ ଜୀମୂତବର୍ଣ୍ଣ ପୀତବସନ ପରିହିତ ଗୋପାଳ ବାଳକଗଣ ଗୋ ଚରାଉଥାନ୍ତି । ସମସ୍ତଙ୍କ କର୍ଣ୍ଣରେ ମକର କୁଣ୍ଡଳ, ଶିରରେ ମୟୂରଚୂଳ କଣ୍ଠରେ ବନମାଳ ଶୋଭାପାଉଛି । ଅକ୍ରୂର ବଡ ଅଡୁଆରେ ପଡିଲେ । ଏଥି ମଧ୍ୟରୁ ଶ୍ରୀକୃଷ୍ଣ କିଏ? କାହାର ପଦ ଯୁଗଳକୁ ବକ୍ଷରେ ଧାରଣ କରିବି? ଆକୁଳରେ ଡାକିଲେ ପ୍ରଭୁ ଏ କିଣାଜନ ପ୍ରତି ଏତେ ମାୟା କାହିଁକି? ଦାସବତ୍ସଳ ପ୍ରଭୁ ଭକ୍ତର ମନ କଥା ବୁଝି ତତ୍‌କ୍ଷଣାତ ଗାଇ ଦୁହିଁ ବସିଲେ ଏବଂ ଚତୁର୍ଭୁଜ ରୂପ ପ୍ରକାଶ କଲେ । ଅକ୍ରୂର ଦେଖିଲେ, ବଳରାମ ଚନ୍ଦ୍ରମା ଜୀଣି ଧବଳ ରୂପ, କଟୀରେ ନୀଳ ପତନୀ, ଶିରରେ ରଙ୍ଗ ବସନର ପାଗ, ତା ଉପରେ ସପ୍ତଫଣା, କରରେ କଙ୍କଣ, କଣ୍ଠରେ ମଣିମାଳା, କର୍ଣ୍ଣରେ କୁଣ୍ଡଳ, ସୁସଞ୍ଚ ଅଧର ଓ ଗୌରବର୍ଣ୍ଣ । ଭୁଜ ଦ୍ୱୟରେ ସତେ ଯେପରି ଶତସିଂହର ବଳ । ତାଙ୍କରି ବାମ ପାର୍ଶ୍ୱରେ ପ୍ରଭୁ ଶ୍ରୀକୃଷ୍ଣ । କୋଟିଏ କନ୍ଦର୍ପ ମଧ୍ୟ ସମ ହେବେ ନାହିଁ । ବନ ପୁଷ୍ପମାଳା ଶୋଭିତ କଟୀରେ ପୀତବସନ, ମକର କୁଣ୍ଡଳ. ମୟୂର ଚନ୍ଦ୍ରିକା, ନୀଳ ଅଙ୍ଗରେ କ୍ଷୀର ଛିଟା ପଡି ନିର୍ମଳ ଆକାଶରେ ନକ୍ଷତ୍ର ପରି ଶୋଭା ପାଉଛି । ଚକ୍ଷୁ ଦୁଇଟି ପ୍ରସ୍ଫୁଟିତ ପଦ୍ମର ଭ୍ରମ ଆଣୁଛି । ଆକ୍ରୂର ଏହି ତ୍ରିଭୂବନ ମୋହନ ରୂପ ଦେଖି ଜାଣିଲେ ଯେ ଏ ଦୁଇଭାଇ ସ୍ୱୟଂ ଅନନ୍ତ ଏବଂ ନାରାୟଣ । ସେ ପ୍ରଥମେ ନେତ୍ର ପୂରାଇ ଦୁହିଁଙ୍କୁ ଦେଖିନେଲେ ଏବଂ ସାଶ୍ରୁ ଲୋଚନରେ ଧାଇଁ ଯାଇ ସେହି ପାଦପଦ୍ମରେ ଲୋଟିଗଲେ । ପ୍ରଭୁ ଦାମୋଦର ସହସା ତାଙ୍କୁ ନିଜ ହସ୍ତରେ ଟେକି ଧରିନେଲେ । ଅକ୍ରୂର ପ୍ରଭୁଙ୍କ ଦର୍ଶନରେ ଆତ୍ମହରା ହୋଇପଡିଲେ । ସେ ପୁଣି ବଳରାମଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରିବାରୁ ସେ ମଧ୍ୟ ଟେକି ଧରିଲେ ଏବଂ ପଥକ୍ଳେଶ ଦୂର କରିବାକୁ ଜଳପାନ କରାଇବାକୁ ଦୁଇ ଭୁଜ ଧରି ଗୃହ ଅଭିମୁଖେ ଯାତ୍ରା କଲେ । ଅକ୍ରୂର ସମ୍ପର୍କରେ ରାମକୃଷ୍ଣଙ୍କ ଖୁଡୁତା ହେବେ । ତେଣୁ ଶ୍ରୀକୃଷ୍ଣ ତାଙ୍କର ପାଦ ଧୋଇ ଦେଇ ନିଜ ଉତ୍ତରୀୟରେ ପୋଛିଦେଲେ ଏବଂ ବଳରାମ ପଙ୍ଖାକଲେ । ନିଜର ଭାଗ୍ୟକୁ ଅକ୍ରୂର ପ୍ରଶଂସା କରୁଥାନ୍ତି ତାଙ୍କ ଦୁଇ ଆଖିରୁ ଲୋତକ ବହି ଯାଉଥାଏ । ନିଜ ଭୃତ୍ୟର ସେବାରେ ଭଗବାନ ମଧ୍ୟ ଆନନ୍ଦିତ । ଭକ୍ତ ଓ ଭଗବାନ, ଆତ୍ମା ଓ ପରମାତ୍ମାର ମିଳନ କିଏ କ'ଣ ଭାଷାରେ ବର୍ଣ୍ଣିପାରିବ? ଅକ୍ରୂର ଭୋଜନ ପରେ ଶ୍ରୀକୃଷ୍ଣ ତାଙ୍କ ପାଟିରେ ବିଡିଆ ପାନ, ଗନ୍ଧ ଚନ୍ଦନ ଓ ପୁଷ୍ପମାଳା ଦେଇ ତାଙ୍କ ପାଦ ତଳେ ବସି ପାଦ ମଞ୍ଚାଳିଲେ । ବଳରାମ ତାଙ୍କ କରତଳକୁ ଚାପିବାରୁ ଅପୂର୍ବ ରୋମାଞ୍ଚରେ ଅକ୍ରୂର ରୋମାଞ୍ଚିତ ହେଲେ । ନନ୍ଦ ଶୋଇଯିବା ପରେ ପଚାରିଲେ, ହେ ପୂଜ୍ୟ ପିତୃବ୍ୟ, ଯଦୁବଂଶୀମାନେ କୁଶଳରେ ଅଛନ୍ତି ତ? ମୋ ଲାଗି ମାତା ଦେବକୀ ବହୁତ ସନ୍ତାନ ଦୁଃଖ ସହ୍ୟ କଲେ । ମୋ ଜନ୍ମ ଧିକ କହି କାନ୍ଦିବାରୁ ଅକ୍ରୂର କୃଷ୍ଣଙ୍କୁ କୋଳକୁ ନେଇ ବାସ ଜଳରେ ମୁହଁ ଧୋଇଦେଲେ ଏବଂ ଆଶ୍ୱାସନା ଦେଇ କହିଲେ, ଗୋବିନ୍ଦ, ମାୟା ମନୁଷ୍ୟ ରୂପେ ତୁମେ କାନ୍ଦୁଛ, ହସୁଛ ଏବଂ ସୁଖ ଦୁଃଖ ଅନୁଭବ କରୁଛ । ମାତ୍ର ତୁମେ ଏଥିରୁ ଉପରେ, ଗୁଣାତୀତ ନିର୍ବିକାର ପରମ ପୁରୁଷ ସର୍ବବ୍ୟାପୀ, ସର୍ବନିୟନ୍ତା ଓ ସର୍ବଶକ୍ତିମାନ । ତୁମକୁ କଣ ଅଜଣା? ସମସ୍ତେ ଭଲରେ ଅଛନ୍ତି ମାତ୍ର କଂସ ଜୀବିତ ଥିବା ଯାଏଁ କେହି ଶାନ୍ତିରେ ରହି ପାରିବେନାହିଁ । ହେ ପ୍ରଭୁ ତୁମେ ଏଥର ମଥୁରା ବିଜୟ କର ।

### ୩୯ଶ ଅଧ୍ୟାୟ, ରାମକୃଷ୍ଣଙ୍କର ମଥୁରା ଗମନ

ଶ୍ରୀକୃଷ୍ଣ ଓ ବଳରାମଙ୍କଠାରୁ ଅଭ୍ୟର୍ଥନା ପାଇ ଶୀତଳ ମଣୋହି ଶେଷ ପରେ ଶ୍ରୀକୃଷ୍ଣ ପଚାରିଲେ, ହେ ପିତୃବ୍ୟ ଯାଦବ କୂଳର ବ୍ୟାଧି ସ୍ୱରୂପ କଂସ କାହାକୁ ସୁଖରେ ରଖାଇ ଦେବନାହିଁ । ବିଶେଷତଃ ସାଧୁ, ସନ୍ଥ ଏବଂ ମୋର ପିତାମାତାଙ୍କୁ ବହୁ କଷ୍ଟ ଦେଲା ଏବଂ ଆମକୁ ମାରିବାକୁ କୂଟ ଉପାୟ କଲା । ଏବେ ସ୍ପଷ୍ଟ କରି କୁହ ତୁମକୁ ସେ ଏଠାକୁ କାହିଁକି ପଠାଇଛି? ଅକ୍ରୂର କହିଲେ, ଗୋବିନ୍ଦ ମୋତେ ଏ କଥା କେବଳ ଲୋକାଚାର ନିମନ୍ତେ ପଚାରିଥିଲେ ହେଁ ତୁମକୁ କଉ କଥା ଅଜଣା । ନାରଦ ତୁମର ଜନ୍ମ ରହସ୍ୟ କଂସକୁ କହି ତାଙ୍କୁ ଉଚ୍ଚାଟ କରିଆସିଲେ । କଂସ ତୁମର ପିତାଙ୍କୁ ମାରିଦେବାକୁ ଯାଉଥିଲେ ହେଲେ ଦେବର୍ଷି ଅଟକାଇ ଦେଲେ । ସେମାନଙ୍କୁ ସଙ୍କୋଳିରେ ବାନ୍ଧି ବହୁ ନିର୍ଯ୍ୟାତନା ଦେଉଛି । ଏହି ଧେନୁ ଉତ୍ସବ ତାହାର ଏକ ଛଳନା ମାତ୍ର । ତୁମ ଦୁଇ ଭାଇକୁ ନେଇଯାଇ ହତ୍ୟା କରିବା ତାର ଉଦ୍ଦେଶ୍ୟ । ତାର ପରମାୟୁ ସରି ଆସିଲାଣି ସେଥିପାଇଁ ତୁମକୁ ଡକାଇନେଉଛି । ଏଣୁ କାଳ ବିଳମ୍ବ ନକରି ଦୁଷ୍ଟ ସଂହାର କରି ପୃଥିବୀକୁ ଉଶ୍ୱାସ କର । ଶ୍ରୀକୃଷ୍ଣ ମନ୍ଦ ହସି କହିଲେ ନନ୍ଦଙ୍କୁ କଂସର 'ଶ୍ରୀମୁଖ' ଦେବାକୁ । ନନ୍ଦ ତାହା ପାଇ ଗୋପରେ ନିର୍ଦ୍ଦେଶ ଦେଲେ ଯେ କଂସର ଆଜ୍ଞାରେ ସମସ୍ତେ ରାତ୍ର ଥାଉଁ ଥାଉଁ ଗୋରସ, ସର, ଲବଣୀ ଇତ୍ୟାଦି ଶକଟରେ ଲଦି ଧେନୁ ଉତ୍ସବ ଦେଖିବାକୁ ମଧୁପୁର ଯାତ୍ରା କରିବେ ଏବଂ ସେଠାରେ ରାଜାଙ୍କୁ ଭେଟି ଅର୍ପଣ କରିବେ । ଘୋଷଣା ଶୁଣି ଗୋପୀମାନଙ୍କ ମଧ୍ୟରେ ଭାଳେଣି ପଡିଗଲା । ଅକ୍ରୂର ଆସିଛି ରାମକୃଷ୍ଣଙ୍କୁ ନେବା ପାଇଁ । କଂସ ନିଶ୍ଚିତ ସେମାନଙ୍କୁ ହତ୍ୟା କରିବ ତ କେହି କହିଲା ଅମିତ ବିକ୍ରମଶାଳୀ ରାମକୃଷ୍ଣଙ୍କ ପରାକ୍ରମ କିଏ ଜାଣି ନାହିଁ ବା ତାଙ୍କୁ କିଏ ବା ହତ୍ୟା କରିପାରିବ? ଆଉ କିଏ କହିଲା କେତେ ଅସୁର ଅସୁରଣୀ ପଠାଇ କଂସ ହାର ମାନିବା ପରେ ଏବେ ନୂଆ ଉପାୟରେ ମାରିବାକୁ ଯୋଜନା କରିଛି ଦେଖିବ ସେହି ଗାତରେ ସେ ପଡିବ । ଆଉ କିଏ କହିଲା ଆରେ ରାମକୃଷ୍ଣ ତ ଆମ ଜୀବନ, ତାଙ୍କୁ ଛାଡି ଆମେ କିପରି ବଞ୍ଚିବା? ଚାଲ ତାଙ୍କୁ ଭେଟି କହିବା ସେ ମଥୁରା ଯିବା ପୂର୍ବରୁ ଆମ୍ଭମାନଙ୍କୁ ମାରିଦେବେ । କେହି ଗୋପୀ କହିଲା ସେ ଅକ୍ରୂରକୁ ମୁଁ ନଷ୍ଟେ ବିନାଶ କରିବି । ଆଉ କିଏ କହିଲା କୃଷ୍ଣ ଥାଉ ଥାଉ କଂସ ଆମର କି କ୍ଷତି କରିପାରିବ? ଏହିପରି ଗୋପୀଙ୍କ ଭିତରେ କୃଷ୍ଣଲୀଳାମାନ କୁହାକୁହି ହୋଇ ଅବଶେଷରେ ବିଧାତାଙ୍କୁ ଗାଳି ଦେବାକୁ ଲାଗିଲେ । ବିଧିର ନିୟମାନୁସାରେ ଆମକୁ କୃଷ୍ଣ ନାମକ ଅମୃତ ଚଖାଇ ଆଜି ବିରହ ବିଷ ଦେଉଛୁ । କେହି କୃଷ୍ଣ ମଥୁରାରେ କଂସ ସଂହାର କରି ରାଜା ହେବାର ପୂର୍ବାନୁମାନ କରିବା ସହ ଆଉ ଗୋପର ନଦୀତଟ, ବଣବୁଦାକୁ ଭୁଲିଯିବାର ଭବିଷ୍ୟବାଣୀ କଲା ତ କିଏ ତା ପୂର୍ବଜନ୍ମର ସୁକୃତର ଫଳ ସରିଗଲା କହି ମନସ୍ତାପରେ ବସିଲା । ଏହିଭଳି ଗୋପୀମାନେ କୁହାକୁହି ହୋଇ ଅକ୍ରୁରଙ୍କ ରଥ ଆଗରେ ଶୋଇପଡିଲେ । ରୋହିଣୀ ଓ ଯଶୋଦା ଆକୁଳରେ କାନ୍ଦୁଥାଆନ୍ତି । ଦୁଃଖ ଓ ନୈରାଶ୍ୟର ବାଦଲ ଗୋପାକାଶରେ ଆଚ୍ଛାଦନ କରିଦେଇଥାନ୍ତି । ତେଣେ ଯାତ୍ରାର ବିଳମ୍ବ ଦେଖି ଅକ୍ରୂର ମୃଦୁ ଧମକ ଦେଇ କହିଲେ, ତୁମେମାନେ କଣ କଂସର ଆଜ୍ଞା ଜାଣିନାହଁ । ଯିବାର ବିଳମ୍ବ ହେଲେ ସେ ସମଗ୍ର ଗୋପପୁର ଜାଳିପୋଡି ପାଉଁଶ କରିଦେବ ଏଣୁ କୁଶଳ ଚାହୁଁଥିଲେ ମାର୍ଗ ଛାଡ । ଯଶୋଦା କୃଷ୍ଣଙ୍କୁ ଆଲିଙ୍ଗନ କରିବା ପୂର୍ବକ ତାଙ୍କ ଲୀଳା କହି ମୂର୍ଚ୍ଛିତା ହେଉଥାନ୍ତି ପୁଣି ଚେତା ପାଇ ବଳରାମକୁ କହୁଥାନ୍ତି ବାବୁରେ ତୁ ତ ବଳବାନ, ତୋ ଭାଇଟା ନିତ୍ୟାନ୍ତ ଅଜ୍ଞାନ, ତାକୁ ଏକା ଛାଡିବୁନି । ସେହି କ୍ରନ୍ଦନ ଧ୍ୱନି ମଧ୍ୟରେ ରଥ ସଜ୍ଜିତ ହେବାରୁ ରାମକୃଷ୍ଣ ନିଜର ନିତ୍ୟକର୍ମ ସାରି ରଥାରୋହଣ କଲେ । ଦେବ ଦୁନ୍ଦୁଭି ବାଜି ଉଠିଲା ଓ ଦେବତାମାନେ ପୁଷ୍ପ ବୃଷ୍ଟିକଲେ । ମଙ୍ଗଳ ବାଜଣା ବାଜିବା ସହ ଦୁଗ୍ଧ,ଦଧି, ଗୋରସ ପୂର୍ଣ୍ଣ ଶକଟମାନ ଧୀରେ ଧୀରେ ଚାଲିଲା । ଅକ୍ରୂର ମଧ୍ୟ ରଥ ବଢାଇବାକୁ ନିର୍ଦ୍ଦେଶ ଦେବାରୁ ଗୋପୀମାନେ ପୁନର୍ବାର ରଥକୁ ବନ୍ଦ କରି ଅତ୍ୟନ୍ତ ବିକଳରେ କାନ୍ଦି କାନ୍ଦି ତାଙ୍କୁ ମାରିଦେବାକୁ କିମ୍ବା ତାଙ୍କ ସାଥିରେ ନେବାକୁ ଜିଦ ଧରିଲେ । ଶ୍ରୀକୃଷ୍ଣ ସେମାନଙ୍କୁ ବୁଝାଇବାକୁ କହିଲେ, ଆରେ ଗୋପୀକାଗଣ, ତୁମେମାନେ ମୋର ଅତ୍ୟନ୍ତ ପ୍ରିୟ, ତୁମମାନଙ୍କୁ କଦାପି ଛାଡିପାରେନା । ଧନୁ ଉତ୍ସବ ଓ ରଙ୍ଗସଭା ଦେଖି ଚାରିଦିନରେ ଫେରି ଆସିବି । ମୋଠାରେ ମନ ରଖି ସ୍ୱ ଗୃହକୁ ଫେରିଯାଅ । ଏହି ସମୟରେ ଅକ୍ରୂର ରଥକୁ ବାହି ନେବାରୁ ଗୋପୀମାନେ ନିଜର କେଶବାସ ଅସମ୍ଭାଳ ଅବସ୍ଥାରେ ଛାତିରେ ଓ ମୁଣ୍ଡରେ ହାତ ପିଟି କାନ୍ଦିବାକୁ ଲାଗି ମୂର୍ଚ୍ଛିତା ହେବାରୁ ଶ୍ରୀକୃଷ୍ଣ ନିଜର ମିତ୍ର ସୁଦାମକୁ ଡାକି କହିଲେ, ଗୋପୀମାନଙ୍କୁ ବୁଝାଇ କୁହ ମୁଁ ଚାରିଦିନରେ ନିଶ୍ଚିତ ଫେରି ଆସିବି । ସୁଦାମ ବହୁ କଷ୍ଟରେ ଗୋପୀମାନଙ୍କୁ ବୁଝାଇ ସୁଝାଇ ଗୋପପୁରକୁ ଫେରାଇନେଲା । କେହି ଗୋପୀ ସେହିଠାରେ ଚିତ୍ର ପ୍ରତିମା ପ୍ରାୟ ରଥର ଯିବା ବାଟକୁ ଚାହିଁ ରହିଥାଏ ତ କେହି ଉଚ୍ଚ ସ୍ଥାନକୁ ଯାଇ ରଥ ଅଦୃଶ୍ୟ ପର୍ଯ୍ୟନ୍ତ ଚାହିଁ ରହିଲା । ଅକ୍ରୂର ରଥ ବାହିନେଇ କାଳନ୍ଦୀ ତଟରେ ଶ୍ରୀକୃଷ୍ଣଙ୍କ ଆଜ୍ଞାନେଇ ସ୍ନାନ କରିବାକୁ ଗଲେ ଏବଂ ଜଳରେ ବୁଡିବା ମାତ୍ରେ ରାମକୃଷ୍ଣଙ୍କୁ ଜଳ ମଧ୍ୟରେ ଦର୍ଶନ କରି ଆଶ୍ଚର୍ଯ୍ୟଚକିତ ହେଲେ । ମନେ ବିଚାରିଲେ କଂସ ଭୟରେ ଏମାନେ ଏଠାରେ ଆତ୍ମଗୋପନ କରିନାହାନ୍ତି ତ? ମୁଁ ଯଦି ଶୂନ୍ୟ ରଥ ନେଇ ଯାଏ ତାହାଲେ କଂସ ନିଶ୍ଚିତ ମୋତେ ବଧ କରିବ । ଏହା ଭାବି ଜଳରୁ ଉଠି ଦେଖେତ ପୂର୍ବବତ ରାମକୃଷ୍ଣ ରଥରେ ବିରାଜମାନ ଅଛନ୍ତି । ମନ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦେଲା, ଜଳରେ ପୁଣି ସ୍ଥଳରେ ସେହି ଏକା ରାମକୃଷ୍ଣ ! ଅକ୍ରୂର ପୁଣିଥରେ ବୁଡି ଦେଖିଲେ ରତ୍ନମୟ ପୁର ମଧ୍ୟରେ କୋଟିଏ ସୂର୍ଯ୍ୟ ଚନ୍ଦ୍ରର ଜ୍ୟୋତି ପ୍ରକାଶ କରି ଅନନ୍ତରୂପୀ ହଳଧର ରତ୍ନ ସିଂହାସନରେ ବିଜେ କରିଛନ୍ତି । ମଣିମୟ ଶିରରେ ସହସ୍ର ଫଣା, କଟୀରେ ନୀଳ ଦୁକୁଳ, ସର୍ବାଙ୍ଗ ରତ୍ନ ଓ ବନ ପୁଷ୍ପମାଳାରେ ପରିଶୋଭିତ । ତାଙ୍କରି କୋଳରେ ନୀଳ ଜୀମୂତ ବର୍ଣ୍ଣ ପୀତବସନ ପରିହିତ ସ୍ୱୟଂ ଶ୍ରୀକୃଷ୍ଣ । ଶଙ୍ଖଚକ୍ରାଦି ଶୋଭିତ ଚତୁର୍ଭୁଜ, କମୋଳ ଲୋଚନ, ସୁସଞ୍ଚ କପାଳ ଓ କେଶବାସ ଉପରେ ମୟୂର ଚନ୍ଦ୍ରିକା ଶୋଭିତ ରତ୍ନ ମୁକୁଟ, ବିବିଧ ଅଳଙ୍କାରରେ ବିଭୂଷିତ, ହୃଦରେ ଶ୍ରୀବତ୍ସ ଚିହ୍ନ ଓ ବନମାଳା, ଦକ୍ଷିଣାବର୍ତ୍ତି ଶଙ୍ଖ ପରି ଗ୍ରୀବା, ହସ୍ତୀ କୁମ୍ଭ ଜିଣି ମନୋହର ନିତମ୍ବ, ମାଣିକ ପ୍ରାୟ ନଖପନ୍ତୀ, ବେନି ଚରଣ ବନ୍ଧରେ ଯଜ୍ଞୋପବୀତ ଓ ଉତ୍ତରୀୟ । କର୍ଣ୍ଣରେ କୁଣ୍ଡଳ ଓ ଅଧରରେ ମଧୁର ହାସ । ମୁନିଋଷିମାନେ ଚତୁର୍ଦ୍ଦିଗରେ ଆଲଟ ଚାମର ସେବାରେ ନିଯୁକ୍ତ । ସନକାଦି ମୁନିମାନେ ତଳେ ବସିଛନ୍ତି ଓ ବ୍ରହ୍ମା ଶଙ୍କରାଦି ଦେବତା ସ୍ତୁତି କରୁଛନ୍ତି । ନାରଦ ବୀଣା ବାଦନ କରୁଛନ୍ତି ତ ଧ୍ରୁବ ଓ ପ୍ରହ୍ଲାଦ ଆଦି ଭକ୍ତମାନେ ଭଜନ କରୁଛନ୍ତି । ଅକ୍ରୂର ଜଳ ମଧ୍ୟରେ ବୈକୁଣ୍ଠ ଦର୍ଶନ କରି ପୁଲୋକିତ ହେଲେ ଏବଂ ତାଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ବହିଗଲା । ସହସା ତାଙ୍କଠାରେ ଚାରିବେଦ ସ୍ଫୁରଣ ହେବାରୁ ସେ ହାତଯୋଡି ସ୍ତୁତି କରିବାକୁ ଲାଗିଲେ ।(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

---

**ସମ୍ପର୍କର ରିଙ୍ଗ୍**

# ଭାବର ଠାକୁର, ଅଭାବକୁ ଦୂର



ଶ୍ୱେତା ରାଉତ୍

ମହାଭାରତ ଯୁଦ୍ଧ ପୂର୍ବରୁ ବଡଭାଇ ବଳରାମଙ୍କ ପରାମର୍ଶ ଅନୁସାରେ ଶ୍ରୀକୃଷ୍ଣ ଦୁଇ ଭାଇ(ଦୁର୍ଯ୍ୟୋଧନ ଓ ଅର୍ଜୁନ)ଙ୍କ ନିକଟରେ ପ୍ରସ୍ତାବ ରଖିଲେ ସେମାନଙ୍କୁ ଯୁଦ୍ଧ ପାଇଁ କଣ ଦରକାର, ପ୍ରଭୁଙ୍କର ବିରାଟ ନାରାୟଣୀ ସେନା ନା ପ୍ରଭୁ ଶ୍ରୀକୃଷ୍ଣ ନିଜେ? ଦୁର୍ଯ୍ୟୋଧନକୁ ଈଶ୍ୱରଙ୍କଠାରୁ ସହାୟତା ଦରକାର ଥିଲା, ତେଣୁ ଏକା କୃଷ୍ଣଙ୍କୁ ନେଇ ସେ ହାରିଯିବା ଆଶଙ୍କା କରି ବିରାଟ ସୈନ୍ୟ ପଟୁଆର (ନାରାୟଣୀ ସେନା) ମାଗିନେଲା। କିନ୍ତୁ ଅର୍ଜୁନକୁ ଈଶ୍ୱରଙ୍କଠାରୁ କିଛି ପାଇବାର ଆଶା ନୁହେଁ, ଈଶ୍ୱର ହିଁ ତା ନିଜର ହୋଇଯାଆନ୍ତୁ ଚାହୁଁଥିଲା, ତେଣୁ ସେ ଶ୍ରୀକୃଷ୍ଣଙ୍କ ସାନିଧ ଚାହିଁଲା। ପରିଣାମ ଯାହା ହେଲା ସମସ୍ତଙ୍କୁ ଜଣା।

ଆମେ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୂଜା କରୁଛେ, ମନ୍ଦିର ଯାଉଛେ, ମନ୍ତ୍ର ଜପୁଛେ, ଅନୁଷ୍ଠାନ କରୁଛେ। ଆମର ଧାରଣା ଅଛି ଏସବୁ କଲେ ଈଶ୍ୱର ସନ୍ତୁଷ୍ଟ ହୋଇ ବରଦାନ ଦେବେ, ଧନ ସଂପତ୍ତି, ବିଦ୍ୟା, ବୁଦ୍ଧି, ସୁଖ, ସମୃଦ୍ଧି ସବୁ ଦେଇଦେବେ। ଆମେ ଈଶ୍ୱରଙ୍କ ଠାରୁ ପାଇବା ପାଇଁ ଭକ୍ତି କରୁଛେ, ଈଶ୍ୱରଙ୍କୁ ପାଇବା ପାଇଁ ଭକ୍ତି କରୁନେ।ଏହା ହିଁ ଆମର ମୂର୍ଖତା। ତୁଳସୀ ଦାସ ସାରା ଜୀବନ ପ୍ରଭୁ ଶ୍ରୀରାମଙ୍କ ପାଇଁ ରୋଦନ କରୁଥିଲେ ଯେ, ଯେତେ ଶ୍ଳୋକ ଲେଖିଲେ, ଜପ ତପ କଲେ, ପ୍ରଭୁ ଶ୍ରୀରାମ ତୁମେ ମୋର ସବୁକିଛି ବୋଲି ମୁଁ ଯେତେ ଚିତ୍କାର କଲେ କଣ ହେବ ପ୍ରଭୁ କଣ କେବେ କହୁଛନ୍ତି ତୁଳସୀ ଦାସ ତୁ ମୋର! ଯେବେ ପ୍ରଭୁ ମୋତେ ନିଜର କରିନେବେ ଏ ଆତ୍ମା ତୃପ୍ତି ଲଭିବ।ଏହା ହିଁ ଭକ୍ତ ଆଉ ଭଗବାନଙ୍କ ଭିତର ସମ୍ପର୍କ। ଆମକୁ ଈଶ୍ୱରଙ୍କ ଠାରୁ ଦରକାର ନାହିଁ, ଈଶ୍ୱର ହିଁ ଦରକାର, ଏହି ସମର୍ପିତ ଭାବନା ନେଇ କର୍ମ କରିଯିବା ଉଚିତ୍।

ଆମେ କଣ ବାସ୍ତବରେ ଭକ୍ତିର ଅର୍ଥ ଜାଣିଛେ? ପୂଜା-ବିଧି, ନୀତି-କାନ୍ତି ସବୁ ଭିତରେ କଣ ଈଶ୍ୱରଙ୍କୁ ପାଇଛେ ବୋଲି ନିଜ ମନକୁ ସାନ୍ତ୍ୱନା ଦେଇପାରିବା? ଆଜିକାଲି ସବୁ ମନ୍ଦିର, ମଣ୍ଡପ, ଅନୁଷ୍ଠାନରେ ପ୍ରବଳ ଭିଡ ଦେଖିବାକୁ ମିଳେ, ପ୍ରଭୁଙ୍କ ଦର୍ଶନ ପାଇଁ ଲମ୍ବା ଧାଡ଼ି, ଠେଲା ପେଲା ଭିତରେ ଅନେକଙ୍କ ସହ ଅଘଟଣ ବି ଘଟେ। ପ୍ରଭୁଙ୍କୁ ଦର୍ଶନ କରିଦେଲେ ସବୁ ପାପ କ୍ଷୟ ହୋଇଯାଏ, ସତ୍ ବୁଦ୍ଧି ଆସେ, ଗ୍ରହ ଶାନ୍ତ ହୁଏ, ସଫଳତା ପ୍ରାପ୍ତ ହୁଏ, ଦୁଃଖ ଦୂର ହୁଏ ଆଦି ଅନେକ ଧାରଣା ନେଇ ଆମେ ପ୍ରଭୁଙ୍କ ଦର୍ଶନ କରୁ। ଈଶ୍ୱରଙ୍କୁ ଆମ କ୍ଷୀର, କଦଳୀ, ଧୂପ, ଦୀପ, ଫୁଲମାଳ, ମନ୍ତ୍ରପାଠ, ଏସବୁରେ ଲୋଭ ନଥାଏ, ଲୋଭ ଥାଏ ଆମ ଭାବରେ, ପ୍ରେମରେ, ସମର୍ପଣରେ। କିନ୍ତୁ ଆମେ ଏସବୁ ଅପେକ୍ଷା ବାହ୍ୟ ଆଡମ୍ବର ପ୍ରତି ଅଧିକ ଯତ୍ନଶୀଳ ହେଉ, ଅର୍ଥ ଖର୍ଚ୍ଚ କରୁ, କେହି କେହି ଦିଅଁଙ୍କୁ ନିକଟରେ ଦର୍ଶନ କରିବାକୁ ପୂଜକଙ୍କୁ ଲାଞ୍ଚ ଦେଇ ଆଗ ଦର୍ଶନ କରିଦିଅନ୍ତି, କାରଣ ନିଜ କାମ ଛାଡି ଲମ୍ବା ଧାଡ଼ିରେ ଠିଆ ହୋଇ ପୂଜା ପାଇଁ ଅପେକ୍ଷା କରିବାକୁ ସମୟ ନଥାଏ। ତେବେ କିଏ କହେ ମନ୍ଦିର ଯିବାକୁ? ଯେଉଁଠି ମଣିଷ ପାଖରେ ସମୟ ନାହିଁ, ଭକ୍ତି ନାହିଁ, ଭାବ ନାହିଁ, କାହିଁକି ଉପବାସ, ବ୍ରତ, ପୂଜାବିଧିର ପ୍ରହସନ? ନା ମନରେ ଗୋଟେ ଭୟ, କାଳେ ଈଶ୍ୱର କିଛି ଅମଙ୍ଗଳ କରିଦେବେ କି, ଅଘଟଣ ଘଟିଯିବକି? କିଛି ଘଟିବା ପୂର୍ବରୁ ଟିକେ ଲାଞ୍ଚ ଦେଇଦେବା ଈଶ୍ୱରଙ୍କୁ। ଈଶ୍ୱର ଖୁସି, ଆମେ ବି ଖୁସି।

ଈଶ୍ୱର କିଏ ବାସ୍ତବିକ ଆମକୁ ଜଣାନାହିଁ, ଯଦି ଆମେ ଜାଣିଯିବା ହୁଏତ ପୂଜା କରିବାର ଆବଶ୍ୟକତା ରହିବ ନାହିଁ। କେବଳ ଭାବ ବିହ୍ୱଳ ହୋଇ ତାଙ୍କୁ ସ୍ମରଣରେ ରଖିବା ଛଡା ଆଉ କିଛି ଆଗ୍ରହ ହିଁ ରହିବ ନାହିଁ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

---

# ଦେହ ପାଇଁ ହିତ ପରିବା କଲରା ବି ଆଣିପାରେ ବିପଦ: ଏହି ରୋଗୀ ହୋଇଥିଲେ ଖାଇବେ ନାହିଁ



ପାଟିକୁ ପିତା, ହେଲେ ଦେହ ପାଇଁ ଭାରି ହିତ। ଏଭଳି ଏକ ପରିବା ହେଉଛି କଲରା। କଲରା ପିତା ହେଲେ ବି ଭାରି ସ୍ୱାଦିଷ୍ଟ। କଲରା ଖାଇବାର ମଜା ଯିଏ ଜାଣିଛନ୍ତି ସେମାନଙ୍କର ଏହି ପରିବା ପ୍ରିୟ ପରିବା ଭିତରେ ଗଣା ହୋଇଯାଏ। ଏହାକୁ ଆପଣ କଞ୍ଚା ବି ଜୁସ୍ କରି ପିଇପାରିବେ।

କଲରା ଖାଇବା ଦ୍ୱାରା ବିଭିନ୍ନ ପ୍ରକାରର ଚର୍ମ ରୋଗ ଦୂର ହୋଇଥାଏ। ମୁହଁ ବ୍ରଣରୁ ନେଇ ଯାଦୁ, କାଛୁ, କୁଣ୍ଡିଆ ଆଦି ସମସ୍ୟାକୁ କଲରା ଖାଇବା ଦ୍ୱାରା ନିୟନ୍ତ୍ରଣରେ ରଖାଯାଇପାରେ।

କଲରାରେ ବହୁ ଗୁରୁତ୍ୱପୂର୍ଣ୍ଣ ନ୍ୟୁଟ୍ରିଏଣ୍ଟସ୍ ରହିଛି। ଏହାକୁ ଖାଇବା ଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣରେ ରଖାଯାଇପାରେ। ମଧୁମେହ ରୋଗୀଙ୍କ ପାଇଁ କଲରା ଔଷଧ ପରି କାମ କରେ।

କର୍କଟ ସହ ଲଢ଼ିବା ପରି ରୋଗ ପ୍ରତିରୋଧକ ଶକ୍ତି ରହିଛି କଲରା ଭିତରେ। ଏଥିରେ କୋଲେଷ୍ଟ୍ରଲ୍ ସ୍ତର ବି ନିୟନ୍ତ୍ରଣରେ ରହେ।

ଓଜନ ହ୍ରାସ ସହ ତ୍ୱଚାକୁ ଯୁବା ରଖିବାକୁ ଚାହୁଁଥିଲେ ମଧ୍ୟ ଆପଣ କଲରା ଖାଇବା ଅଭ୍ୟାସ ରଖନ୍ତୁ। ଏକ ଗୁରୁତ୍ୱପୂର୍ଣ୍ଣ କଥା ଜାଣିରଖନ୍ତୁ। ଆପଣ ଯଦି ମଧୁମେହ ରୋଗୀ ତେବେ କଲରା ଏକ ସୀମା ମଧ୍ୟରେ ଖାଇବେ। ମଧୁମେହ ରୋଗୀ ଔଷଧ ଖାଉଥିବା ହେତୁ କଲରା ଖାଇଲେ ରକ୍ତରେ ଶର୍କରା ପରିମାଣ ଅତ୍ୟନ୍ତ କମ୍ ହୋଇ ଯାଇପାରେ। ଅସ୍ତ୍ରୋପଚାର ପରେ ମଧ୍ୟ କଲରା ଖାଇଲେ ଆପଣ ଅସୁବିଧାରେ ପଡ଼ିପାରନ୍ତି। ଏହି ସମୟରେ ବି ରକ୍ତରେ ଶର୍କରା ପରିମାଣ କମ୍ ହେବାର ସମ୍ଭାବନା ରହିଛି।

# ହରଡ଼ ଡାଲି ଖାଇବାରେ ରହିଛି ଅନେକ ଫାଇଦା: କିନ୍ତୁ ଏହି ସବୁ କ୍ଷତି ମଧ୍ୟ ରହୁଛି



ଭାରତୀୟ ଖାଦ୍ୟରେ ଡାଲିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି । ଏବଂ ସେଥିମଧ୍ୟରୁ ହରଡ଼ ଡାଲି ଅନ୍ୟତମ । ଏହା କେବଳ ସ୍ୱାଦରେ ଭଲ ତାହା ନୁହେଁ , ବରଂ ପୋଷକ ତତ୍ତ୍ୱରେ ମଧ୍ୟ ଭରପୂର । ପ୍ରାୟତଃ ପ୍ରତ୍ୟେକ ଘରେ ଏହାକୁ ବିଭିନ୍ନ ଉପାୟରେ ପ୍ରସ୍ତୁତ କରାଯାଏ । କିନ୍ତୁ ଏହାର ନିୟମିତ ସେବନ ଶରୀର ପାଇଁ କେତେ ଲାଭଦାୟକ ବା କ୍ଷତିକାରକ, ତାହା ଜାଣିବା ନିହାତି ଜରୁରୀ ।

**ହରଡ଼ ଡାଲି ଖାଇବାର ଫାଇଦା**

୧. ପ୍ରୋଟିନର ଉତ୍ତମ ସ୍ରୋତ: ନିରାମିଷାଶୀ ଲୋକଙ୍କ ପାଇଁ ହରଡ଼ ଡାଲି ପ୍ରୋଟିନର ଏକ ପ୍ରମୁଖ ଉତ୍ସ । ପ୍ରୋଟିନ୍ ମାଂସପେଶୀ ଗଠନ, କୋଷିକା ମରାମତି ଏବଂ ଶରୀରର ସାମଗ୍ରିକ ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ।

୨. ପାଚନ କ୍ରିୟାରେ ସହାୟକ: ଏଥିରେ ଭରପୂର ମାତ୍ରାରେ ଫାଇବର ରହିଛି । ଯାହା ପାଚନ ତନ୍ତ୍ରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଏହାର ସେବନ ଦ୍ୱାରା କୋଷ୍ଠକାଠିନ୍ୟ ଭଳି ସମସ୍ୟା ଦୂର ହୁଏ ଏବଂ ଅନ୍ତନଳୀ ସୁସ୍ଥ ରହେ।

୩. ଓଜନ ନିୟନ୍ତ୍ରଣ କରେ: ହରଡ଼ ଡାଲିରେ ଥିବା ଫାଇବର ଏବଂ ପ୍ରୋଟିନ୍ ଯୋଗୁଁ ଏହାକୁ ଖାଇବା ପରେ ପେଟ ବହୁ ସମୟ ପର୍ଯ୍ୟନ୍ତ ଭରି ରହିଥାଏ । ଫଳରେ ବାରମ୍ବାର ଭୋକ ଲାଗେ ନାହିଁ ଏବଂ ଏହା ଓଜନ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ ।

୪. ହୃଦୟ ପାଇଁ ଲାଭଦାୟକ: ଏଥିରେ ପୋଟାସିୟମ୍ ଭଳି ଖଣିଜ ତତ୍ତ୍ୱ ରହିଛି, ଯାହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଏହା ଶରୀରରୁ ଖରାପ କୋଲେଷ୍ଟ୍ରଲ ସ୍ତରକୁ କମ୍ କରି ହୃଦଘାତର ଆଶଙ୍କାକୁ ମଧ୍ୟ କମ୍ କରେ ।

୫. ଫୋଲିକ୍ ଏସିଡରେ ଭରପୂର: ଗର୍ଭବତୀ ମହିଳାଙ୍କ ପାଇଁ ହରଡ ଡାଲି ବହୁତ ଲାଭଦାୟକ। ଏଥିରେ ଥିବା ଫୋଲିକ୍ ଏସିଡ୍ ଗର୍ଭସ୍ଥ ଶିଶୁର ମସ୍ତିଷ୍କ ଏବଂ ମେରୁଦଣ୍ଡର ବିକାଶରେ ସହାୟକ ହୋଇଥାଏ ।

**ହରଡ଼ ଡାଲିର ଅତ୍ୟଧିକ ସେବନରୁ ହେଉଥିବା କ୍ଷତି**

ଯଦିଓ ହରଡ ଡାଲି ଅତ୍ୟନ୍ତ ପୁଷ୍ଟିକର, ତଥାପି କିଛି ପରିସ୍ଥିତିରେ ଏହାର ଅତ୍ୟଧିକ ସେବନ କ୍ଷତିକାରକ ହୋଇପାରେ:

ୟୁରିକ୍ ଏସିଡ୍ ବୃଦ୍ଧି: ଯେଉଁମାନଙ୍କର ୟୁରିକ୍ ଏସିଡ୍ ସ୍ତର ଅଧିକ ରହିଛି କିମ୍ବା ଗାଉଟ୍ ସମସ୍ୟା ଅଛି, ସେମାନେ ହରଡ ଡାଲି କମ୍ ଖାଇବା ଉଚିତ୍। କାରଣ ଏଥିରେ ଥିବା ପ୍ୟୁରିନ୍ ୟୁରିକ୍ ଏସିଡ୍ ସ୍ତର ବଢ଼ାଇପାରେ।

କିଡନୀ ସମସ୍ୟା: କିଡନୀ ରୋଗୀମାନେ ଡାକ୍ତରଙ୍କ ପରାମର୍ଶ ବିନା ଅଧିକ ମାତ୍ରାରେ ଡାଲି ସେବନ କରିବା ଅନୁଚିତ୍ । କାରଣ ଏଥିରେ ଥିବା ପ୍ରୋଟିନ୍ କିଡନୀ ଉପରେ ଅତିରିକ୍ତ ଚାପ ପକାଇପାରେ ।

ପେଟ ଫୁଲିବା: ବେଳେବେଳେ ଅଧିକ ଡାଲି ଖାଇବା ଦ୍ୱାରା କିଛି ଲୋକଙ୍କର ଗ୍ୟାସ୍ କିମ୍ବା ପେଟ ଫୁଲିବା ଭଳି ସମସ୍ୟା ଦେଖାଦେଇପାରେ। ରାନ୍ଧିବା ପୂର୍ବରୁ ଡାଲିକୁ କିଛି ସମୟ ପାଣିରେ ବତୁରାଇ ରଖିଲେ ଏହି ସମସ୍ୟା କମ୍ ହୋଇଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବିହାର ଭୋଟର ତାଲିକା ସମୀକ୍ଷା: ଅପସାରଣ ପଛର ଅସାଧାରଣ ଧାରା ଓ ଗଣତନ୍ତ୍ରର ଆହ୍ୱାନ

ଭାରତୀୟ ନିର୍ବାଚନ ଆୟୋଗ (ECI)ଙ୍କ ଦ୍ୱାରା ବିହାରର ଭୋଟର ତାଲିକାରୁ ବାଦ୍ ଦିଆଯାଇଥିବା ୬୫ ଲକ୍ଷରୁ ଅଧିକ ନାଗରିକଙ୍କ ତଥ୍ୟର ଏକ ବିସ୍ତୃତ ବିଶ୍ଳେଷଣ ଅନେକ ଗମ୍ଭୀର ଅସଙ୍ଗତିକୁ ପଦାକୁ ଆଣିଛି। ବିଧାନସଭା ନିର୍ବାଚନମଣ୍ଡଳୀ ଅନୁଯାୟୀ ପ୍ରକାଶିତ ଏହି ତାଲିକାରେ ଦେଖାଯାଇଥିବା ଧାରାଗୁଡ଼ିକ କେବଳ ପରିସଂଖ୍ୟାନଗତ ବିଚ୍ୟୁତି ନୁହେଁ, ବରଂ ଏହା ପଛରେ ଥିବା ସମ୍ଭାବ୍ୟ ପ୍ରକ୍ରିୟାଗତ ତ୍ରୁଟି ଏବଂ ବ୍ୟାପକ ସମସ୍ୟା ଆଡ଼କୁ ଇଙ୍ଗିତ କରୁଛି, ଯାହାର ଏକ ଗଭୀର ଅନୁସନ୍ଧାନ ଅପରିହାର୍ଯ୍ୟ ହୋଇପଡ଼ିଛି । ଅପସାରିତ ଭୋଟରଙ୍କ ତଥ୍ୟକୁ ଆଠଟି ଭିନ୍ନ ଭିନ୍ନ ବର୍ଗରେ ବିଭକ୍ତ କରାଯାଇପାରେ, ଯାହା ପ୍ରତ୍ୟେକଟି ଏକ ସ୍ୱତନ୍ତ୍ର ପ୍ରଶ୍ନବାଚୀ ସୃଷ୍ଟି କରୁଛି । ନିର୍ବାଚନ ଆୟୋଗ ପ୍ରତ୍ୟେକ ମତଦାନ କେନ୍ଦ୍ର (ପାର୍ଟ) ପାଇଁ ଏହି ତଥ୍ୟ ପ୍ରଦାନ କରିଛନ୍ତି, ଯେଉଁଥିରେ ମତଦାନ କେନ୍ଦ୍ର, ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ଜିଲ୍ଲାର ନାମ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଏହି ବିଶ୍ଳେଷଣରୁ ମିଳିଥିବା ତଥ୍ୟ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ଗୁରୁତର ପ୍ରଶ୍ନ ଠିଆ କରୁଛି ।

ସବୁଠାରୁ ଚିନ୍ତାଜନକ ଅସଙ୍ଗତି ମୃତ୍ୟୁ ସମ୍ବନ୍ଧୀୟ ତଥ୍ୟରେ ଦେଖିବାକୁ ମିଳିଛି। ରାଜ୍ୟର ୮୦ଟି ମତଦାନ କେନ୍ଦ୍ରରେ ଯୁବ ମୃତ୍ୟୁହାର ଅସ୍ୱାଭାବିକ ଭାବେ ଅଧିକ ରହିଛି, ଯେଉଁଠାରେ ୫୦ରୁ ଅଧିକ ମୃତ ଭୋଟରଙ୍କ ମଧ୍ୟରୁ ଅର୍ଦ୍ଧାଧିକ ୫୦ ବର୍ଷରୁ କମ୍ ବୟସର । ଉଦାହରଣସ୍ୱରୂପ, ଭାଗଲପୁରର ଉର୍ଦ୍ଦୁ ମଧ ବିଦ୍ୟାଳୟ ଚକଦରିଆରେ ୫୮ ଜଣ ମୃତକଙ୍କ ମଧ୍ୟରୁ ୫୦ ଜଣ (୮୬.୨%) ୫୦ ବର୍ଷରୁ କମ୍ ବୟସର ଥିଲେ, ଯାହା ସାଧାରଣ ଜନସାଂଖ୍ୟିକ ମାନଦଣ୍ଡର ସମ୍ପୂର୍ଣ୍ଣ ବିପରୀତ। ଏହାଠାରୁ ଆହୁରି ଆଶ୍ଚର୍ଯ୍ୟଜନକ ଭାବେ, ୯୭୩ଟି ମତଦାନ କେନ୍ଦ୍ରରେ ଭୋଟର ତାଲିକାରୁ ହୋଇଥିବା ସମସ୍ତ ଅପସାରଣ କେବଳ ମୃତ୍ୟୁ କାରଣରୁ ହୋଇଥିବା ଦର୍ଶାଯାଇଛି, ଯାହା ପରିସଂଖ୍ୟାନ ଦୃଷ୍ଟିରୁ ଅସମ୍ଭବ ମନେହୁଏ । ଭୋଜପୁରର ବାଳକ ପ୍ରାଥମିକ ବିଦ୍ୟାଳୟ ନାରାୟଣପୁରରେ ସମସ୍ତ ୧୨୬ଟି ଅପସାରଣ ମୃତ୍ୟୁ କାରଣରୁ ହୋଇଥିବା ରେକର୍ଡ କରାଯାଇଛି । ଏଥିସହିତ, ୭,୨୧୬ଟି କେନ୍ଦ୍ରରେ ୭୫%ରୁ ଅଧିକ ଅପସାରଣ ମୃତ୍ୟୁ କାରଣରୁ ହୋଇଥିବାବେଳେ ୪୧୨ଟି କେନ୍ଦ୍ରରେ ୧୦୦ରୁ ଅଧିକ ମୃତ୍ୟୁ ରିପୋର୍ଟ କରାଯାଇଛି। ଭାଗଲପୁରର ରାଜକୀୟ ପଲିଟେକନିକ୍ ଟେକ୍ସଟାଇଲ୍ ଟେକ୍ନୋଲୋଜି କେନ୍ଦ୍ରରେ ୧୬୬ଟି ଅପସାରଣ ମଧ୍ୟରୁ ୧୬୫ଟି (୯୯.୪%) ମୃତ୍ୟୁ ଯୋଗୁଁ ହୋଇଥିବା ଦର୍ଶାଯିବା ଏହି ଧାରାର ଏକ ଜ୍ୱଳନ୍ତ ଉଦାହରଣ ।

ଅପସାରଣ ତାଲିକାରେ ଲିଙ୍ଗଗତ ପାତରଅନ୍ତର ମଧ ସ୍ପଷ୍ଟ ଭାବେ ପରିଲକ୍ଷିତ ହୋଇଛି । ରାଜ୍ୟର ୧୨୭ଟି ମତଦାନ କେନ୍ଦ୍ରରେ ଅପସାରିତ ଭୋଟରଙ୍କ ମଧ୍ୟରେ ୮୦%ରୁ ଅଧିକ ମହିଳା ଅଛନ୍ତି । କିଶନଗଞ୍ଜର ରାମାନିୟା ପୋଖର ସ୍କୁଲରେ ୧୦୫ ଜଣଙ୍କ ନାମ କଟାଯାଇଥିବା ବେଳେ ସେଥିରୁ ୯୭ ଜଣ (୯୨.୪%) ମହିଳା ଥିଲେ । ଏହା ସହିତ, ୬୬୩ଟି କେନ୍ଦ୍ରରେ 'ସ୍ଥାୟୀ ଭାବେ ସ୍ଥାନାନ୍ତରିତ' ଭାବେ ଚିହ୍ନିତ ହୋଇଥିବା ଭୋଟରଙ୍କ ମଧ୍ୟରେ ୭୫%ରୁ ଅଧିକ ମହିଳା, ବିଶେଷକରି ଯୁବତୀ ଅଛନ୍ତି । ଗୋପାଳଗଞ୍ଜର ପଞ୍ଚାୟତ ଭବନ ସିକଟିଆରେ ସ୍ଥାନାନ୍ତରିତ ଭାବେ ଦର୍ଶାଯାଇଥିବା ସମସ୍ତ ୮୦ ଜଣ ଭୋଟର ମହିଳା, ଯେଉଁମାନଙ୍କ ହାରାହାରି ବୟସ ମାତ୍ର ୨୯.୯ ବର୍ଷ । ଏହି ତଥ୍ୟଗୁଡ଼ିକ ସୂଚାଉଛି ଯେ ନିର୍ବାଚନ ପ୍ରକ୍ରିୟାରୁ ମହିଳାମାନଙ୍କୁ, ବିଶେଷକରି ଯୁବତୀମାନଙ୍କୁ, ବାଦ୍ ଦେବାର ଏକ ସୁଚିନ୍ତିତ ପ୍ରୟାସ ହୋଇଥାଇପାରେ ।

କେତେକ ଅଞ୍ଚଳରେ ଅପସାରଣ ହାର ଅସ୍ୱାଭାବିକ ଭାବେ ବହୁତ ଅଧିକ ରହିଛି । ୧,୯୮୫ଟି ମତଦାନ କେନ୍ଦ୍ରରେ ୨୦୦ରୁ ଅଧିକ ଭୋଟରଙ୍କ ନାମ କଟାଯାଇଛି, ଯାହା ସାଧାରଣ ହାରଠାରୁ ଯଥେଷ୍ଟ ଅଧିକ । ଗୋପାଳଗଞ୍ଜର ନବସୃଜିତ ପ୍ରାଥମିକ ବିଦ୍ୟାଳୟ ନିରଞ୍ଜନାରେ ୬୪୧ ଜଣଙ୍କ ନାମ କଟାଯାଇଥିବା ବେଳେ ଅଙ୍ଗନବାଡ଼ି କେନ୍ଦ୍ର ଜଙ୍ଗି ରାୟ କେ ଟୋଲାରେ ୬୨୭ ଜଣଙ୍କ ନାମ କଟାଯାଇଛି, ଯେଉଁମାନେ ସମସ୍ତେ 'ସ୍ଥାନାନ୍ତରିତ' ଭାବେ ଦର୍ଶାଯାଇଛନ୍ତି । ଏହା ବ୍ୟତୀତ, ୫,୦୮୪ଟି କେନ୍ଦ୍ରରେ ୫୦ରୁ ଅଧିକ ଭୋଟରଙ୍କୁ 'ଅନୁପସ୍ଥିତ' ଭାବେ ଚିହ୍ନଟ କରାଯାଇଛି । ଏହି 'ଅନୁପସ୍ଥିତ' ବର୍ଗୀକରଣର ଅର୍ଥ ହେଉଛି, ଯାଞ୍ଚ ସମୟରେ ଅଧିକାରୀମାନେ ଭୋଟରଙ୍କୁ ସେମାନଙ୍କ ପଞ୍ଜୀକୃତ ଠିକଣାରେ ପାଇନଥିଲେ । ଏହା ଏକ ଅତ୍ୟନ୍ତ ଅସ୍ପଷ୍ଟ କାରଣ, କାରଣ ଜଣେ ପ୍ରବାସୀ ଶ୍ରମିକ, ବାହାରେ ପଢୁଥିବା ଛାତ୍ର କିମ୍ବା କେବଳ ସେହି ମୁହୂର୍ତ୍ତରେ ଘରେ ନଥିବା ବ୍ୟକ୍ତିଙ୍କୁ ମଧ ଏହି ଆଧାରରେ ତାଲିକାରୁ ବାଦ୍ ଦିଆଯାଇପାରେ । ଗୋପାଳଗଞ୍ଜର କମଳା ରାୟ ମହାବିଦ୍ୟାଳୟରେ ୪୫୭ ଜଣଙ୍କୁ ଏହି କାରଣରୁ 'ଅନୁପସ୍ଥିତ' ଦର୍ଶାଯିବା, ବିନା କୌଣସି ଯଥାର୍ଥ ପ୍ରମାଣରେ ନାଗରିକଙ୍କୁ ମତାଧିକାରରୁ ବଞ୍ଚିତ କରିବାର ଆଶଙ୍କା ସୃଷ୍ଟି କରୁଛି ।

ଏହି ଅସଙ୍ଗତିଗୁଡ଼ିକର ଭୌଗୋଳିକ ଏବଂ ଜନସାଂଖ୍ୟିକ ବିତରଣ ମଧ ଉଦ୍‌ବେଗଜନକ । ପୂର୍ଣ୍ଣିଆ, କିଶନଗଞ୍ଜ ଏବଂ ଚମ୍ପାରନ ଭଳି ଅନ୍ତର୍ଜାତୀୟ ସୀମାନ୍ତବର୍ତ୍ତୀ ଜିଲ୍ଲା ତଥା ସଂଖ୍ୟାଲଘୁ ସମ୍ପ୍ରଦାୟ ବହୁଳ ଅଞ୍ଚଳରେ ଏହିପରି ତ୍ରୁଟିପୂର୍ଣ୍ଣ ଅପସାରଣ ଅଧିକ ମାତ୍ରାରେ ଦେଖାଯାଇଛି । ବିଶେଷକରି ଗୋପାଳଗଞ୍ଜ ନିର୍ବାଚନମଣ୍ଡଳୀରେ ଏକାଧିକ ପ୍ରକାରର ଅସଙ୍ଗତିର କେନ୍ଦ୍ରୀକରଣ ସମ୍ଭାବ୍ୟ ଅନିୟମିତତା ଆଡ଼କୁ ସଙ୍କେତ ଦେଉଛି । ଏହି ପରିପ୍ରେକ୍ଷୀରେ କିଛି ମୌଳିକ ପ୍ରଶ୍ନ ଉଠୁଛି: ଭୋଟରଙ୍କୁ ମୃତ ବା ସ୍ଥାନାନ୍ତରିତ ଘୋଷଣା କରିବା ପୂର୍ବରୁ କେଉଁ ପ୍ରକାରର ଯାଞ୍ଚ କରାଯାଇଥିଲା ? କାହିଁକି କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳ ଓ ସମ୍ପ୍ରଦାୟକୁ ଲକ୍ଷ୍ୟ କରାଯାଇଥିବା ପରି ମନେହେଉଛି ? କାହିଁକି ଏତେ ସଂଖ୍ୟକ ଯୁବ ଭୋଟର, ବିଶେଷକରି ମହିଳାମାନେ, ଏହି ପ୍ରକ୍ରିୟାର ଶିକାର ହୋଇଛନ୍ତି ? ଗଣତନ୍ତ୍ରର ମୂଳଦୁଆକୁ ସୁରକ୍ଷିତ ରଖିବା ପାଇଁ ନିର୍ବାଚନ ଆୟୋଗ ତୁରନ୍ତ ଏହି ସମସ୍ତ ମତଦାନ କେନ୍ଦ୍ରରେ ଅପସାରିତ ଭୋଟରଙ୍କ ତାଲିକାର ପୁନଃ ଯାଞ୍ଚ କରିବା ଆବଶ୍ୟକ । ଯଦି କୌଣସି ଭୋଟରଙ୍କୁ ଭୁଲ୍‌ବଶତଃ ବାଦ୍ ଦିଆଯାଇଛି, ତେବେ ସେମାନଙ୍କୁ ପୁନଃ ତାଲିକାଭୁକ୍ତ କରିବାର ବ୍ୟବସ୍ଥା କରାଯିବା ଉଚିତ୍ । ଏଥିପାଇଁ ଦାବି ଓ ଆପତ୍ତି ଦାଖଲ କରିବାର ସମୟସୀମାକୁ ବୃଦ୍ଧି କରିବା ଏକାନ୍ତ ଜରୁରୀ, ଯାହାଦ୍ୱାରା ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ଓ ବିଶ୍ୱସନୀୟତା ବଜାୟ ରହିପାରିବ ।

# ଗଜପତି ମହାରାଜା ଏବଂ ଉତ୍କଳୀୟ ନୂତନ ବର୍ଷ ସୁନିଆଁ



**ସୁଷମା ପରିଜା**

ଓଡ଼ିଶାରେ ରାଜକୀୟ ନବବର୍ଷ ଆରମ୍ଭ ହୁଏ ଭାଦ୍ରବ ମାସ ଶୁକ୍ଳ ଦ୍ୱାଦଶୀ ତିଥିରେ "ସୁନିଆଁ "ଠାରୁ। ଚଳିତ ମାସରେ ସୁନିଆଁ ଠାରୁ ବର୍ତ୍ତମାନର ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କର ଅ୬୯ଙ୍କ, ସନ ୧୪୩୩ ସାଲ ପ୍ରବେଶ କରିବ ।

"ସୁନିଆଁ" ହେଉଛି ଓଡିଶା ରାଜାଙ୍କର ରାଜତ୍ୱର ଅଙ୍କ ଗଣନା ବର୍ଷର ପ୍ରଥମ ଦିନ । ସୁନିଆଁ ଦିନ ରାଜାଙ୍କର ରାଜସ୍ୱ ଆଦାୟ ଓ ନୂଆ ଖାତା ଆରମ୍ଭ ହୁଏ । ସୁନିଆଁ ଦିନ ଗୋଟିଏ ସୁନା ମୋହର ଉପରେ ରାଜାଙ୍କ ରାଜତ୍ୱର ଅଙ୍କ ବା ବର୍ଷ ଚିହ୍ନିତ କରାଯାଏ। ଏହାକୁ ସାଧାରଣ ଭାଷାରେ କହନ୍ତି ଅଙ୍କକଟା। ଏହି ଦିନଟି ରାଜକୀୟ ବର୍ଷ ଆରମ୍ଭର ପ୍ରଥମ ଦିନ ଏବଂ ସୁନା ଶବ୍ଦ ସହ ଜଡ଼ିତ ହୋଇଥିବାରୁ ସମ୍ଭବତଃ ସୁନିଆଁ ଭାବେ ପାଳିତ ହେଉଛି ।

ବାମନ ପୁରାଣ ଅନୁଯାୟୀ ଭାଦ୍ରବ ମାସର ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଦେବୀ ଅଦିତିଙ୍କ ଗର୍ଭରୁ ପ୍ରଭୁ ବାମନ ଆବିର୍ଭୁତ ହୋଇଥିଲେ। ତେଣୁ ଏହି ଦିନ ରେ ସର୍ବତ୍ର ବାମନ ଜନ୍ମ ପାଳିତ ହୋଇଥାଏ। ବିଷ୍ଣୁ ଙ୍କର ଦଶ ଅବତାର ମଧ୍ୟରୁ ବାମନ ହେଉଛନ୍ତି ପଞ୍ଚମ ଅବତାର । ସେ ଏଭଳି ବ୍ରହ୍ମଜ୍ଞ ଏବଂ ରାଜନୀତି ପ୍ରବୀଣ ଯେ ନିଜ ବୁଦ୍ଧି ଓ ବିଚକ୍ଷଣତା ରେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନି ଭୁବନକୁ ନିଜ ପାଦତଳେ ରଖିବା ସହ ବଳୀ ପରି ସମର୍ଥ ଶାସକଙ୍କୁ ମଧ ପାତାଳକୁ ଚାପି ଦେଇଥିଲେ। ତେଣୁ ଫସଲ ଅମଳ ପରେ ରାଜକୋଷକୁ ସମୃଦ୍ଧ କରି ରାଜାମାନେ ତ୍ରିବିକ୍ରମ ବାମନଙ୍କ ପରାକ୍ରମକୁ ପାଥେୟ କରି ବାହାରୁଥିଲେ ଦେଶ ଜୟ କରିବାକୁ ।

ଉତ୍କଳୀୟ ସଂସ୍କୃତି ଓ ସାମାଜିକ ଜୀବନରେ ଗଜପତିଙ୍କ ନାମରେ ଆରମ୍ଭ ହୁଏ ନବବର୍ଷ । ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ସୁନିଆଁ ଦିନ ଆରମ୍ଭ ହୁଏ ଗଜପତିଙ୍କ ନୂତନ ଅଙ୍କ । ତେଣୁ ସୁନିଆକୁ ଉତ୍କଳୀୟ ନବବର୍ଷ ବୋଲି ଧରାଯାଏ । ଓଡିଆ ପାଇ ଓ ଜାତକରେ ବର୍ଷ, ମାସ, ତାରିଖ, ତିଥି ଓ ନକ୍ଷତ୍ର ଉଲ୍ଲେଖ ହୁଏ । ସୁନିଆଁ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିନାସୀନ ବର୍ଷର ଗଣନା ହୋଇଥାଏ । ସୁନିଆଁ ଦିନ ଷୋହଳ ଶାସନରୁ ବ୍ରାହ୍ମଣମାନେ ଶ୍ରୀନଅରକୁ ଆସି ଗୋଟିଏ ଲେଖାଏଁ ନଡିଆ ଗଜପତିଙ୍କୁ ଭେଟିଦେଇ ମହାରାଜାଙ୍କୁ ଆଶୀର୍ବାଦ କରିଥାନ୍ତି । କରଣ ସାମନ୍ତମାନେ ମଧ ଶ୍ରୀନଅରକୁ ଆସି ଗଜପତି ମହାରାଜାଙ୍କୁ ନିଜର ସାଧ୍ୟମତେ ଭେଟି ଦେଇଥାନ୍ତି । ସମସ୍ତଙ୍କୁ ଶ୍ରୀନଅରରେ ମହାପ୍ରସାଦ ସେବନରେ ଆପ୍ୟାୟିତ କରାଯାଏ। ସୁନିଆଁ ଦିନ ଗଜପତି ମହାରାଜା ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି କନକ ଭେଟି ଅର୍ପଣ କରିବାର ପ୍ରଥା ଅଛି । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଗଜପତି ପୁରୁଣା ନଅର ସ୍ଥଳକୁ ଯାଇ ଶ୍ୟାମାକାଳୀ ଓ ଅଷ୍ଟଶମ୍ଭୁଙ୍କୁ ଦର୍ଶନକରି ଶ୍ରୀନଅରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ସୁନିଆଁ ଦିନ ସ୍ୱର୍ଣ୍ଣମୁଦ୍ରାରେ ଗଜପତି ମହାରାଜାଙ୍କ ନୂତନ ଅଙ୍କ କଟାଯାଇ ସେହିଦିନଠାରୁ ନୂତନ ଅଙ୍କର ଗଣନା ଆରମ୍ଭ ହୁଏ ।

ଗଜପତି ବଂଶ ପରମ୍ପରା କ୍ରମେ ଗଜପତି ମହାରାଜାଙ୍କ ଜ୍ୟେଷ୍ଠପୁତ୍ର ଉତ୍ତରାଧିକାରୀ ସୂତ୍ରରେ ଗଜପତି ମହାରାଜା ରୂପେ ଗାଦିନସୀନ ହୋଇ ଶ୍ରୀମନ୍ଦିରରେ ଗଜପତି ମହାରାଜା ସେବା କରି ପାରିବେ । ଗଜପତି ମହାରାଜାଙ୍କ କନ୍ୟାସନ୍ତାନ ଗଜପତି ମହାରାଜା ସେବା କରିପାରିବେ ନାହିଁ । ତେଣୁ ମହାରାଜାଙ୍କ ପୁତ୍ର ନଥିଲେ ପୋଷ୍ୟପୁତ୍ର ଗ୍ରହଣ କରିବାକୁ ହୁଏ । ଗଜପତି ମହାରାଜାଙ୍କ ଜ୍ୟେଷ୍ଠପୁତ୍ର ବା ଯେଉଁ ପୁତ୍ର ଭବିଷ୍ୟତରେ ଉତ୍ତରାଧିକାରୀ ଭାବେ ରାଜଗାଦିରେ ଅଭିଷିକ୍ତ ହେବାର ଥିବ ତାଙ୍କୁ ଜେନାମଣି ବା ବଡ଼ ଜେନାମଣି ଭାବେ ସମ୍ବୋଧନ କରାଯାଏ। ତାଙ୍କ ସାନଭାଇଙ୍କୁ ଥାଟରାଜା କୁହାଯାଏ । ଉତ୍ତରାଧିକାରୀ ସୂତ୍ରେ ଗଜପତି ମହାରାଜା ଗାଦିନସୀନ ବା ଅଭିଷେକ, ତା ପରେ ବ୍ରତୋପୟନ ଏବଂ ଶାଢ଼ୀବନ୍ଧା ପର୍ବ ସମାପନ ପରେ ସେ 'ଗଜପତି ମହାରାଜା ସେବା' କରିପାରିବେ । 'ଶାଢ଼ୀବନ୍ଧା' ପ୍ରଥା ହେଉଛି ଶ୍ରୀମନ୍ଦିରରେ ସେବାନିର୍ବାହ କରିବା ପାଇଁ ମହାପ୍ରଭୁଙ୍କ ଆଜ୍ଞାପ୍ରଦାନ । ଗଜପତି ମହାରାଜା ରୂପେ ଅଭିଷିକ୍ତ ହେବା ପୂର୍ବରୁ ଜେନାମଣିଙ୍କର ଅନ୍ୟ ନାମ ଥାଏ । ବର୍ତ୍ତମାନର ଗଜପତି ମହାରାଜାଙ୍କର ନାମ ଥିଲା ଜେନାମଣି କାମାର୍ଣ୍ଣବ ଦେବ । ଗଜପତି ବଂଶର ପରମ୍ପରା କ୍ରମେ ଗଜପତି ମହାରାଜା ପଦରେ ଅଭିଷିକ୍ତ ହେବା ପରେ କ୍ରମାନୁସାରେ ଚାରୋଟି ନାମରେ ନାମିତ ହୋଇଥାନ୍ତି ।

୧.ଗଜପତି ମୁକୁନ୍ଦଦେବ
୨.ଗଜପତି ରାମଚନ୍ଦ୍ରଦେବ
୩.ଗଜପତି ବୀରକିଶୋରଦେବ
୪.ଗଜପତି ଦିବ୍ୟସିଂହଦେବ

ସେହିପରି ସେମାନଙ୍କ ପାଟରାଣୀ ମାନେ ମଧ ରାଜ୍ୟାଭିଷେକ ପରେ ନିଜର ପୈତୃକ ନାମ ନିମ୍ନମତେ ପରିବର୍ତ୍ତନ କରିଥାନ୍ତି

୧.ସୂର୍ଯ୍ୟମଣି ପାଟ ମହାଦେଈ
୨.ଚନ୍ଦ୍ରମଣି ପାଟ ମହାଦେଈ
୩. ଲୀଳାବତୀ ପାଟ ମହାଦେଈ
୪. ପଦ୍ମାବତୀ ପାଟ ମହାଦେଈ

ଶ୍ରୀଜଗନ୍ନାଥଙ୍କ ଆଦ୍ୟ ସେବକ ଭାବେ ଗଜପତି ମହାରାଜାଙ୍କର ସେବା ହେଉଛି ବଂଶାନୁକ୍ରମିକ । ଏହା ଏକା ଏକା ସେବା ସେବା, ଗୋଷ୍ଠୀ ସେବା ନୁହେଁ । ଶ୍ରୀଜଗନ୍ନାଥ ମନ୍ଦିରର ସ୍ୱତ୍ୱଲିପିରେ ଏହି ସେବାକୁ ଗଜପତି ମହାରାଜା ସେବା ଭାବରେ ଉଲ୍ଲେଖ କରାଯାଇଛି । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରଥମ ସେବକ ଭାବେ ଗଜପତି ମହାରାଜା ପ୍ରତ୍ୟହ ଶ୍ରୀମନ୍ଦିରରୁ ଖେଇ ସ୍ୱରୂପ ମହାପ୍ରସାଦ ପାଇଥାନ୍ତି । ପ୍ରତିଦିନ ମହାପ୍ରଭୁ (ଜଗନ୍ନାଥ)ଙ୍କର ବାଡ଼ପହୁଡ଼ ସମୟର ମାଳଚୂଳ, ପଇଡ ଇତ୍ୟାଦି ଏବଂ ମଙ୍ଗଳ ଆଳତି ପ୍ରସାଦ ଚର୍ଚ୍ଚା କର୍ମଚାରୀ ଶ୍ରୀନଅରକୁ ନେଇଥାନ୍ତି । ମହାପ୍ରଭୁଙ୍କ ଅବକାଶ ନୀତି ଜଳ ପ୍ରତିଦିନ ମୁଖପ୍ରଖାଳ ପ୍ରତିହାରୀ ଶ୍ରୀନଅରରେ ଦିଅନ୍ତି । ବଡୁ ମହାପାତ୍ର ପ୍ରତ୍ୟେକ ଧୂପରେ, ପର୍ବପର୍ବାଣି ଦିନମାନଙ୍କରେ ଶ୍ରାଦ୍ଧ ଓ ସ୍ୱନକ୍ଷତ୍ର ଦିବସରେ ଶ୍ରୀମନ୍ଦିରରୁ ଶ୍ରୀନଅରକୁ ଟାଟ ଦିଅନ୍ତି । ମହାରାଣୀ ଓ ଜେନାମଣି ଖେଇ ସ୍ୱରୂପ ମହାପ୍ରସାଦ ପାଇଥାନ୍ତି । ଗଜପତି ମହାରାଜା, ମହାରାଣୀ ଏବଂ ଜେନାମଣିଙ୍କ ସ୍ୱନକ୍ଷତ୍ରରେ ଶ୍ରୀମନ୍ଦିରରେ ଅଧିକ ଭୋଗ ହୋଇ ଶ୍ରୀନଅରକୁ ଟାଟ ଯାଏ । ପ୍ରତି ଏକାଦଶୀ ତିଥି ନିଶାର୍ଦ୍ଧରେ ଗଜପତିଙ୍କ ଶୁଭକାମନା କରି ଶ୍ରୀମନ୍ଦିର ନୀଳଚକ୍ର ଠାରେ ମହାଦୀପ ଉଠେ ।

ଶ୍ରୀଜଗନ୍ନାଥଙ୍କ ସେବା କିମ୍ବା ଦର୍ଶନ ପାଇଁ ଗଜପତି ମହାରାଜା ଶ୍ରୀମନ୍ଦିରକୁ ଗଲେ କେତେକ ବିଶେଷ ବିଧିବିଧାନ ପାଳନ କରାଯାଇଥାଏ । ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ସେବା ପାଇଁ ଯିବାକୁ ହେଲେ ଗଜପତି ମହାରଜା ଶ୍ରୀନଅରରୁ ତାମଯାନରେ ବିଜେକରି କଳାଛତି, ଧଳାଛତି, ବାଦ୍ୟବାଜଣା ସହ ପଟୁଆରରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ଆସିଥାନ୍ତି । ତାମଜାନ ଅରୁଣ ସ୍ତମ୍ଭ ପାଖରେ ରୁହେ । ଗଜପତି ସେଠାରୁ ଖାଲି ପାଦରେ ଚାଲି ସିଂହଦ୍ୱାର ଗୁମୁଟରେ ପତିତପାବନ ଏବଂ ବାଇଶି ପାହାଚ ରେ କାଶୀ ବିଶ୍ୱନାଥଙ୍କୁ ଦର୍ଶନକରି କୂର୍ମବେଢାରେ ପ୍ରବେଶ କରନ୍ତି । କଳ୍ପବଟ ତଳେ ବଟଗଣେଶ ଏବଂ ବଟମଙ୍ଗଳାଙ୍କୁ ଦର୍ଶନ କରି ସାତପାହାଚ ବାଟେ ନାଟମଣ୍ଡପରେ ପ୍ରବେଶ କରନ୍ତି । ଗରୁଡ ସ୍ତମ୍ଭ ପାଖରେ ମହାପ୍ରଭୁଙ୍କୁ ପ୍ରଣାମ କରି ଦର୍ଶନ କରନ୍ତି । ନାଟମଣ୍ଡପରୁ ଜୟବିଜୟ ଦ୍ୱାର ଦେଇ ଜଗମୋହନକୁ ଯାଇ କଳାହାଟ ଦ୍ୱାର ବାଟ ଦେଇ ଗର୍ଭଗୃହ ମଧ୍ୟକୁ ଯାଇ ସେବାନୀତି ପାଳନ କରିଥାନ୍ତି । ରତ୍ନ ସିଂହାସନ ସମ୍ମୁଖରେ ଶ୍ରୀଜୀଉମାନଙ୍କୁ ଦର୍ଶନ କରି ଗଜପତି ମହାରାଜା ଦଣ୍ଡ ପ୍ରଣାମ କରନ୍ତି । ପରମ୍ପରା କ୍ରମେ ବିଧି ପୂର୍ବକ କର୍ପୂର ଆଳତି, ଆଲଟ ସେବା, ଚାମର ସେବା, ପୁଷ୍ପାଞ୍ଜଳି, ବନ୍ଦାପନା ଆଦି ନୀତି ସମ୍ପାଦନ କରି ଗଜପତି ରତ୍ନ ସିଂହାସନ ଚତୁଃପାର୍ଶ୍ୱ ସମାର୍ଜନ କରି ରାଜନୀତି ପାଳନ କରନ୍ତି । ଗଜପତି ମହାରାଜା ସେବା ନୀତି ପାଳନ କରୁଥିବା ସମୟରେ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପ୍ରବେଶ ନିଷେଧ ଥାଏ । ସେବା ନୀତି ସମାପନ କରି ଗଜପତି ଜଗମୋହନରେ ଭଣ୍ଡାର ଲୋକନାଥଙ୍କୁ ଦର୍ଶନ କରିବା ପରେ ବେହେରଣ ଦ୍ୱାର ଦେଇ ମନ୍ଦିର ବାହାରକୁ ଆସି ଦକ୍ଷିଣ ଘରେ ବିଜେ ପ୍ରତିମାଙ୍କୁ ଏବଂ ନୃସିଂହ ମନ୍ଦିର ନୃସିଂହଙ୍କୁ ପ୍ରଣାମ କରି ମୁକ୍ତିମଣ୍ଡପ ପଣ୍ଡିତମାନଙ୍କ ଆଶୀର୍ବାଦ ଗ୍ରହଣ କରନ୍ତି । ତା'ପରେ ବିମଳା, ସରସ୍ୱତୀ, ଭୁବନେଶ୍ୱରୀ ଏବଂ ମହାଲକ୍ଷ୍ମୀଙ୍କୁ ଦର୍ଶନ କରି ଶ୍ରୀନଅରକୁ ତାମଯାନରେ ଫେରି ଆସନ୍ତି ।

ବର୍ତ୍ତମାନର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପିତୃଦେବ ଗଜପତି ବୀରକିଶୋର ଦେବଙ୍କ ଦେହାନ୍ତ ପରେ ତାଙ୍କ ମରଶରୀର ଶ୍ରୀକ୍ଷେତ୍ର ପୁରୀରେ ୧୯୭୦ ମସିହା ଜୁଲାଇ ୭ ତାରିଖରେ ପହଞ୍ଚିଥିଲା । ସେଦିନ ଶ୍ରୀକ୍ଷେତ୍ରରେ ଗୁଣ୍ଡିଚାଯାତ୍ରା ଥିଲା । ତିନି ଠାକୁର ପହଣ୍ଡି ବିଜେ କରି ରଥରେ ବିରାଜମାନ କରିଥାନ୍ତି । ବାକିଥାଏ ଗଜପତି ମହାରାଜାଙ୍କର ରଥ ଉପରେ ଛେରାପହଁରା । ସେତେବେଳକୁ ଉତ୍ତରାଧୀକାରୀ ଜେନାମଣି କାମାର୍ଣ୍ଣବ ଦେବ ଗଜପତି ରୂପେ ଅଭିଷିକ୍ତ ହୋଇନଥାନ୍ତି । ତେଣୁ ସେ ବର୍ଷ ଛେରାପହଁରା ନୀତି ମୁଦିରଥ ସମାପନ କରିଥିଲେ ।

ଗଜପତି ବଂଶର ପରମ୍ପରା କ୍ରମେ ନୂତନ ରାଜା ରାଜଗାଦିରେ ଯଥାବିଧି ଅଭିଷିକ୍ତ ହେବାପରେ ତାଙ୍କ ଆଦେଶନୁସାରେ ପୂର୍ବତନ ରାଜାଙ୍କ ମର ଶରୀର ସତ୍କାର କରାଯାଇଥାଏ । ଗଜପତି ରାଜଗାଦି କେବେ ଶୂନ୍ୟ ରହେ ନାହିଁ । ପୂର୍ବତନ ମହାରାଜାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରର ଶ୍ମଶାନରେ ସତ୍କାର କରାଯାଏ । ସାଧାରଣତଃ ସର୍ବସାଧାରଣଙ୍କ ଶବ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପତିତପାବନଙ୍କୁ ଦର୍ଶନ କରାଇ ସ୍ୱର୍ଗଦ୍ୱାରକୁ ନିଆଯାଇଥାଏ, କିନ୍ତୁ ଗଜପତିଙ୍କ ମରଶରୀର ଶୋଭାଯାତ୍ରା ଶ୍ରୀମନ୍ଦିର ସମ୍ମୁଖରେ ନିଆ ନଯାଇ ଉତ୍ତର ଦ୍ୱାର, ପଶ୍ଚିମ ଦ୍ୱାର ଓ ଦକ୍ଷିଣ ଦ୍ୱାର ବୁଲାଇ ନିଆଯାଇଥାଏ । ଗଜପତି ମହାରାଜା ମହାପ୍ରଭୁଙ୍କ ଆଦ୍ୟସେବକ ହୋଇଥିବାରୁ ପରମ୍ପରାକ୍ରମେ ନିଜ ଲୋକଙ୍କ ପରଲୋକ ହେଲେ ମଧ ସେ ଶବ ସ୍ପର୍ଶ କରିବା, ମୁଖାଗ୍ନି ଦେବା ଅଥବା ଅଶୌଚ ପାଳନ କରି ନଥାନ୍ତି।

ବର୍ତ୍ତମାନ ର ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କର ଜନ୍ମ ୧୯୫୩ ମସିହାରେ ପୁରୀରେ ହେଇଥିଲା । ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କର ପିତୃଦେବ ଗଜପତି ଶ୍ରୀ ଶ୍ରୀ ବୀରକିଶୋର ଦେବ ଓ ମାତୃଦେବୀ ଶ୍ରୀମତୀ ସୂର୍ଯ୍ୟମଣି ପାଟମହାଦେଈ। ତାଙ୍କର ପିତା ଶ୍ରୀ ବୀରକିଶୋର ଦେବଙ୍କ ଦେହାନ୍ତ ପରେ ଜେନାମଣି କାମାର୍ଣ୍ଣବ ଦେବ ୧୯୭୦ ମସିହା ଜୁଲାଇ ୭ ତାରିଖରେ ରାଜପଦରେ ଅଭିଷିକ୍ତ ହୋଇଥିଲେ । ସେହିଦିନଠାରୁ ତାଙ୍କର ନାମ ହୋଇଥିଲା ଗଜପତି ମହାରାଜ ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ। ତାଙ୍କର ଶୁଭପରିଣୟ ଜାମ୍ବୁର ରାଜଜେମା ବିନୀତା ଚତକଙ୍କ ସହିତ ୧୯୭୮ ମସିହାରେ ହେଇଥିଲା । ଗଜପତିଙ୍କ ସହ ଶୁଭପରିଣୟ ପରେ ଗଜପତି ବଂଶ ପରମ୍ପରା ଅନୁସାରେ ମହାରାଜାଙ୍କ ଧର୍ମପତ୍ନୀଙ୍କ ନାମ ପରିବର୍ତ୍ତନ ହୋଇ ଶ୍ରୀମତୀ ଲୀଳାବତୀ ପାଟମହାଦେଈ ହୋଇଛି ।

ବର୍ତ୍ତମାନର ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଜଣେ ଉଚ୍ଚ ଶିକ୍ଷିତ ବ୍ୟକ୍ତି ଅଟନ୍ତି । ସେ ରାୟପୁରର ରାଜକୁମାର କଲେଜରୁ ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଓ ଦିଲ୍ଲୀର ସେଣ୍ଟ୍ ଷ୍ଟିଫେନସ୍ କଲେଜରୁ ଇତିହାସରେ ସ୍ନାତକ (ସମ୍ମାନ) ଶିକ୍ଷା ଲାଭ କରିଛନ୍ତି । ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଏଲ.ଏଲ.ବି.ଶିକ୍ଷା ସମାପ୍ତି ପରେ ଯୁକ୍ତ ରାଷ୍ଟ୍ର ଆମେରିକାର ଚିକାଗୋ ସ୍ଥିତ ନର୍ଥ ୱେଷ୍ଟର୍ଣ୍ଣ ବିଶ୍ୱବିଦ୍ୟାଳୟରୁ ଏଲ.ଏଲ.ଏମ. ଡିଗ୍ରୀ ହାସଲ କରିଛନ୍ତି । ସେ ଶ୍ରୀମନ୍ଦିର ରେ ଗଜପତି ମହାରାଜା ସେବା ନିଷ୍ଠାର ସହିତ ପାଳନ କରି ଆସିଛନ୍ତି। ଆମେରିକାରେ ଉଚ୍ଚଶିକ୍ଷା ଲାଭପରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଦିଲ୍ଲୀ ରେ ହାଇକୋର୍ଟ ଏବଂ ଭାରତର ସୁପ୍ରିମକୋର୍ଟରେ ଆଇନ ବ୍ୟବସାୟ କରିଥିଲେ । କିଛି ବର୍ଷ ପରେ ଆଇନ ବ୍ୟବସାୟରୁ ଅବ୍ୟାହତି ନେଇ ସେ କିଛିଦିନ ଡେରାଡୁନ୍ ରେ ଅବସ୍ଥାନ କରି ତତ୍ପରେ ସମ୍ପୂର୍ଣ୍ଣ ରୂପେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ରେ ମନୋନିବେଶ କରିଥିଲେ । ଅଧୁନା ସେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଅଧକ୍ଷ ରୂପେ କାର୍ଯ୍ୟ କରୁଛନ୍ତି ଏବଂ ଶ୍ରୀଜଗନ୍ନାଥଙ୍କ ସେବାରେ ନିଜକୁ ନିୟୋଜିତ କରି ସାରା ବିଶ୍ୱରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରିଚାଲିଛନ୍ତି ।


ଶାରଳା ଭବନ,
ପୋତାପୋଖରୀ, କଟକ-୪
ମୋ: ୯୩୩୭୨୭୨୬୪୭


# ଉତ୍କଳର ନବବର୍ଷର ପ୍ରତୀକ : ସୁନିଆ ପର୍ବ



**ଭୋଳାନାଥ ସାହୁ**

ଶ୍ରୀଜଗନ୍ନାଥ ଉତ୍କଳର ମଉଡ଼ମଣୀ । ଶ୍ରୀମନ୍ଦିରରେ ତାଙ୍କୁ ନେଇ ବହୁ ପର୍ବ ପର୍ବାଣୀ

ଅନୁଷ୍ଠିତ ହୁଏ । ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପରେ ଆଷାଢ଼ଶୁକ୍ଳପକ୍ଷ ଏକାଦଶୀ ତିଥିରୁ ମହାପ୍ରଭୁ ଶୟନ କରିଥାନ୍ତି । ଯାହା 'ଶୟନ ଏକାଦଶୀ' ନାମରେ ଖ୍ୟାତ । ଭାଦ୍ରବ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ମହାପ୍ରଭୁ କଡ଼ଲେଉଟାଇଥାନ୍ତି । ଯାହାକୁ "ପାର୍ଶ୍ୱପରିବର୍ତନ ଉତ୍ସବ" ଭାବରେ ପାଳନ କରାଯାଏ । ଦ୍ୱାଦଶୀତିଥିରେ ଶ୍ରୀଜଗନ୍ନାଥଙ୍କ ବାହନ ଗରୁଡ଼ ମହାରାଜ ପାର୍ଶ୍ୱପରିବର୍ତନ କରନ୍ତି । ଏହିତିଥିରେ ବାମନଙ୍କର ଆବିର୍ଭାବ ହୋଇଥିଲା । ଗଜପତି ମହାରାଜଙ୍କ ରାଜନଅରରେ, ଶ୍ରୀକ୍ଷେତ୍ରର ମଠ ମନ୍ଦିର ମାନଙ୍କରେ ଓ ଉତ୍କଳର ପୁରପଲ୍ଲୀରେ 'ସୁନିଆପର୍ବ' ପାଳନ କରାଯାଏ । ଏହି ଦିବସରେ ଗଜପତି ମହାରାଜାଙ୍କର ଅଙ୍କ ଗଣନା ଓ ଶାଲର ପରିବର୍ତନ ହୁଏ । ଗଜପତି ମହାରାଜ ଏହିଦିନରେ ନୂତନ ସ୍ୱର୍ଣ୍ଣ ମୁଦ୍ରା ପ୍ରଚଳନ କରନ୍ତି । ଏହି ମୁଦ୍ରାରେ ତାଙ୍କ ଶାସନ ବ୍ୟବସ୍ଥାର ନୂତନ ଅଙ୍କ ଓ ଶାଲ ଖୋଦିତ କରାଯାଇ ପ୍ରଚଳନ କରାଯାଏ। ସେହି ଦିନରୁ ଗଜପତିଙ୍କର ରାଜକୀୟ ବ୍ୟବସ୍ଥାର ନୂତନ ଦିନର ଆରମ୍ଭ ଓ ଗଣନା ହୁଏ । ସୁନିଆପର୍ବ ଗଜପତିଙ୍କ ଶାସନର ପ୍ରଥମ ଦିନ ଭାବରେ ଗଣନା କରାଯାଉଥିବାରୁ ଏହାକୁ ଉତ୍କଳର 'ନବବର୍ଷ' ଭାବରେ ଗ୍ରହଣ କରାଯାଏ ।

ସୁନିଆ ପର୍ବ ପାଳନରେ ଏକ ରାଜକୀୟ ପରମ୍ପରା ରହିଛି । ସୁନିଆ ପର୍ବରେ ନୂତନ ସୁବର୍ଣ୍ଣ ମୁଦ୍ରାର ପ୍ରଚଳନ କରାଯାଏ । ସୁବର୍ଣ୍ଣକୁ ଏହି ଦିନରେ ପୂଜା ମଧ କରାଯାଏ । ନୂତନ ମୁଦ୍ରା ପ୍ରଚଳନର ପରମ୍ପରା, ଗଜପତି ମହାରାଜାଙ୍କ ପରମ୍ପରାର ଅଭିଷେକ ହୋଇ ବରଣପୂଜା ଓ ମଙ୍ଗଳାରୋପଣ କାର୍ଯ୍ୟ ବିଧିବିଧାନ ସହିତ ପ୍ରଚଳନ କରାଯାଏ । ସେତେବେଳେ ସୁବର୍ଣ୍ଣଯୁଗ ଥିବାରୁ ରାଜା ମହାରାଜା ମାନେ ସମସ୍ତ ମୁଦ୍ରାକୁ ମଧ ସ୍ୱର୍ଣ୍ଣମୁଦ୍ରା ରୂପରେ ମୁଦ୍ରିତ କରିପାରନ୍ତି । ଗଜପତିଙ୍କ ଉଆସରେ ରାଜଗୁରୁଙ୍କ ସହାୟତାରେ ସୁନିଆ ପର୍ବ ଯଥାଯଥ ବିଧିବିଧାନ ଓ ପରମ୍ପରା ଅନୁଯାୟୀ ସମ୍ପନ୍ନ ହେଉଥିଲା । ଗଜପତି ମହାରାଜ ସିଂହସନରେ ଅଭିଷିକ୍ତ ହୁଅନ୍ତି ଓ ତାଙ୍କୁ ପୁରୋହିତ ବନ୍ଦାପନା କରନ୍ତି । ତାଙ୍କର ଖଣ୍ଡା ଓ ଗାଦି ପୂଜା ମଧ କରାଯାଏ । ସମସ୍ତ ମଠର ମହନ୍ତଙ୍କୁ ଆମନ୍ତ୍ରଣ କରି ପୁରୋହିତଙ୍କ ଦ୍ୱାରା ମଙ୍ଗଳାରୋପଣ କରାଯାଏ । ତତ୍‌ସହିତ ଜମିଦାର, ମହାଜନ ଓ ବ୍ରାହ୍ମଣ ମାନଙ୍କ ଘରେ ମଧ ସୁନିଆପର୍ବ ପାଳନ କରାଯାଏ । ପ୍ରଜାମାନେ ଉକ୍ତ ଦିବସରେ ରାଜନଅରରେ କିମ୍ବା ପଦସ୍ଥ କର୍ମଚାରୀଙ୍କ ଘରେ ଉପସ୍ଥିତ ହୁଅନ୍ତି ଓ ରାଜା ତଥା ପଦସ୍ଥ ଅଧିକାରୀଙ୍କୁ ଦର୍ଶନ କରିବା ସହିତ ନାନା ଭେଟିମାନ ପ୍ରଦାନ କରିଥାନ୍ତି । ଗଜପତି ରାଜା ଏହିଦିନରେ ତାଙ୍କର କରଦ ରାଜା ମାନଙ୍କୁ ବିଭିନ୍ନ ଉପାଧି ପ୍ରଦାନ କରି ସମ୍ମାନିତ କରନ୍ତି । ଏହାସହିତ ଜ୍ଞାନୀ, ଗୁଣୀ ବିପ୍ର, ଜମିଦାର ଓ ମହାଜନ ମାନଙ୍କ ଗୃହମାନଙ୍କରେ ଉପସ୍ଥିତ ହୋଇ ଆଶୀର୍ବାଦ ପ୍ରଦାନ କରନ୍ତି । ଏହି ପରମ୍ପରା ରାଜା-ପ୍ରଜା, ଧନୀ-ଗରୀବ, ଉଚ୍ଚ-ନୀଚ ମଧ୍ୟରେ ସୁସମ୍ପର୍କର ଏକ ସେତୁବନ୍ଧ ସ୍ଥାପନ କରେ । ସୁନିଆ ପର୍ବରେ ବଳିରାଜାଙ୍କର ଆଭିମୁଖ୍ୟକୁ ଅପୂରଣୀୟ ରଖିବା ପାଇଁ ପ୍ରଭୁ ଶ୍ରୀହରି ବାମନ ଜନ୍ମ ନେଇଥିଲେ । ତ୍ରୟୋଦଶୀ ତିଥିରେ ଲଣ୍ଡିତ ମସ୍ତକ, ଗେରୁଆବସ୍ତ୍ର ପରିହିତ, କୁନିକୁନି ପଦରେ କଠଉ, କାନରେ କୁଣ୍ଡଳ, ହସ୍ତରେ କମଣ୍ଡଳ, ମସ୍ତକରେ ଭାଟଛତ୍ର ଧାରଣ କରି ବଳିର ଯଜ୍ଞ ଅଭିମୁଖେ ଯାତ୍ରା କରିଥିଲେ । କପଟବେଶୀ ଶ୍ରୀହରି 'ଭିକ୍ଷାଂ ଦେହି, ଭିକ୍ଷାଂ ଦେହି' ସ୍ୱରତୋଳି ରାଜା ବଳୀଙ୍କ ଯଜ୍ଞସ୍ଥଳରେ ପହଂଚିଲେ । ରାଜା ବଳୀ ବ୍ରାହ୍ମଣଙ୍କୁ ଦେଖି ପଚାରିଲେ - "ହେ ବିପ୍ରବର ! ଆପଣ ଇଚ୍ଛାମତେ ବର ମାଗି ନିଅନ୍ତୁ ।" ବାମନ ରୂପୀ ଶ୍ରୀହରି କହିଥିଲେ - "ମୁଁ ସେମିତି କିଛି ଭିକ୍ଷା ମାଗିବି ନାହିଁ । ମୁଁ କେବଳ ତିନିପାଦ ଭୂମି ଚାହେଁ" ରାଜା ବଳୀ ଏହା ପ୍ରଦାନ କରିବା ନିମନ୍ତେ ତୁରନ୍ତ ସମ୍ମତି ଦେଲେ । ବାମନ ବେଶ ଧାରୀ ଶ୍ରୀହରି ତିନି ପାଦରେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ଦଖଲ କରିନେଇଥିଲେ । ବଳୀଙ୍କର ଏହିଦାନ ପଣ ପାଇଁ ସାରା ଜଗତରେ ଖ୍ୟାତିଲାଭ କରିଥିଲେ । ତେଣୁ ଏହି ଦିବସକୁ ବାମନଙ୍କ ଆବିର୍ଭାବ ଦିବସ ଭାବରେ ପାଳନ କରାଯାଏ । ସୁନିଆ ଉତ୍କଳର ଏକ ଜାତୀୟ ପର୍ବ । ଗଜପତି ମହାରାଜାଙ୍କ ରାଜନଅରରେ ସୁନିଆ ପର୍ବ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳନ କରାଯାଏ । ରାଜନଅରରେ ଥିବା କନକଦୁର୍ଗା ମନ୍ଦିରରେ ଗଜପତି ମହାରାଜ ବିଶେଷ ପୂଜାର୍ଚ୍ଚନା କରିବା ପରେ ଶ୍ୟାମା କାଳୀ, ରାଧାକୃଷ୍ଣ ଓନୃସିଂହଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ଗଜପତିଙ୍କର ଏହି ପୂଜାର୍ଚ୍ଚନାକୁ "ଦେବାର୍ଚ୍ଚନା" କୁହାଯାଏ । ଏହାପରେ ରାଜପୁରୋହିତ ଗଜପତି ମହାରାଜାଙ୍କୁ ଅବିଷିକ୍ତ କରାନ୍ତି । ରାଜତନ୍ତ୍ରର ବିଲୋପ ହୋଇଛି ସତ. ମାତ୍ର ଉତ୍କଳର ମଉଡ଼ମଣୀ ଭାବରେ ଗଜପତି ମହାରାଜ ଏବେ ମଧ ସମ୍ମାନିତ । ଜଗନ୍ନାଥ ମହାପ୍ରଭୁଙ୍କର ସେ ପ୍ରଥମ ସେବକ । ସମଗ୍ର ବିଶ୍ୱ ରଥଯାତ୍ରାରେ ତାଙ୍କର ସେବାପଣିଆକୁ ଦେଖିଥାଏ । କର୍ପୂର ଉଡ଼ିଯାଇଛି ସତ; ମାତ୍ର ଯେଉଁ କନାଟିକକ ରହିଛି ତାହା ଗଜପତି ମହାରାଜାଙ୍କୁ ଜଗନ୍ନାଥଙ୍କ ପ୍ରତୀକ ଭାବରେ ଉଭାକରାଇଛି । ଗଜପତି ମହାରାଜ ହେଉଛନ୍ତି ଚଳନ୍ତି ବିଷ୍ଣୁ । ଗଜପତି ମହାରାଜଙ୍କର ରାଜତ୍ୱ ଯେତେବେଳେ ଚାଲୁଥିଲା ସେତେବେଳେ ଏହି ପବିତ୍ର ସୁନିଆ ପର୍ବରେ ବହୁ ପ୍ରଜା, ଜ୍ଞାନୀ, ଗୁଣୀ ଓ ଷୋହଳ ବ୍ରାହ୍ମଣ ଶାସନର ବ୍ରାହ୍ମଣ ମାନେ ଉପସ୍ଥିତ ହୋଇ ଗଜପତି ରାଜାଙ୍କୁ ଦର୍ଶନ କରିବା, ଭେଟିଦେବା ଓ ଆଶୀର୍ବାଦ ଦେବା କାର୍ଯ୍ୟମାନ କରୁଥିଲେ । ଏବେ ମଧ ଯେଉଁ ଯେଉଁ ସ୍ଥାନରେ ତାଙ୍କର ଆସ୍ଥାନ ମାନ ରହିଛି, ସେହିସ୍ଥାନ ମାନଙ୍କରୁ ପ୍ରଜା ମାନେ ରାଜନଅରକୁ ଆସୁଛନ୍ତି ଓ ମହାରାଜାଙ୍କୁ ଯଥାବିଧି ସମ୍ମାନ ପ୍ରଦର୍ଶନ କରୁଛନ୍ତି । କୁହାଯାଇପାରେ ଯେ ସୁନିଆ ପର୍ବ ହିଁ ରାଜା ଓ ପ୍ରଜା ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠାର ପ୍ରକୃତ ପର୍ବ । ଗଜପତି ମହାରାଜ ଏହି ପରମ୍ପରାକୁ ସାଦରେ ସ୍ୱାଗତ କରନ୍ତି । ୨୦୨୫ ମସିହା ଗଜପତି ଦିବ୍ୟସିଂହଦେବଙ୍କର ୬୯ଅଙ୍କ ଓ ୧୪୩୩ ସାଲର ଆରମ୍ଭ । ଗଜପତି ମହାରାଜଙ୍କର ଏହି ରାଜକୀୟ ପରମ୍ପରାର ସୁରକ୍ଷା ନିମନ୍ତେ ସୁନିଆ ପର୍ବ ଦିନ ଉତ୍କଳର ବିଭିନ୍ନ ପ୍ରାନ୍ତରୁ ଜ୍ଞାନୀ, ଗୁଣୀ, ବିଦ୍ୱାନ, ସାଧୁ, ସନ୍ଥ ପ୍ରଭୃତି ରାଜନଅରକୁ ଆସି ଆଶୀର୍ବାଦ ପ୍ରଦାନ କରିବା ସହିତ ଦୀର୍ଘାୟୁ କାମନା କରନ୍ତି । ସମଗ୍ର ଭାରତବର୍ଷରେ ସୁନିଆ ଏକ ବିରଳ ପର୍ବ । ଯେଉଁପର୍ବରେ ଏବେ ମଧ ଗଜପତି ମହାରାଜଙ୍କୁ ଅଭିଷିକ୍ତ କରି ସମ୍ମାନ ଦିଆଯାଉଛି । ଶ୍ରୀମନ୍ଦିରରେ ସମସ୍ତ ନୀତିକାନ୍ତିରେ ଏହି ପର୍ବ ଜାକଜମକରେ ପାଳନ କରାଯାଉଛି । ଏହି ପର୍ବ ପାଳନ ଦ୍ୱାରା ଶ୍ରୀମନ୍ଦିରରେ ନବବର୍ଷର ଗଣନ ଆରମ୍ଭ ହୁଏ । ଓଡ଼ିଶାର ପୁରପଲ୍ଲୀରେ ଘରେ ଘରେ ସୁନିଆ ପର୍ବ ନିମନ୍ତେ ଖିରୀ, ପୁରୀ, ଖେଚୁଡ଼ି ଓ ପିଠାପଣାର ଆସର ମଧ ଜମିଥାଏ । ଜଗନ୍ନାଥ ସଂସ୍କୃତିରେ ସୁନିଆ ପର୍ବ ଏକ ବଡ଼ପରମ୍ପରା । ଉତ୍କଳର ମଉଡ଼ମଣୀ ଶ୍ରୀଜଗନ୍ନାଥ ଓ ଲକ୍ଷେରାଜାଙ୍କ ମଉଡ଼ମଣୀ ଗଜପତି ମହାରାଜାଙ୍କ ନିମନ୍ତେ ଉତ୍କଳୀୟ ମାନେ ଗର୍ବ ଅନୁଭବ କରନ୍ତି ।


ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ
ଶିକ୍ଷାବିଭାଗ,
ଉଦଳା ମହାବିଦ୍ୟାଳୟ, ଉଦଳା,
ମୟୂରଭଞ୍ଜ
ମୋ:୯୯୩୭୧୫୧୩୧୦


କବିତା କୋଣାର୍କ

## ଭଙ୍ଗା ହୃଦୟ

**ପ୍ରଶାନ୍ତ କୁମାର ନାୟକ**

ହୃଦୟକୁ ମୋର ଭାଙ୍ଗିଦେଇ ପ୍ରିୟା
କେଉଁ ଆଡେ ଚାଲିଗଲ,
ଦିଗହରା ପଥିକଟେ ମୁଁ ଝରିଝୁରି ତୁମକୁ
ଆଖିରୁ ବୁହାଏ ଖାଲି ଲୁହ ।
ପଛକଥା ସବୁ ଭୁଲିଯାଇ ତୁମେ
ଥରୁଟିଏ ଦେଖିକି ଯାଅ,
ଅନୁରୋଧ ମୋର ଏତିକି ରଖିବ
ଭଙ୍ଗା ହୃଦୟକୁ ମୋ ଯୋଡିଦିଅ ।।
ହୃଦୟ ନୁହଁଇ ବାଲିଘରଟିଏ
ଭାଙ୍ଗି ପୁଣି ଗଢି ଦେବ,
ହୃଦୟ ହୃଦୟ ମିଶିଗଲେ ପରା
ନୂଆ ଦୁନିଆଟେ ହେବ ।।
ମନ ଚୋରି ହୁଏବୋଲି ସିନା
କାହାଣୀରେ ଶୁଣିଥିଲି,
ତୋତେ ଦେଖି ଦେଲାପରେ ଥରେ
ସେ କାହାଣୀ ମୁଁ ଭୁଲିଗଲି ।।
କାହାଣୀ ତ ସବୁ ସତ ହୁଏନାହିଁ
ଏ ଯେ ମନଲୋଭା କଥା,
ଭଙ୍ଗା ହୃଦୟ କି ଯୋଡିହୁଏ କେବେ
ଭାବିଲେ ଲାଗଇ ବ୍ୟଥା ।।


+ୟୁନିଟ୍-୫; ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪


## ଆଜି ଅଟେ ଶୁଭ ସୁନିଆଁ

**ଅଧାପକ ପ୍ରଦୀପ୍ତ କୁମାର ଦାସ**



ସନ ଆଉ ସାଲ ଆରମ୍ଭର ଦିନ
ଆଜି ଅଟେ ଶୁଭ ସୁନିଆଁ -
ବାମନ ଦେବଙ୍କ ଆବିର୍ଭାବ ତିଥି
ପାଳେ ଆଧାତ୍ମିକ ଦୁନିଆଁ,
ଭାଦ୍ରବ ମାସର ଶୁକ୍ଳ ଦ୍ୱାଦଶୀ ଯେ
ଉପଗତ ଆଜି ଧରାରେ -
ଓଡ଼ିଆ ରାଜାଙ୍କ ରାଜତ୍ୱର ଆଦ୍ୟ
ଅଙ୍କ ଗଣାହୁଏ ପରାରେ,
ରାଜାଙ୍କ ରାଜସ୍ୱ ଆଦାୟ ସହିତ
ହୋଇଥାଏ ନୂଆ ଖାତାଟି -
ସୁନା ମୋହରରେ ହୁଅଇ ଚିହ୍ନିତ
ରାଜ୍ୟ ଶାସନର ଗାଥାଟି,
ତିନି ଭୁବନରେ ପାଦ ଥାପି ସାରି
ବଳୀକୁ ପାତାଳେ ଚାପିଣ -
ବାମନ ରୂପରେ ଭଗବାନ ବିଷ୍ଣୁ
କିରତୀ ଅଛନ୍ତି ସ୍ଥାପିଣ,
ତ୍ରିବିକ୍ରମଙ୍କର ବୀର ବିକ୍ରମକୁ
କରାଯାଏ ଆଜି ସ୍ମରଣ -
ରାଜାମାନେ ଯାରେ ରାଜ୍ୟଜୟ ପାଇଁ
କରୁଥିଲେ ଆଗ ବରଣ,
ଆଜିର ଦିବସ ପ୍ରତି ଓଡ଼ିଆଙ୍କ
ହୃଦୟକୁ କରୁ ସରସ -
ଧର୍ମ ସଂସ୍କୃତିକୁ କରି ଉଜ୍ଜୀବିତ
ପରାଣରେ ଭରୁ ହରଷ।
ଓଓଓ


+କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର
ପିନ୍ - ୭୫୫୦୧୩/
ମୋ: ୯୪୩୭୮୫୪୧୭୫



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୮୦



ଡ. ସିନ୍ଧୁ ସେନ୍

କ୍ଷଣିକ ମୁହୂର୍ତ୍ତରେ ଲଙ୍କାର ଧୂସରିଆ । ମାଟି ଲାଲ ହୋଇଗଲା । ଉଭୟ ବାନରସେନା ଓ ରାକ୍ଷସ ସେନାର ରକ୍ତ ମିଶି ବହିଗଲା ରକ୍ତର ନଦୀ । ସୂର୍ଯ୍ୟାସ୍ତ ହେବା ପୂର୍ବରୁ ମାଟି ପିଇଗଲା କେତେ ରକ୍ତ । ହଁ, ରକ୍ତର ରଂଗ ତ ସବୁଠି ଏକା । ସେ ରକ୍ତ ବାନରର ହେଉ କି ରାକ୍ଷସର । ରଂଗ ତ ଏକା । ଉଷ୍ମତା ମଧ୍ୟ ଏକା ।

ବାସ୍ତବରେ ବଡ଼ ବିଚିତ୍ର ଏ ଯୁଦ୍ଧର ନିଶା। ଯେତେ ରକ୍ତପାତ ହେଲେ ମଧ୍ୟ ତୃଷ୍ଣା ମେଣ୍ଟେନି । କାହିଁ କେଉଁ ଆଦିମ ଯୁଗରୁ ଯୁଦ୍ଧର ନିଶା ମଣିଷର ମନସ୍ତତ୍ତ୍ୱକୁ ଖିନ୍‌ଭିନ୍ କରି ଦେଇଛି । ରକ୍ତ ପିଇବାର ଅଦ୍ଭୁତ ନିଶା ମଣିଷକୁ ମତୁଆଲା କରିଛି । ଯୁଦ୍ଧର ଚିତ୍ରପଟ୍ଟ ଭୟଙ୍କର, ବିଭତ୍ସ ଜାଣି ବି କେହି କେବେ ସେଥିରୁ କ୍ଷାନ୍ତ ହେବାକୁ ଚେଷ୍ଟା କରି ନାହାନ୍ତି। ମୁଁ ନିଜେ ମଧ୍ୟ ସେଇ ଯୁଦ୍ଧ ନିଶାରୁ ନିଜକୁ ମୁକ୍ତ କରିପାରିନି । ଯୁଦ୍ଧର ପରିଣତି ଭୟଙ୍କର ଜାଣି ସୁଦ୍ଧା କେତେ କ'ଣ ବିକ୍ଷିପ୍ତ ଚିନ୍ତା ମନକୁ ବିବ୍ରତ କରି ତୋଳୁଥିଲା । ମନେ ପଡ଼ିଯାଉଥିଲା ବାପାଙ୍କ ଉପଦେଶ, ଯିଏ କହୁଥିଲେ, ସାରା ମାନବଜାତି ଗୋଟିଏ । ଆର୍ଯ୍ୟ, ଅନାର୍ଯ୍ୟ ସବୁ ତ ଗୋଟିଏ ଜାତି, ଗୋଟିଏ ଗୋଷ୍ଠୀ ଆଉ ଗୋଟିଏ ଗୋଷ୍ଠୀ ଠାରୁ ନିଜକୁ ବଡ଼ ଭାବିବା କିମ୍ବା ଅପର ଗୋଷ୍ଠୀକୁ ଘୃଣା କରିବା ଠିକ୍ ନୁହେଁ । ତଥାପି କେହି କ'ଣ କେବେ ବୁଝିପାରେ ଏହାର ତାତ୍ପର୍ଯ୍ୟ । ଏହା ତ କେବଳ ଆଜିର ମଣିଷ ପାଇଁ ନୁହେଁ, ସହସ୍ର ବର୍ଷର ମଣିଷ ବି ଏ କଥା ବୁଝିନାହିଁ । ବୃଥା ଅହମିକାକୁ ଜାବୁଡ଼ି ଧରି ନିଜର ବଡ଼ପଣକୁ ବଜାୟ ରଖିବା ପାଇଁ ଯୁଦ୍ଧର ଆଶ୍ରୟ ନେଇଛି। ଯୁଦ୍ଧ ପରେ ଯୁଦ୍ଧ କରି ଆସିଛି । ଆଶା ରଖିଛି ଯୁଦ୍ଧ ପରେ ଶାନ୍ତି ଫେରିଆସିବା। କିନ୍ତୁ ଯୁଦ୍ଧ କ'ଣ କେବେ ଶାନ୍ତି ଫେରାଇ ଦେଇପାରେ ? ଗୋଟିଏ ଯୁଦ୍ଧ କରି ସାରିବା ପରେ, ତାହା ଯେ ଶେଷ ଯୁଦ୍ଧ, ସେକଥା କେବେବି ସମ୍ଭବ ହୋଇନି, ଭବିଷ୍ୟତରେ ଏମିତି ଯୁଦ୍ଧ ଯେ ନ ହେବ, ଏକଥା କହି ମଧ୍ୟ ହେବନି।

ପିଲାଦିନେ ଗୁରୁ ଆଶ୍ରମରେ ପଢୁଥିବାବେଳେ ଶିଖିଥିଲି, ଅସତ୍ୟରୁ ସତ୍ୟକୁ, ଅନ୍ଧାକରରୁ ଆଲୋକ ଆଡ଼କୁ ନେଇଯିବାର ଶକ୍ତି କେବଳ ଈଶ୍ୱରଙ୍କ ଠାରେ ରହିଛି । ପ୍ରକୃତ ଶାନ୍ତି ପ୍ରାପ୍ତି ପାଇଁ ଆମକୁ ଈଶ୍ୱରଙ୍କ ସତ୍ତାରେ ହଜିଯିବାକୁ ପଡ଼ିବ । ଆଧ୍ୟାତ୍ମିକ ଚିନ୍ତାଧାରା ମାଧ୍ୟମରେ ହିଁ ପ୍ରକୃତ ଶାନ୍ତି ସ୍ଥାପନ ହୋଇପାରିବ। କିନ୍ତୁ ଶାନ୍ତି ତ ମୋ ଠାରୁ ଅନେକ ଦୂରରେ । ମୋ ଭିତରେ ରାବଣତ୍ୱର ଅହଂକାର ମୋତେ ସାରାଜୀବନ ଅଶାନ୍ତି ମଧ୍ୟରେ ବିତାଇବାକୁ ପଡ଼ିବ । ଭବିଷ୍ୟତରେ ମୋତେ ହୁଏତ କେବେ ଶାନ୍ତି ମିଳିବ କି ନା ସନ୍ଦେହ । ଏମିତି ଅନେକ ଚିନ୍ତା ମଧ୍ୟରେ ମଜ୍ଜି ରହିଥିବା ବେଳେ ମୋର ସେନାପତି ପ୍ରହସ୍ତ ଯୁଦ୍ଧର ସମ୍ବାଦ ଦେବାପାଇଁ ମୋ ନିକଟରେ ଉପସ୍ଥିତ ହେଲେ, ତାଙ୍କ ମୁହଁରୁ ଶୁଣିଲି, ଆମ ସୈନ୍ୟମାନେ ବାନର ସେନାମାନଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ କରି ସେମାନଙ୍କୁ ହତାହତ କରି ଦେଇ ସାରିଲେଣି । ଆଜି ଦିନର ଯୁଦ୍ଧରେ ଆମ ପକ୍ଷର ବିଜୟ ସଂକେତର ସୂଚନା ପ୍ରଦାନ କଲେ । ପ୍ରହସ୍ତଙ୍କ ମୁହଁରୁ ଭଲ ସମ୍ବାଦ ପାଇ କିଛିଟା ଆଶ୍ୱସ୍ତ ହେଲି। ଆମ ରାକ୍ଷସବୀର ମାନେ ନିଜନିଜର ପ୍ରତିଦ୍ୱନ୍ଦ୍ୱୀ ମାନଙ୍କ ସହ ଯୁଦ୍ଧରେ ପ୍ରବଳ ପରାକ୍ରମ ଦେଖାଇ ଲଢୁଥିଲେ । ମୋର ପୁତ୍ର ଇନ୍ଦ୍ରଜିତ, ବାନବୀର ବାଳିପୁତ୍ର ଅଙ୍ଗଦଙ୍କ ସହ ଲଢୁଥିଲେ । ରାକ୍ଷସବୀର ଶତ୍ରୁଘ୍ନ ବିଭୀଷଣଙ୍କ ସହ ଯୁଦ୍ଧ କରୁଥିଲେ ।

ବିଭୀଷଣଙ୍କ ନାମ ଶୁଣି କ୍ରୋଧରେ ମୁଁ ଉତ୍ତେଜିତ ହୋଇ ଉଠିଲି । କାରଣ, ବିଭୀଷଣ ଯଦିଓ ଲଙ୍କା ଛାଡ଼ି ରାମ ଶିବିରରେ ଶରଣାପନ୍ନ ହୋଇଥିଲେ, ତେବେବି ବିଭୀଷଣ ଯେ ନିଜେ ଲଙ୍କା ବିରୁଦ୍ଧରେ ଯୁଦ୍ଧ କରି ପାରେରି ଭଳି ଠିଆ ହେବେ ସେ ଧାରଣା ମୋର ନଥିଲା । ପ୍ରହସ୍ତଙ୍କ ମୁହଁରୁ ମୁଁ ଯେତେ ଯେତେ ତା ବିଷୟରେ ଶୁଣୁଥିଲି ସେତିକି ଉତ୍ତେଜିତ ହୋଇ ଉଠୁଥିଲି । ହେଲେ, ମୋ ହାତରେ ତାକୁ ଦମନ କରିବାର ଉପାୟ ମଧ୍ୟ କିଛି ନଥିଲା । ମୁଁ ନିଜେ ଯେତେବେଳେ ତାକୁ ଦେଶରୁ ବିତାଡ଼ିତ କରିଦେଇଛି, ଏବେ ସେ ସବୁ ଭାବି ଲାଭ କ'ଣ ? ସେ ତ ଶତ୍ରୁ ଶିବିରରେ ଶରଣାପନ୍ନ ହୋଇସାରିଛି । ଏବେ ପରିସ୍ଥିତି ଯାହା ବି ହେଉନା କାହିଁକି, ମୋତେ ସବୁ ସହିବାକୁ ପଡ଼ିବ। ମୁଁ ମୋର ସୈନ୍ୟମାନଙ୍କ ମୁହଁରୁ ଯୁଦ୍ଧର ଟିକିନିଖି ଖବର ଶୁଣୁଥିଲି । ଆମ ରାକ୍ଷସବୀର ମାନେ କେମିତି ନିଜନିଜର ଜୀବନକୁ ବାଜି ଲଗାଇ ଶତ୍ରୁ ବିପକ୍ଷରେ ଲଢୁଥିଲେ । ସେସବୁ ବିବରଣୀ ଶୁଣି ନିଜକୁ ଭାଗ୍ୟବାନ ମନେ କରୁଥିଲି । ସେମାନଙ୍କର ଦେଶଭକ୍ତି ତଥା ମୋ ପ୍ରତି ଆନୁଗତ୍ୟ ପାଇଁ ଭୂରିଭୂରି ପ୍ରଶଂସା ମଧ୍ୟ କରୁଥିଲି । ପ୍ରହସ୍ତ କହୁଥିଲେ, ମହାରାଜ, ଉଭୟ ପକ୍ଷର ଆକ୍ରମଣ ଓ ପ୍ରତ୍ୟାକ୍ରମଣର ଶରଜାଲରେ ଛାଇ ହୋଇ ଯାଇଥିଲା ଆକାଶ । ଚତୁର୍ଦ୍ଦିଗରେ କେବଳ ଯୁଦ୍ଧର ଘନଘଟା । ଘୋର ଶବ୍ଦ, ଧରଣୀ ଓ ଆକାଶ ସବୁଠି କମ୍ପନର ରୋଳ, ଆମ ପକ୍ଷରୁ ଲଢୁଥିବା ବୀରମାନଙ୍କ ମଧ୍ୟରେ ଜମ୍ବୁମାଳୀ, ପ୍ରପଞ୍ଚ, ବିରୁପାକ୍ଷ ଇତ୍ୟାଦିଙ୍କ ପରାକ୍ରମର କାହାଣୀମାନ ଶୁଣି ଗର୍ବ ଆସୁଥିଲା ମନରେ । ବିଶେଷକରି ପୁତ୍ର ଇନ୍ଦ୍ରଜିତଙ୍କ ବୀରତ୍ୱ କାହାଣୀ ମୋତେ ବେଶି ବେଶି ଉତ୍‌ଫୁଲ୍ଲିତ କରୁଥିଲା । ....ଧକ୍ଷ କହୁଥିଲେ, ବାନର ବାହିନୀର ସେନାପତି ନୀଳ ଅନେକଙ୍କ ସହ ଲଢୁଥିଲେ । ମୁଁ ବେଶ୍ ବୁଝି ପାରୁଥିଲି ଯୁଦ୍ଧର ପ୍ରାଥମିକ ସ୍ଥିତି ପରାଜୟ ଆଡ଼କୁ ଅଗ୍ରସର ହେଉଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ମେଘନାଦର ବୀରତ୍ୱର କାହାଣୀ ଶୁଣି କିଛିଟା ଆଶ୍ୱସ୍ତ ହେଲି । ମୋ ମନ ଚାହୁଁଥିଲା ରାମଙ୍କ ବିଷୟରେ କିଛି ଶୁଣିବା ପାଇଁ । ମୋ ପୁତ୍ର କ'ଣ ସତରେ ରାମଙ୍କ ସହ ଲଢ଼ି ନିଜ ପରାକ୍ରମ ଦେଖାଇଛି ? ମୁଁ ଚାହୁଁ ନଥିଲି ଏତେଶୀଘ୍ର ସେ ରାମଙ୍କ ସମ୍ମୁଖୀନ ହଉ । କାରଣ ରାମଙ୍କ ବିଷୟରେ ଯିଏ ଯାହା କହୁନା କାହିଁକି, ମୁଁ ନିଜେ ରାମଙ୍କ ବୀରତ୍ୱ ବିଷୟରେ ଜାଣିଛି ।

ଆମ ସେନାବାହିନୀ ଠାରୁ କିଛି ଦୂରରେ ମୋ ରଥ ଠିଆ ହୋଇଥିଲା । ଦୂରରୁ ଥାଇ ମୁଁ ଲକ୍ଷ୍ୟ କରୁଥିଲି, ଆମ ସେନାବାହିନୀର ରଣକୌଶଳ । ଉଭୟ ପକ୍ଷ ମଧ୍ୟରେ ଘମାଘୋଟ ଲଢ଼େଇ ଚାଲିଥିଲା । ଆମ ସେନାବାହିନୀ ମୋ ପାଖକୁ ଆସି ମୋତେ ଯୁଦ୍ଧର ଖବର ଦେଉଥିଲେ। ଆମ ପକ୍ଷର ବିଜୟ କାମନା କରି ମୁଁ ଅପେକ୍ଷା କରିଥିଲି, ଆମ ପକ୍ଷରୁ ଆଗକୁ କେଉଁ ଶୁଭ ବାର୍ତ୍ତା ପହଞ୍ଚିବ ବୋଲି । ଜାଣିବାକୁ ପାଇଲି, ବାନରସେନା ମାନଙ୍କ ମଧ୍ୟରେ ଖେଳିଯାଇଛି ବିଷାଦର ଛାୟା । ଆଉ ଏ ସବୁ ସମ୍ଭବ ହୋଇପାରିଛି ମୋର ପୁତ୍ର ଇନ୍ଦ୍ରଜିତ ପାଇଁ। ଇନ୍ଦ୍ରଜିତ ନାଗପାଶ ଶରର ପ୍ରକୋପରେ ରାମଲକ୍ଷ୍ମଣ ଉଭୟ ପରାଜିତ ହୋଇ ପଡ଼ିଥାନ୍ତି। ଇନ୍ଦ୍ରଜିତର ବୀରତ୍ୱ ପାଇଁ ମୁଁ ଗର୍ବ ଅନୁଭବ କରୁଥିଲି ।

ପୁତ୍ରର ବୀରତ୍ୱ ଓ ପରାକ୍ରମ ପାଇଁ ମୋ ମନରେ କୌଣସି ସନ୍ଦେହ ନଥିଲା । ଇନ୍ଦ୍ରଜିତ କେବଳ ଯେ ଅସ୍ତ୍ରଚାଳନାରେ ଧୁରନ୍ଧର ତା ନୁହେଁ ସେ ଜଣେ ମାୟାଯୁଦ୍ଧ ବିଶାରଦ ମଧ୍ୟ । କଳେବଳେ କୌଶଳେ ସେ ଯୁଦ୍ଧ ଜିଣିବାକୁ ନିଶ୍ଚିତ ଚେଷ୍ଟା କରିଥିବ। ତେବେ ରାମ, ଲକ୍ଷ୍ମଣଙ୍କ ପରି ବୀର ଦୁଷରଙ୍କୁ ସେ ପରାଜିତ କରିଥିବ, ସେ ବିଷୟରେ ମୋ ମନରେ ସଂଶୟ ଜାଗୁଥିଲା। ତଥାପି ଜଣେ ସୁଯୋଗ୍ୟ ପୁତ୍ରର ପିତା ଭାବେ ମନରେ ଆନନ୍ଦ ଜାଗୁଥିଲା । ମୋ ପୁତ୍ର ଦେଇ ଅନେକ କିଛି ହୋଇପାରିବ ସେ ଆଶା ମଧ୍ୟ ମନରେ ଉଙ୍କି ମାରୁଥିଲା । ଅତିଶୟ ଆନନ୍ଦରେ ପୁତ୍ର ସହ ଦେଖା କରିବାକୁ ଦୌଡ଼ିଗଲି । ପୁତ୍ରକୁ ଛାତିରେ ଜାକିଧରି ତା ମୁଖମଣ୍ଡଳରେ ଚୁମ୍ବନ ଆଙ୍କିଦେଲି । ପୁତ୍ର ମୋର ଏମିତି ବିଜୟର ବାର୍ତ୍ତା ନେଇ ଆଗକୁ ବଢ଼ାନ୍ତୁ ସେଥିପାଇଁ ଶୁଭକାମନା ଜଣାଇଲି । ଆମ ରାକ୍ଷସ ବାହିନୀର ଏ ବିଜୟ ଉଲ୍ଲାସ ପାଇଁ ଆନନ୍ଦରେ ଜୟ ଜୟକାର କରୁଥିଲେ, ମନେ ପଡ଼ି ଯାଉଥିଲା ଅତୀତରେ ପୁତ୍ର ଯେବେ ଇନ୍ଦ୍ରଙ୍କ ଉପରେ ବିଜୟ ଲାଭ କରି ମୋତେ ସାକ୍ଷାତ କରିବାକୁ ଆସିଥିଲେ । ସେଦିନ ଇନ୍ଦ୍ରଙ୍କୁ ଜୟ କରି ପାରିଥିବାରୁ ତାକୁ ମୁଁ ଇନ୍ଦ୍ରଜିତ ବୋଲି ସମ୍ବୋଧନ କରିଥିଲି । ଆଜି ପୁଣି ତାରି ଆଉ ଏକ ବିଜୟ ହୋଇଛି। ଏତେବଡ଼ ଖୁସିର ସମ୍ବାଦରେ ମୁଁ ଆତ୍ମହରା ହୋଇ ପଡ଼ିଥିଲି ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୧୦୫ ॥

ଏମାନଙ୍କୁ ବା ବନବାସୀ ମାନଙ୍କୁ ଗୁରୁକୁଳ ରେ ବିଦ୍ୟା ଅଧ୍ୟୟନର ଅଧିକାର ଦିଆ ଯିବ ନାହିଁ। ଜୀବାଣୁ, ଭୂତାଣୁ, ବୀଜାଣୁ, କବକ ଆଦି ରୋଗର କାରଣ। ଖାଦ୍ୟ, ଜଳ, ବାୟୁ, କୀଟ, ପତଙ୍ଗ ଓ ସଂସ୍ପର୍ଶରୁ ରୋଗଗୁଡ଼ିକ ବ୍ୟାପିଥାଏ ବୋଲି ଆର୍ଯ୍ୟ ଋଷି ମାନେ ଜାଣିଛନ୍ତି। ଯେହେତୁ ଏମାନେ ସେବକ ରୂପେ ସାମୂହିକ କାର୍ଯ୍ୟ କରନ୍ତି, ଉଚ୍ଚ ଜାତି ମାନେ ସେମାନଙ୍କୁ ଏକତ୍ର ଭୋଜନ, ସ୍ନାନ, ପାନ, ବାସ , ସ୍ପର୍ଶ ମଧ୍ୟ କରିବାକୁ ଦେବେ ନାହିଁ। କିନ୍ତୁ କଳି ଯୁଗରେ ଏପରି ରୋଗ ବ୍ୟାପିବ ଯେ, ଉଚ୍ଚ, ନୀଚ, ସମସ୍ତେ ଅସ୍ପୃଶ୍ୟ ହୋଇଯିବେ। ଏମାନେ ଏବଂ ନାରୀ ମାନେ ସମସ୍ତ କ୍ଷେତ୍ରରେ ସେମାନଙ୍କ ପୂର୍ଣ୍ଣ ମାନବିକ ଅଧିକାର ପାଇପାରିବେ। ସର୍ବେ ହୋଇବେ ଏକାକାର, ନଥିବ ବେଦର ବିଚାର।'

'ସେତେବେଳେ ସନାତନ ଧର୍ମ ରେ ମୂର୍ତ୍ତି ପୂଜା ମଧ୍ୟ ହେଉନଥିଲା' ପ୍ରଜାପତି କଶ୍ୟପ କହୁଥିଲେ,'ପ୍ରତ୍ୟେକ ବ୍ରାହ୍ମଣ ସ୍ନାନ, ଶୌଚ, ଯୋଗ, ତପସ୍ୟା, ବେଦ ପାଠ ଆଦି ନିତ୍ୟ ଆଚରଣ କରୁଥିଲେ । ସେମାନେ ଅନ୍ୟ ମାନଙ୍କଠାରୁ ପରିଷ୍କାର ପରିଚ୍ଛନ୍ନ ନୀରୋଗ ଓ ଦୀର୍ଘାୟୁ ଥିଲେ। ପ୍ରକୃତିର ଚନ୍ଦ୍ର, ସୂର୍ଯ୍ୟ, ନଦୀ, ବାୟୁ, ବୃକ୍ଷ, ପର୍ବତ, ମୃତ୍ତିକା, ଆକାଶ ଆଦିକୁ ମନ୍ତ୍ର ପାଠ କରି ଦେବତା ରୂପେ ଉପାସନା କରୁଥିଲେ। କେବଳ ଦ୍ରାବିଡ଼ ମାନେ ପଶୁପତି ଓ ମାତୃକା ମୂର୍ତ୍ତି ପୂଜା କରୁଥିଲେ। ଏବେ ଦେଖାଯାଉଅଛି ଯେ ଆର୍ଯ୍ୟ ଓ ଅସୁର ମାନେ( ହିରଣ୍ୟକଶିପୁଙ୍କ ରାଜ୍ୟରେ ବିଷ୍ଣୁ ମନ୍ଦିର ଥିଲା।) ବିଷ୍ଣୁ ମୂର୍ତ୍ତି ପୂଜା, ବସ୍ତୁପୂଜା,ଆଚରଣ ଓ ଖାଦ୍ୟ ପେୟରେ ବିଭିନ୍ନ ଭିନ୍ନ ପ୍ରକାର ନୀତି ନିୟମ, ସଂକ୍ରାନ୍ତି, ପରାଗ, ଗ୍ରହଣ, ଅମାବାସ୍ୟା, ପୂର୍ଣ୍ଣିମା ଆଦି ତିଥି ଓ ବାରଣ ମାନ ସୃଷ୍ଟି କରୁଛନ୍ତି। ଏହି ସବୁର କୌଣସି ପ୍ରୟୋଜନ ଅଛି କି ?'

ବୈଜ୍ଞାନିକ ତ୍ୱଷ୍ଟା ଉତ୍ତର ଦେଉଥିଲେ,'ହଁ, ଏହା ବିଜ୍ଞାନ ସମ୍ମତ ଅଟେ । ଏହା ଯଥାର୍ଥ ଯେ, ଈଶ୍ୱର ଅନାଦି, ଅନନ୍ତ ଓ ନିରାକାର ଅଟନ୍ତି। ତେଣୁ ତାହାଙ୍କୁ ଆକାର ପ୍ରଦାନ କଲାବେଳେ ଏହା ସମିଚୀନ କି ନୁହେଁ ପ୍ରଶ୍ନଉଠେ । ଅଥଚ ସାଧାରଣ ମନୁଷ୍ୟ ପକ୍ଷରେ ଅନାଦି, ଅନନ୍ତ, ନିରାକାର, ନିର୍ଗୁଣ ଭଗବାନଙ୍କ କଳ୍ପନା କରିବା ସହଜ ନୁହେଁ। ବିଷ୍ଣୁ ଯେପରି ଅନନ୍ତ ରୂପରେ ସୃଜନ ରୂପକ ପଦ୍ମ, ସ୍ତୁପ ରୂପକ ଗଦା, ପ୍ରତ୍ୟାବର୍ତ୍ତ ରୂପକ ଚକ୍ର,ଏବଂ କୃଷ୍ଣାବର୍ତ୍ତ ରୂପକ ଶଙ୍ଖ ଧାରଣ କରିଛନ୍ତି, ଏତେ ବିଶାଳ ବିଜ୍ଞାନକୁ ସାଧାରଣ ମଣିଷ କିପରି ବୋଧ କରିବ ? ତେଣୁ (ପୃଥିବୀକୁ ଗ୍ଲୋବରେ ବୁଝାଇବା ପରି) ବିଷ୍ଣୁ ମୂର୍ତ୍ତିଟିଏଗଢି ପ୍ରତୀକାତ୍ମକ ଭାବେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧରାଇ ଦିଆଗଲା। ଏହି ବ୍ରହ୍ମାଣ୍ଡ ମଧ୍ୟ ଏକ ପ୍ରାଚୀର ଦ୍ୱାରା ଚତୁଃ ପାର୍ଶ୍ୱରୁ ନିଜକୁ ସ୍ୱତନ୍ତ୍ର ରଖିଛି ।ଅସୀମ ମଧ୍ୟ ରେ ଆମେ ସସୀମ। ବିଶ୍ୱାସ ହିଁ ଧର୍ମର ମୂଳ।

ଖଣ୍ଡେ ପଥର, କାଠ,ଗୋଟିଏ ବାଲିସ୍ତୁପ ବା ବୃକ୍ଷକୁ ମଧ୍ୟ ବିଶ୍ୱାସରେ ପୂଜା କଲେ ସେଥିରେ ଈଶ୍ୱର ସାକାର ହୁଅନ୍ତି । ଆମ୍ଭେମାନେ ଜାଣୁଯେ ଶରୀର ବିନାଶଶୀଳ କିନ୍ତୁ ଆତ୍ମା ଅବିନାଶୀ ଅଟେ । ପୃଥିବୀରେ ଜନ୍ମ ହେଲେ ଏହି ପାର୍ଥିବ ଦେହ ବ୍ୟତୀତ ଆତ୍ମାର ସ୍ଥିତି ନାହିଁ । ଏହି ଦେହକୁ ହିଁ ପ୍ରଥମେ ନିରାମୟ, ଦୀର୍ଘାୟୁ କରିବା ମାନବର ଧର୍ମ ।ଏହି ପୃଥିବୀ ରେ ପ୍ରଥମେ ସମସ୍ତ ପ୍ରକାର ସାଧନା ପାଇଁ ଦେହ ଏକ ମାତ୍ର ମାଧ୍ୟମ ଅଟେ। ' ଶରୀରମ ଆଦ୍ୟମ, ଖଲୁ ଧର୍ମ ସାଧନମ୍। (ଏ ସମ୍ପର୍କରେ ରବୀନ୍ଦ୍ର ନାଥ ଠାକୁର ଏତେ ଆତ୍ମ ମଗ୍ନ ଲେଖକ ଥିଲେ ଯେ, ନିଜ ଗଳ୍ପର ଚରିତ୍ର, ଶବ୍ଦ, ମଧ୍ୟ ସେ ଜୀବନ୍ତ ଅନୁଭବ କରୁଥିଲେ।) ଆର୍ଯ୍ୟ ମାନେ ବିଭିନ୍ନ ଓଷା , ବ୍ରତ, ଯଜ୍ଞ ଆଦି କରିଥାନ୍ତି। ଅମାବାସ୍ୟା, ପୂର୍ଣ୍ଣିମା, ସଂକ୍ରାନ୍ତି,ଏକାଦଶୀ, ଗ୍ରହଣ, ପରାଗ ଆଦି ଉପବାସ ରହି ବା ଲଘୁ ପାକ ଖାଦ୍ୟ ଖାଇ ପାଳନ କରନ୍ତି । ମଝିରେ, ମଝିରେ ଉପବାସ ରହିବା ଦ୍ୱାରା ଏବଂ ବିଭିନ୍ନ ଲଘୁ ପାକ ଖାଦ୍ୟ ଖାଇବା ଦ୍ୱାରା ପାକସ୍ଥଳୀକୁ ବିଶ୍ରାମ ମିଳେ ଏବଂ ଶରୀର ସୁସ୍ଥ ରହେ। ଯୋଗ ସାଧକ ମାନେ ଅତ୍ୟଳ୍ପ ଭୋଜନ ବା ନିରାହାର ରହି ମଧ୍ୟ ଦୀର୍ଘାୟୁ ଓ ସୁସ୍ଥ ରହନ୍ତି। ଆୟୁ ବେଦ ଅନୁସାରେ ହିତ ଭୁକ୍, ମିତ ଭୁକ୍ ଓ ଋତ ଭୁକ ଦୀର୍ଘାୟୁ ଓ ନିରୋଗ ଶରୀର ପାଇଁ ନିହାତି ପ୍ରୟୋଜନ। ଯେଉଁ ଦିନ ମାନଙ୍କରେ ଯେଉଁଖାଦ୍ୟ ନିଷିଦ୍ଧ କରାଯାଇଅଛି, ସେହିଦିନ ମାନଙ୍କରେ ଖାଦ୍ୟ ଗୁଡ଼ିକ ଜୀବାଣୁଯୁକ୍ତ ବା ଦୂଷିତ ହୋଇଥାଏ । ଯେପରି, ପ୍ରଥମାଷ୍ଟମୀ ପୂର୍ବରୁ ମୂଳା ଖାଇବା ନିଷିଦ୍ଧ,ଆମ୍ବଓ ଶିମ୍ବଏକତ୍ର ଭୋଜନ କରିବା ନିଷିଦ୍ଧ, ରାତିରେ ଦଧି, ଅନ୍ନ ଖାଇବା ନିଷିଦ୍ଧ, କାର୍ତ୍ତିକ ମାସର ପଞ୍ଚୁକରେ ଆମିଷଖାଇବା ନିଷିଦ୍ଧ ଅଟେ । ଶୀତ ଦିନରେ କାଞ୍ଜି ଖାଇବା ରୁଭିଟାମିନ ସି ମିଳିଥାଏ ।ଏହା ଚର୍ମକୁ ଫାଟି ବାକୁଦିଏନାହିଁ। ସେହିପରି, ଜ୍ୟୋଷ୍ଠମାସରେ ଗୁଡ, କଦଳୀର ପଣା, ଗର୍ଭଣା ସଂକ୍ରାନ୍ତିରେ ବିଭିନ୍ନ ପନିପରିବା ଏବଂ ଗଜାମୁଗର ତରକାରୀ, ତ୍ରିବେଣୀ ଅମାବାସ୍ୟାରେ ବିଭିନ୍ନ ରବି ଫସଲର ଜାଉ, ମଧୁରୁଚି ଆଦି ଦେହ ପକ୍ଷରେ ହିତକର ହୋଇ ଥାଏ। କିନ୍ତୁ ଏସବୁ ସାଧାରଣ ଭାବେ ପାଳନ କରିବାକୁ କହିଲେହି କେହି ତାହା ମାନିବେ ନାହିଁ। ତେଣୁ ବିଭିନ୍ନ, ବ୍ରତ, ଦେବ, ଦେବୀ ପୂଜା ମାଧ୍ୟମରେ ଲୋକ ମାନଙ୍କ ମନରେ ଧର୍ମୀୟ ଭାବନା ସୃଷ୍ଟି କରିବା ଦ୍ୱାରା ବାସ୍ତବ ଉଦ୍ଦେଶ୍ୟ ପୂରଣ ହୋଇ ପାରୁଛି। ଆର୍ଯ୍ୟ ନାରୀମାନେ ସଂଯମୀ, ପତିବ୍ରତା ହେବାପାଇଁ ଏବଂ ସମାଜ ରେ ବ୍ୟଭିଚାର ନବଢିବା ପାଇଁ ବିଧବା ମାନେ କାର୍ତ୍ତିକ ମାସରେ ହବିଷ ଓ ନିରାମିଷ ଖାଦ୍ୟ ଗ୍ରହଣ କରନ୍ତି। ସେହିପରି ସଧବା ମାନେ ସାବିତ୍ରୀ ବ୍ରତରେ ଲଘୁପାକ ଫଳାହାର କରିଥାନ୍ତି। ବ୍ରାହ୍ମଣ ଏବଂ ଗୋପାଳ ଆଦି ଜାତି ମାନେ ଆମିଷ ସ୍ପର୍ଶ କରନ୍ତି ନାହିଁ।

କାରଣ, ଆମିଷ ଓ ମସଲା ଆଦି ସ୍ନାୟୁ ଉତ୍ତେଜକ ଖାଦ୍ୟ ଏବଂ ଏହା ବଦଳରେ ଦୁଗ୍ଧଜାତ ଖାଦ୍ୟ ଖାଇଥାନ୍ତି। ଦ୍ୱିତୀୟରେ ସନାତନ ଧର୍ମୀ ମାନେ ବିଭିନ୍ନ ବୃକ୍ଷ ମାନଙ୍କୁ ପୂଜା କରିଥାନ୍ତି। ଏହା ସର୍ବାଦୌ ଉଚିତ କାର୍ଯ୍ୟ। ମୂର୍ତ୍ତି ପୂଜା ଓ ପ୍ରସାଦରେ ବେଲ, ତୁଳସୀ, ଦୁର୍ଲ୍ଲଭ। ଦୂର୍ବା ଆଦି ପତ୍ର ପଡ଼ିଥାଏ। କାରଣ, ବୃକ୍ଷ ମାନଙ୍କର ଔଷଧୀୟ ଗୁଣଥିବାରୁ, ସେମାନେ ଶରୀର କୁନିରାମୟ ରଖିଥାନ୍ତି। ଅଶୋକାଷ୍ଟମୀରେ ପୂଜା କରାଯାଉଥିବା ଅଶୋକ ଫୁଲ ଏବଂ ପତ୍ର ସ୍ତ୍ରୀ ମାନଂକ ଋତୁ ଜନିତ ରୋଗର ଏକ ପ୍ରଧାନ ମହୌଷଧି। ଶତାବରୀ ବଳ ବର୍ଦ୍ଧକ, ଦୂର୍ବାକ୍ଷତ ଉପଚାରକ, ବାଇଡ଼ଙ୍କ ମଞ୍ଜି ଶୁକ୍ରବର୍ଦ୍ଧକ, ଲଣ୍ଡା ବାଗୁଲି ପାକସ୍ଥଳୀ ଶୀତଳ କାରକ, ରକ୍ଟୁଣା ହାତ ପୋଛା ଉଦର କଷ୍ଟନାଶକ, ଇତ୍ୟାଦି। ଏହା ମଧ୍ୟରେ, ତୁଳସୀକୁ ସର୍ବଶ୍ରେଷ୍ଠ ସ୍ଥାନ ଦେଇଛନ୍ତି ଆର୍ଯ୍ୟ ମାନେ। ଏହାକୁ ସେମାନେ ସନ୍ଧ୍ୟା ଏବଂ ସକାଳରେ ପୂଜା କରୁଛନ୍ତି ତଥା ଅଗଣାର ବେଦୀକାରେ ରୋପଣ କରିଛନ୍ତି। ଗବେଷଣାରୁ ଜଣା ଯାଉଛି ଯେ, ତୁଳସୀ ଦିନଓ ରାତି ସର୍ବଦା ଅଶୁଦ୍ଧ ବାୟୁକୁ ଗ୍ରହଣ କରି ଜୀବ ପାଇଁ ଶୁଦ୍ଧ ବାୟୁକୁ ତ୍ୟାଗ କରିଥାଏ। ଥଣ୍ଡା, ସର୍ଦ୍ଦି ଆଦି ରୋଗରୁ ରକ୍ଷା କରିଥାଏ। (ପଠିତ।)

'ଏହା ପରେ ମୂର୍ତ୍ତି ପୂଜାର କଥା' ପ୍ରଜାପତି ତ୍ୱଷ୍ଟା କହୁଥିଲେ, 'ଧରନ୍ତୁ ଶିବଲିଙ୍ଗଓ ଯୋନୀ। ଲିଙ୍ଗ ଓ ଯୋନୀ ହେଉଛନ୍ତି ସୃଷ୍ଟିର ଆଧାର। ଦେଖାଯାଏ ଯେ ଏଠାରେ ଯୋନୀ ମଧ୍ୟରେ ଲିଙ୍ଗ ଉର୍ଦ୍ଧ୍ୱମୁଖୀ ହୋଇ ରହିଅଛି। ଏହାର ଅର୍ଥ ପୁରୁଷ ଶକ୍ତି, ସ୍ତ୍ରୀ ଶକ୍ତି,ବିଶେଷତଃ ମାତୃଶକ୍ତିର ଆୟତ୍ତାଧୀନ ହୋଇ ରହିଲେ ହି ପୁରୁଷ ତଥା ସମାଜର ଉନ୍ନତି ହୋଇଥାଏ। ପତ୍ନୀ ପୁରୁଷକୁ ପତନରୁ ରକ୍ଷା କରେ ଓ ସଂଯମର ଦୀକ୍ଷା ଦେଇଥାଏ। ଜ୍ଞାନ ଦାତା ରୂପେ ହିନ୍ଦୁ ମାନେ ଗଣେଶଙ୍କୁ ପୂଜା କରିଥାନ୍ତି। ଗଣେଶଙ୍କର ଦୁଇଟି ବିରାଟ କର୍ଣ୍ଣ, ଗୋଟିଏ ବୃହତାକାର ବର୍ତ୍ତୁଳ ଉଦର ଥିବା ସତ୍ତ୍ୱେ ପାଟି ବନ୍ଦ ହୋଇ ରହିଥାଏ। ଏହାର ଅର୍ଥ ଯେଉଁ ମାନେ ଅଧିକ ଶୁଣନ୍ତି,ଏହାକୁ ଗର୍ଭମଧ୍ୟରେ ଗୋପନ କରି ରଖନ୍ତି ଏବଂ କମ କଥା କୁହନ୍ତି ସେମାନେ ସାମାଜରେ ଜ୍ଞାନୀ ଓ ଅଗ୍ରପୂଜ୍ୟ ହୁଅନ୍ତି। ଗଣେଶଙ୍କଠାରେ ପୂଜା କରାଯାଉ ଥିବା ରାଶି ଲଡୁ ବୁଦ୍ଧି ବୃଦ୍ଧିରେ ସାହାଯ୍ୟ କରିଥାଏ ।ଉତ୍ତର ଦିଗରେ ଥିବା ଚୁମ୍ବକୀୟ ଶକ୍ତି, ଚନ୍ଦ୍ର, ସୂର୍ଯ୍ୟ ପୃଥିବୀର ଭାରସାମ୍ୟ ରକ୍ଷା କରନ୍ତି। କେତେକ କହନ୍ତି ମଣିଷ ପକ୍ଷରେ ଏହାକୁ ପ୍ରଭାବ ପକାଏ । ଶିବଙ୍କଠାରେ ଗଞ୍ଜେଇ ଭୋଗ ହୁଏ ଓ ସେ ନିର୍ଭୟରେ ସର୍ପକୁ ଶରୀରରେ ଆଭରଣ କରି ରଖିଥାନ୍ତି। ଏହାର ଅର୍ଥ ଗଞ୍ଜେଇ, ଦୁର୍ଦୁରା, ଗୟଶ ଆଦି ବିଷ ନାଶକ। ଗୋମୂତ୍ରକୁ ବା ପରିସ୍ରାକୁ ଶିବାମ୍ବୁ କୁହାଯାଏ।

(କ୍ରମଶଃ)

+ ବାଲିଝରି, କାନପୁର, ବଡ଼ମ୍ବା, କଟକ



## ଚକାନୟନ

ଗୀତାଞ୍ଜଳି ଅଗସ୍ତି

ଚନ୍ଦ୍ର ସୂର୍ଯ୍ୟ ପରି ଦୁଇ ନୟନରେ
ଦୁଃଖ ସୁଖ ଦେଖୁ ଅଛ
ଅନ୍ତର ବେଦନା ମରମ ଭାବନା
ସ୍ୱଚ୍ଛ କରି ପଢୁ ଅଛ ।

ମୋର ପଞ୍ଚ ଭୂତ ପାଦେ ସମର୍ପିତ
କରେ ତୁମକୁ ଗୁହାରି
ଜଗତର ନାଥ ସମାଜର ହିତେ
ଜୀବନ ଯାଉ ବାହାରି।

ସ୍ନେହ ପ୍ରେମ ଶ୍ରଦ୍ଧା କରୁଣା ବାରିରେ
ପରିପୂର୍ଣ୍ଣ ହେଉ ଜଗତ
ଅହିଂସା ମନ୍ତ୍ରରେ ବାସ୍ନାୟିତ ହେଉ
ପ୍ରେମେ ହୁଅ କୋଳାଗ୍ରତ।

ମନୁଷ୍ୟ ଜନମ ଦୁର୍ଲଭ ଜନମ
ଜାଣି ଛଳ କର ନାହିଁ
କାଳ ଛଞ୍ଚାଣ ଚାହିଁ କି ବସିଛି
ଝାମ୍ପି ନେବ ଜଣା ନାହିଁ।

ମିଛ ମାୟା ମୋହ ଅଜ୍ଞାନ ପଛରେ
ପଡିଲେ ହେବାରେ ଧ୍ୱଂସ
ନିର୍ବିକାର ହୋଇ ହାତ ଟେକି ଦେଇ
ସମର୍ପି ଦେବା ସର୍ବସ୍ୱ ।

+ଏରଡା, ଭଦ୍ରକ

## ବାପା

ଶ୍ରୀମତୀ ସୁଲକ୍ଷଣୀ ସାହୁ

ପ୍ରତ୍ୟହ ପୂର୍ବ କାନ୍ଥରୁ ସଂସାରଯାକର
ପୁଳା ପୁଳା ଆଳସ୍ୟର କଳା କଳା
ଅଳନ୍ଧୁ ଝାଡି
ରକ୍ତିମ କର୍ମ ପ୍ରତିଜ୍ଞଙ୍କ ପୂର୍ବାଚଳେ
ଉଜ୍ଜ୍ୱଳ ଆଗମନ,
ପାହାନ୍ତାରୁ ଗତ କାଲିର କ୍ଳାନ୍ତ ପଣରୁ
ଜାଗରଣ ଡାକରାରେ
ମୋ ହୃଦ କାନ୍ଥେ କାନ୍ଥେ ଖୋସି ଦେଉଥିଲେ
ଜାଗ୍ରତମନା ହେବାକୁ ଟାଣ ପଣ।

ଟିକି ଟିକି ଆଖିରେ ମାଖି ଦେଉଥିଲେ
ନଭକୁ ଛୁଇଁବା ସପନ
କୁନି ମନେ କର୍ମ ଆସକ୍ତି ଭରି
ଦେଉଥିଲେ ସେଇ ଯାଦୁକର,
ଟିକି ଟିକି ଚଢ଼େଇଙ୍କ ଇଛିବିଛି
ପକ୍ଷ ଗଢିବାରେ
ନିଜ ଅବସର ବିଶ୍ରାମ,ପାଟିର ସୁଆଦ
ଲୋଭ, ଚିକ୍କଣ ବସନରେ ଗାଢ଼ ଇସ୍ତ୍ରୀ ଦାଗ
ସବୁ ପାସୋରି ଯାଉଥିଲେ ଅହରହ।

ବୋଧେ ତାଙ୍କ ତମାମ ଜୀବନର ଋତୁଚକ
ମୋ ପାଇଁ ଥିଲା ମାଗୁଣି
ନା ମୋ ଠୁଁ କିଛି ପାଇବା ଆଶା
ନା କିଛି ସ୍ୱାର୍ଥର ଅପେକ୍ଷା
କେବଳ ଅମାୟ ସ୍ନେହର ବଳୟେ
ମଣିଷଟିଏ ଗଢ଼ିବା ଚେଷ୍ଟାରେ
ନିମଜ୍ଜିତ ଅନବରତ।

ମୋର ଯେତେକ ଅଇନି,ଅକଡେ
ଦେଉଥିଲେ ଆଣି ଜହ୍ନ ହାତପାଆନ୍ତେ
ହାତରେ ମୋ ତାଙ୍କ
ଗୋଟାଏ ଆଙ୍ଗୁଠି ଜାବୁଡ଼ି
ଅବାଟରୁ ବାଟ ଆପେ ଆପେ
ହେଉଥିଲି ଟାଣି,
ମୋ' ମିଟିମିଟି ଆଖିରେ ମୁଣ୍ଡଟେକି
ସେ ଅକପଟ ଚେହେରାର
ଗୁରୁତ୍ୱ ମାପିଲାବେଳକୁ
ଚେନାଏ ହସର ଝର
ଓଠଧାରେ ପାଇଯାଉଥିଲି।

ଆଜି ନିଜେ ଜଞ୍ଜାଳର କୁଢ଼ କୁଢ଼ ବୋଝ
ତଳେ ବେଷ୍ଟିତ ମୁଁ
ତାଙ୍କୁ ଖୋଜି ଆଖିରୁ ଲୋତକ ନିଗାଡେ
ଆଖି ଡେରି ମୁଣ୍ଡଟେକି ଆଉ ପାରେନି ଦେଖି
ସେଇ ଅନାବିଳ ଆଶ୍ୱାସନା ଘେରା ମୃଦୁ ହସକୁ
କିନ୍ତୁ ମୋର ସମସ୍ତ ଦୃଷ୍ଟିକୋଣରେ ତାଙ୍କ
ଉପସ୍ଥିତି ଅନୁଭୂତ କରେ।

ସେ ତାଗିଦ୍ ଭରା କଣ୍ଠ,ପିଠି ମୁଣ୍ଡ ଉପରେ
ବୁଲି ଆସୁଥିବା ସାବାସୀର ହାତ,
ମୋ ସର୍ତ୍ତକୁ ବେଳେ ବେଳେ ଗୁରୁତ୍ୱଦେଇ
ସଙ୍କୁଚିତ ସେ ନିଜେ,
କାହିଁ ଦିନରୁ ହଜେଇ ଦେଇଛି,
ହସ ହସ ଚେହେରାଏ
ଝାପସା ଦିଗ୍ ବଳୟ ଉହାଡେ
ପୋତି ହୋଇଯାଏ
ହେଲେ ସେଇ ଜଳରୁ ପ୍ଲାବିତ ମୋ କୁନି ମନ
ଏବେ ମଧ୍ୟ ତାଙ୍କ ଛାଇ ଆଢୁଆଳେ
ପଥ ଖୋଜି ଚାଲିଛି।

+ସହକାରୀ ଶିକ୍ଷୟିତ୍ରୀ, ଗୋପବନ୍ଧୁ
ସରକାରୀ ଉଚ୍ଚ ବିଦ୍ୟାଳୟ, ଖରିଆର
ରୋଡ, ନୂଆପଡା
ମୋ: ୯୯୩୭୮୯୨୦୨୯

## ପ୍ରେମ-ଜିଇଁବାର ଏକ ପ୍ରୟାସ

ଅନସୂୟା ପଣ୍ଡା

ସରୁ ନଥିବା କିଛି ସୁକ୍ଷ୍ମ ତତ୍ତ୍ୱ
ଅବନୀ ଗଗନ ଜୀବନ ପବନ
ଆଉ ନିଆଁ ପରି ଅବୁଝା ଏ ପ୍ରେମ
ଅଦୃଶ୍ୟରେ ଆତ୍ମା ସହ ଆତ୍ମାର ମିଳନ
କେତେ କଳ୍ପ ଜନ୍ମ ଲଗ୍ନରେ ଗତିଶୀଳ
ଜିଇଁବା ପାଇଁ ଆବେଗର ଉଷ୍ମା ଯଥେଷ୍ଟ।

ଖୋଜିବା ଭିତରେ ଅନୁଭବିବା
ଅନୁଭବିବା ଭିତରେ ଭୋଗିବା
ଭୋଗିବା ଭିତରେ ଜିଇଁବାର
ନିରବଚ୍ଛିନ୍ନ ସମ୍ଭାବନାମୟ ପ୍ରୟାସ
ଆଉ ତା' ଭିତରେ ଆନନ୍ଦ ଉଲ୍ଲାସ।

ଅପ୍ରାକୃତ ପ୍ରେମମୂର୍ତ୍ତି ଶ୍ରୀରାଧାଙ୍କ ପରି
ବିଭୁପ୍ରାଣତାରେ ନିରନ୍ତର ହଜିଯିବା
ପତିତରୁ ପବିତ୍ର ଜୀବନ୍ତ ହେବା
ଉଜ୍ଜ୍ୱଳି ଉଠିବା ମଧୁମୟ ହୋଇ
କେତେ ଯୋନିରେ ଲୀନ ହେବା
ସେଇ ସୁନ୍ଦର ଅନନ୍ତ ତୃପ୍ତିରେ।

ଯୁଗରୁ ଯୁଗକୁ ଉଦବୁଦ୍ଧ କରି
ଐଶୀ ଚେତନାକୁ ଧୈର୍ଯ୍ୟରେ
ମୀରା ପରି ଅମୃତ ଅନ୍ତର୍ମନ
ମହନୀୟ ଉତ୍ସର୍ଗର ଅଧିବାସ
ସମର୍ପଣର ଉପାସନାରେ।

ହଜେଇ ଦେବା ନିଜକୁ ନିଜଠାରୁ
ତପସ୍ୟାର ତନ୍ମୟ ସୋପାନଟିରେ
ଜପିବା ବିନା ଦୀକ୍ଷାରେ ବିଭୁ ଚରଣେ
ଶୁଭ୍ର ଶାଶ୍ୱତ ପ୍ରେମକୁ ପରିଧାନ କରି।

+ବୁର୍ଲା, ସମ୍ବଲପୁର,
ମୋ: ୯୪୩୯୨୧୧୯୭୧

# ଟାଟା କମ୍ୟୁନିଟି ଇନିସିଏଟିଭ୍ ଟ୍ରଷ୍ଟ ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ କେନ୍ଦୁଝରେ ବିଜୟାନନ୍ଦ ପଟ୍ଟନାୟକ ଆଇ କେୟାର ସେଂଟରରେ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସା ସୁବିଧାର ଶୁଭାରମ୍ଭ

କେନ୍ଦୁଝର, ୩/୦୯ (ନି.ପ୍ର): ଟାଟା କମ୍ୟୁନିଟି ଇନିସିଏଟିଭ୍ ଟ୍ରଷ୍ଟ (ଟିସିଆଇଟି) ଓ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍ଏଫ୍) ପକ୍ଷରୁ ଏଲ୍ ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ (ଏଲଭିପିଇଆଇ) ସହ ସହଭାଗିତା ରେ କେନ୍ଦୁଝର ସହର ର ବିଜୟାନନ୍ଦ ପଟ୍ଟନାୟକ ଆଇ କେୟାର ସେଂଟର (ବିଏନପିଇସି) ଠାରେ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସା ର ଶୁଭାରମ୍ଭ ମଙ୍ଗଳବାର କରାଯାଇଛି।

ଏହି ଅବସରରେ ଆୟୋଜିତ ସମାରୋହରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (କେନ୍ଦୁଝର) ପ୍ରଦୀପ କୁମାର ମିଶ୍ର, ଟାଟା ସନ୍ସ ଅଧୀନସ୍ଥ ଟାଟା ସଷ୍ଟେନେବିଲିଟି ଗ୍ରୁପ୍‌ର ସୋସିଆଲ ସର୍ଭିସେସ୍ କ୍ଲଷ୍ଟର ମୁଖ୍ୟ ଶ୍ରୀରଙ୍ଗ ଧବାଲେ, ଟାଟା ଷ୍ଟିଲ ଯୋଡା ଚିଫ ରାଜେଶ କୁମାର, ଟି ସି ଏସ୍ ଡେଲିଭେରି ସେଂଟର ହେଡ୍ ବିଭୁ ପଣ୍ଡା, ଟାଟା ଷ୍ଟିଲ୍ ଫାଉଣ୍ଡେସନ ର ଯୋଡା କ୍ଲଷ୍ଟର ମୁଖ୍ୟ ରବିନ୍ଦ୍ର କୁମାର, ଏଲ୍‌ଭିପିଇଆଇର ପବ୍ଲିକ୍ ହେଲ୍‌ଥ ନେଟ୍‌ୱର୍କ ଡାଇରେକ୍ଟର ଡକ୍ଟର ରୋହିତ ଖାନ୍ନା, ଚିଫ ହ୍ୟୁମାନ୍ ରିସୋର୍ସ (ଟି ଏସ୍ ଏଫ୍) ସୁଧୀର ସିଂ ଙ୍କ ସହ ଟାଟା ଷ୍ଟିଲ ଏବଂ ଟି ଏସ୍ ଏଫ୍ ର ବହୁ ଅଧିକାରୀ ଓ ଏଲ୍ ଭି ପ୍ରସାଦ ଚିକିତ୍ସାଳୟ ର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

ଏହି ଅବସରରେ କେନ୍ଦୁଝର ଓ ଆଖପାଖ ଜିଲ୍ଲାର ଲୋକମାନଙ୍କୁ ସେବା ପ୍ରଦାନ କରୁଥିବା ବିଜୟାନନ୍ଦ ପଟ୍ଟନାୟକ ଆଇ କେୟାର ସେଂଟର କୁ ୧୩ ଗୋଟି ଅତ୍ୟାଧୁନିକ ଅସ୍ତ୍ରୋପଚାର ଓ ନିଦାନ ଉପକରଣ ପ୍ରଦାନ କରାଯାଇଛି। ଏଥିରେ ଫାକୋ ମେସିନ, ସର୍ଜିକାଲ ମାଇକ୍ରୋସ୍କୋପ୍, ମୋତିଆବିନ୍ଦୁ ଅସ୍ତ୍ରୋପଚାର ସେଟ୍, ପୋର୍ଟେବଲ ସ୍ଲିଟ୍ ଲ୍ୟାମ୍ପ୍, ଗୋଟିଏ ଭିଜନ ମନିଟର ଓ ଜରୁରୀକାଳୀନ ଉପକରଣ ଅନ୍ତର୍ଭୁକ୍ତ ଓ ଭିତ୍ତିଭୂମିରେ କରାଯାଇଥିବା ଉନ୍ନତି ମାଧ୍ୟମିକସ୍ତରର ଚକ୍ଷୁ ଯତ୍ନ ସେବାକୁ ସୁଦୃଢ଼ କରାଯିବା ସହ ମୋତିଆବିନ୍ଦୁ ଜନିତ ଅନ୍ଧତ୍ୱର ପ୍ରତିଷେଧକମୂଳକ ମୁକାବିଲା କରାଯାଇପାରିବ।

ଏହି ସୁବିଧା ଟାଟା ଷ୍ଟିଲ ଫାଉଣ୍ଡେସନର କାର୍ଯ୍ୟକ୍ଷେତ୍ର ଯଥା କଳିଙ୍ଗନଗର, ବ୍ରାହ୍ମଣୀପାଳ, ସୁକିନ୍ଦା ଓ ଯୋଡ଼ା ପର୍ଯ୍ୟନ୍ତ ସମ୍ପ୍ରସାରିତ। ଏହି ଉନ୍ନତମାନର ସେବା କୁ ଆସନ୍ତା ତିନି ବର୍ଷରେ ୧୦ ହଜାରରୁ ଅଧିକ ଲୋକଙ୍କ ପାଖରେ ପହଂଚାଇବା ସହ ପ୍ରାୟ ୨,୨୫୦ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରିବାକୁ ଲକ୍ଷ୍ୟ ରଖାଯାଇଛି।

ଏହି ଅବସରରେ ଶ୍ରୀ ପ୍ରଦୀପ କୁମାର ମିଶ୍ର କହିଲେ,'ମୋର ଦୃଢ ବିଶ୍ୱାସ ଏହି ଅତ୍ୟାଧୁନିକ ସେବା ଦ୍ୱାରା ଆଖପାଖ ଅଂଚଳର ବହୁ ଲୋକେ ଉପକୃତ ହେବେ ଓ ଏଥିପାଇଁ ମୁଁ ଟାଟା ଗ୍ରୁପ କୁ ସାଧୁବାଦ ଜଣାଉଛି ।

ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍ଏଫ୍)ର ସିଇଓ ସୌରଭ ରୟ କହିଛନ୍ତି ଯେ, "ଟାଟା ଷ୍ଟିଲ ଫାଉଣ୍ଡେସନ ବହୁ ଦିନରୁ କେନ୍ଦୁଝର ଜିଲ୍ଲାରେ ରୂପାନ୍ତର ଆଣିବା ଏବଂ ଶିକ୍ଷା ଓ ଜନ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ମଡେଲ୍ ଉପରେ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟ କରୁଛି। ଫାଉଣ୍ଡେସନ ଆକାଂକ୍ଷୀ ବ୍ଲକ୍ ଓ ଜିଲ୍ଲାରେ ସହଯୋଗିତାଭିତ୍ତିକ ସମାଧାନ ଏବଂ ସମୟାନୁଯାୟୀ ଏକ ଢ଼ାଂଚା ଜରିଆରେ ଐତିହାସିକ ସାମାଜିକ ଆହ୍ୱାନର ମୁକାବିଲା କରିବା ଏବଂ ବାସ୍ତବ ପ୍ରଭାବ ସୃଷ୍ଟି କରିପାରିଛି। ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ପବ୍ଲିକ ସିଷ୍ଟମକୁ ଲୋକଙ୍କ ନିକଟରେ ପହଂଚାଇ ସମ୍ଭାବନା ଓ ଜନ ଅଧିକାରକୁ ଜାଗ୍ରତ କରିବାକୁ ଆମେ ଆଶା ରଖିଛୁ, କାରଣ ଲୋକଙ୍କ ପାଖରେ ପହଂଚିପାରିବା ହିଁ ବାସ୍ତବ ବିକାଶ'' ।

ଏହି ଅବସରରେ ଶ୍ରୀରଙ୍ଗ ଧବାଲେ କହିଛନ୍ତି ଯେ, "ରାଷ୍ଟ୍ର ଗଠନର ମୂଲ୍ୟବୋଧକୁ ଟାଟା ଗ୍ରୁପ୍ ଦୀର୍ଘଦିନରୁ ବଜାୟ ରଖିଛି। କେନ୍ଦୁଝରରେ ଏହି ଆଇ କେୟାର ଅଭିଯାନ ଅନଗ୍ରସର ଅଂଚଳରେ ଜନ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି। ବିଜୟାନନ୍ଦ ପଟ୍ଟନାୟକ ଆଇ ସେଂଟରର ଉନ୍ନତୀକରଣ ପାଇଁ ଟିଏସ୍ଏଫ୍, ଏଲ୍‌ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍ (ଏଲଭିପିଇଆଇ) ଓ ଟାଟା କମ୍ୟୁନିଟି ଇନିସିଏଟିଭ୍‌ସ ଟ୍ରଷ୍ଟ ମଧ୍ୟରେ ସହଯୋଗିତା ଏହି ଅଂଚଳ ପାଇଁ ଶ୍ରେଷ୍ଠ ସେବା ଆଣିବାର ଏକ ଶକ୍ତିଶାଳୀ ପ୍ରଦର୍ଶନ। ଟାଟା ଗ୍ରୁପ୍‌ର ଗୋଷ୍ଠୀ କୈନ୍ଦ୍ରୀକ ଆଭିମୁଖ୍ୟ ଓ ଏଲ୍‌ଭିପିଇଆଇର ବିଶେଷତାକୁ ମିଶ୍ରଣ କରି ଏହି ଅଭିଯାନରେ ପ୍ରତିଷେଧକମୂଳକ ଅନ୍ଧତ୍ୱକୁ ଦୂର କରିବା ଏବଂ ଓଡ଼ିଶାର ଆଦିବାସୀ ଓ ଉପେକ୍ଷିତ ଲୋକଙ୍କ ଜୀବନର ଗୁଣାତ୍ମକ ମାନରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖାଯାଇଛି।''

ଗ୍ରାମୀଣ ଓ ଆଦିବାସୀ ସମୁଦାୟ ପାଇଁ ସ୍ଥାୟୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଗଠନ ପାଇଁ ଏଭଳି ସହଯୋଗିତାର ମହତ୍ୱ ଉପରେ ଏଲ୍‌ଭିପିଇର ଜନସ୍ୱାସ୍ଥ୍ୟର ନେଟ୍‌ୱର୍କ ଡାଇରେକ୍ଟର ଡକ୍ଟର ରୋହିତ ଖାନ୍ନା ଆଲୋକପାତ କରିଥିଲେ। ଏହି ଉନ୍ନତୀକରଣ ସହିତ ବିଜୟାନନ୍ଦ ପଟ୍ଟନାୟକ ଆଇ କେୟାର ସେଂଟର (ବିଏନପିଇସି) ଓଡ଼ିଶାରେ ଚକ୍ଷୁ ସେବାରେ ଏକ ପ୍ରମୁଖ ହବ୍ ଭାବେ କାର୍ଯ୍ୟ କରିବ ଏବଂ ଆଦିବାସୀ ଓ ଦୁର୍ଗମ ଅଂଚଳବାସୀଙ୍କ ଜୀବନରେ ରୂପାନ୍ତରଣ ଆଣିବ।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବାସୁଦେବପୁର, ୩/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନପୁର ପଞ୍ଚାୟତର ଆଦରମଣି ବାଳିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ କୃଷ୍ଣ ପ୍ରିୟା ମହାପାତ୍ରଙ୍କ ପାଇଁ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ନାୟକ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର। ସରପଞ୍ଚ ଚନ୍ଦ୍ରକାନ୍ତ ମଲିକ, ସମିତିସଭ୍ୟ ଦୈତାରୀ ସେଠି, ବିଦ୍ୟାଳୟର ପ୍ରତିଷ୍ଠାତା ଲକ୍ଷ୍ମଣ ସାହୁ, ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୀନା କୁମାରୀ ମଲ୍ଲିକ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଞ୍ଚାନନ ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୀୟ କୁମାର ମହାଳିକ ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ଅତିଥି ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ କୃଷ୍ଣ ପ୍ରିୟା ମହାପାତ୍ରଙ୍କ ଶିକ୍ଷା ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଏହି ଅବସରରେ ବିଦାୟୀ ପ୍ରଧାନ ଶିକ୍ଷୟତ୍ରୀ କୃଷ୍ଣ ପ୍ରିୟା ମହାପାତ୍ରଙ୍କୁ ମାନପତ୍ର, ଉପଢୌକନ ଓ ବିଭିନ୍ନ ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦାୟୀ ପ୍ରଧାନ ଶିକ୍ଷୟତ୍ରୀ କୃଷ୍ଣ ପ୍ରିୟା ମହାପାତ୍ର ବିଦ୍ୟାଳୟର ବିତାଇ ଥିବା ମୁହୂର୍ତ୍ତକୁ ବର୍ଣ୍ଣନା କରିଥିଲେ। ପ୍ରଫୁଲ୍ଲ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଶ୍ରୀମତୀ ପଣ୍ଡା, ଭାଗୀରଥି ସାହୁ, ଶାନ୍ତିଲତା ବାରିକ୍, ଭାରତୀ ପାଢ଼ୀ, ମନୋରଞ୍ଜନ ନାୟକ, ବାସନ୍ତୀ ଲତା ମହାନ୍ତ, ସହକର୍ମୀ ଗଣେଶ ଚନ୍ଦ୍ର ନାୟକ,ରତିକାନ୍ତ ଦାଶ ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ସମସ୍ତ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ।

# ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଭା

ବଲାଙ୍ଗିର, ୩/୦୯ (ନି.ପ୍ର): ପଂଚମ ଅନୁଷ୍ଠାନ ଠାରେ ରାମଜୀ ନାଟକ ସଂସଦ ଦ୍ୱାରା ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା । ଗୁରୁ ବାଳମୁକୁନ୍ଦ ବେହେରା ଦ୍ୱୀପ ପ୍ରଜ୍ଜଳନ କରି ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ସ୍ମୃତି ସଭା ଆୟୋଜିତ ହୋଇଥିଲା । ସେ ରାମଲିଲା ନାଟକରୁ ବିଭିନ୍ନ ଅଭିନୟ କରି ଓ ନିର୍ଦ୍ଦେଶନାରେ କୃଷ୍ଣଗୁରୁ ଓ ବିଭିନ୍ନ ଅଭିନୟରେ କଳାକାର ଜିବନ ବିତାଇଥିଲେ । ବଲାଙ୍ଗିର ମାଟିର ଜଣେ ସୁଯୋଗ୍ୟ ସନ୍ତାନ ଜନ୍ମନେଇଥିଲେ । ଏହି ନାଟକ ଜିବନରେ କିଭଳି ତାଙ୍କର କଳା ଜିବନରେ ଆଗେଇ ଥିଲେ ତାହା ସ୍ମୃତି ଚାରଣ କରିଥିଲେ ।

# ଅବ୍ୟବସ୍ଥାରେ ଗୋବିନ୍ଦତୋଳା ବଜାର : ପରିବା ବିକାଳୀଙ୍କ ପିଣ୍ଡି ସାଜିଛି ଗୋରୁ ଗୁହାଳ

ସମ୍ବଲପୁର, ୦୨ ସେପ୍ଟେମ୍ବର (ହି.ସ.) - ସମ୍ବଲପୁର ସହରର ଗୋବିନ୍ଦତୋଳା ପରିବା ବଜାର ଏକ ପ୍ରମୁଖ ବ୍ୟବସାୟୀକ କ୍ଷେତ୍ର ହୋଇଥିଲେ ମଧ ପ୍ରଶାସନିକ ଦୂରଦୃଷ୍ଟି ଅଭାବ ଓ ଖାମଖିଆଲି ନୀତି ଯୋଗୁଁ ଏହି ବଜାରର ସମସ୍ୟା ସମାଧାନରେ ଅନିଶ୍ଚିତତା ଦେଖିବାକୁ ମିଳୁଛି । ଗୋବିନ୍ଦତୋଳା ଦ୍ୱିତୀୟ ବ୍ରିଜ ନିର୍ମାଣ ହେବା ପରେ, ବ୍ରିଜ ଉପରେ ବସୁଥିଲେ ପରିବା ବେପାରୀ । ତା' ପୂର୍ବରୁ ଗୋବିନ୍ଦତୋଳା ମାରୁତିନଗର ସଂଯୋଗୀ କରଣ ରାସ୍ତା କଡରେ ସମ୍ବଲପୁର ମହାନଗର ନିଗମ ଦ୍ୱାରା ନିର୍ମିତ ହୋଇଥିଲା ପରିବା ବଜାର ପିଣ୍ଡି କ୍ଷ ମାତ୍ର ସେଠାରେ ପରିବା ବ୍ୟବସାୟୀ ଓ ସର୍ବସାଧାରଣଙ୍କ ସମସ୍ୟା ସମ୍ପର୍କରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ କୌଣସି ଅଭିଯୋଗ ଉପରେ ମହାନଗର ନିଗମ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ନେବାରେ ସମର୍ଥ ହୋଇ ପାରିନଥିଲା । ଏପରିକି ପରିବା ବିକାଳୀ ମାନଙ୍କୁ ପରିଚାଳନା କରିବାରେ ମହାନଗର ନିଗମର ବିଫଳତା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ବିଜେପି ନେତା ସୂର୍ଯ୍ୟ ପାଣିଗ୍ରାହୀ କ୍ଷୋଭ ପ୍ରକାଶ କରିଛନ୍ତି । ଏହି ସମସ୍ୟା ସମ୍ପର୍କରେ ପଚାରିବାରେ ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ, ବିଭିନ୍ନ ମହଲରୁ ଅଭିଯୋଗ ହେବାପରେ ବିକାଳୀ ମାନେ ମହାନଗର ନିଗମ ଦ୍ୱାରା ନିର୍ମିତ ପୁରୁଣା ବଜାର ପିଣ୍ଡିକୁ ଗଲେ । ହେଲେ ସମସ୍ୟା କମିବା ବଦଳରେ ବଢିବାରେ ଲାଗିଲା । ପରିବା ବିକାଳୀଙ୍କ ସଂଖ୍ୟା ବୃଦ୍ଧି କାରଣରୁ ବିକାଳୀ ମାନେ ପିଣ୍ଡିରେ ନବସି ରାସ୍ତା ଉପରେ ପରିବା ରଖି ବିକ୍ରି କରିବା ଆରମ୍ଭ କଲେ କ୍ଷ ଫଳରେ ଯାନବାହାନ ପାର୍କିଂ ଠାରୁ ଆରମ୍ଭ କରି ସର୍ବସାଧାରଣ ଲୋକଙ୍କ ଯିବା ଆସିବା ସମସ୍ୟା ଉତ୍କଟ ହେବାରୁ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଠାରେ ଅଭିଯୋଗ ସଂଖ୍ୟା ବଢିଚାଲିଲା । ପରବର୍ତ୍ତୀ ସମୟରେ ବଜାର ପାର୍ଶ୍ୱରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ଲମ୍ବା ପିଣ୍ଡି ମହାନଗର ନିଗମ ନିର୍ମାଣ କଲା । ସେହି ପିଣ୍ଡିରେ ମଧ ପରିବା ବିକାଳୀ ମାନେ ନବସି ରାସ୍ତାପାର୍ଶ୍ୱକୁ ଜବରଦଖଲ କରି ବସିବା କାରଣରୁ ରାସ୍ତା ଜାମ ହେବା ସଙ୍ଗେ ସଙ୍ଗେ ଅଧିକ ସମସ୍ୟା ବଢ଼ିଯାଇଛି ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି କ୍ଷ ଠିକାଦାର ବା ମହାନଗର ନିଗମ କର୍ତ୍ତୃପକ୍ଷ ଏହି ସମସ୍ୟାର କୈାଣସି ସ୍ଥାୟୀ ସମାଧାନ କରିବା ଅପେକ୍ଷା କେବଳ ମୋଟା ଅଙ୍କର ରୋଜଗାର ଉପରେ ଗୁରୁତ୍ୱ ଦେଇ ଆସୁଥିବା କୁହାଯାଉଛି । ଏହି ସମସ୍ୟାକୁ ଅନୁଧାନ କଲେ କ୍ୱେଳ ମହାନଗର ନିଗମର ଦୂରଦୃଷ୍ଟି ଅଭାବ ଓ ପରିଚାଳନା ଗତ ତ୍ରୁଟି ହିଁ ଏକ ମାତ୍ର କାରଣ ବୋଲି ବୁଝା ପଡେ । ସମ୍ବଲପୁର ସହରରେ ବ୍ୟବସାୟୀକ କ୍ଷେତ୍ର ଦାୟିତ୍ୱରେ ଥିବା ସହକାରୀ ଆୟୁକ୍ତ ଅଶୋକ ମିଶ୍ରଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିବାରେ ଶ୍ରୀ ମିଶ୍ର ଏଭଳି ସମସ୍ୟା ବିଷୟରେ କିଛି ଜାଣିନଥିବା ସୂଚୀତ କରାଇଥିଲେ । ତଥାପି ମହାନଗର ନିଗମ ଆୟୁକ୍ତ ରୋହନ କ୍ଷେତ୍ରୀ ଓ ମୁଖ୍ୟଯନ୍ତ୍ରୀଙ୍କୁ ସାଥିରେ ନେଇ ଗୋବିନ୍ଦତୋଳା ବଜାର ପରିଦର୍ଶନରେ ଯାଇ ଦେଖା ଯାଇଥିବା ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବୁ ବୋଲି କହିଥିଲେ । ଏଭଳି ଉତରରୁ ସ୍ପଷ୍ଟ ଅନୁମେୟ ଯେ ମହାନଗର ନିଗମ ଯେତେବେଳେ ସହରର ସମସ୍ୟା ସମ୍ପର୍କରେ ଅବଗତ ନାହିଁ ସେଠାରେ ଲୋକଙ୍କୁ କି ପ୍ରକାରର ସେବା ଯୋଗାଇବେ ଓ ଏଥିପାଇଁ କେତେ ଯତ୍ନବାନ? ଏବେ ଦେଖିବାକୁ ବାକିରହିଲା ଯେ ଗୋରୁ ଗୁହାଳର ଭ୍ରମ ସୃଷ୍ଟି କରୁଥିବା ପିଣ୍ଡି ଗୁଡିକରେ କେବେ ପରିବା ବିକାଳୀ ବସିବେ ତଥା ମାରୁତି ନଗର ରାସ୍ତା ରାସ୍ତାଜାମରୁ ମୁକ୍ତି ପାଇବ ତାହାହିଁ ମୁଖ୍ୟ ପ୍ରଶ୍ନ ହୋଇଛି ।

# ମୁଖ୍ୟମନ୍ତ୍ରୀଙ୍କୁ ବେକାରୀ ଯୁବକ ଯୁବତୀଙ୍କ ଚିଠି, ସିଜିଏଲ ଓ ଅନ୍ୟ ସାଧାରଣ ପଦବୀ ଲାଗି ଶୀଘ୍ର ବିଜ୍ଞପ୍ତି ପ୍ରକାଶ ଦାବି

ଭୁବନେଶ୍ୱର, ୩/୦୯ (ନି.ପ୍ର): ନୂତନ ବିଜେପି ସରକାର ଗଠନ ପରେ ଓଡ଼ିଶାର ବେକାର ଯୁବକ ଯୁବତୀମାନଙ୍କ ମଧ୍ୟରେ ସରକାରୀ ଚାକିରି ନିଯୁକ୍ତି ପ୍ରକ୍ରିୟାରେ ସମୟାନୁବର୍ତ୍ତୀତା ଆସିବ ବୋଲି ଆଶା ସୃଷ୍ଟି ହୋଇଥିଲା। କିନ୍ତୁ ସିଜିଏଲ -୨୦୨୫ ଏବଂ ଅନ୍ୟାନ୍ୟ ସାଧାରଣ ପଦବୀ (ସମସ୍ତ ବର୍ଗ ଏବଂ ଯୋଗ୍ୟତା ପାଇଁ ଉନ୍ମୁକ୍ତ) ପାଇଁ ବିଜ୍ଞାପନ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନଥିବାରୁ ଲକ୍ଷ ଲକ୍ଷ ଆଶାୟୀମାନେ ଅନିଶ୍ଚିତତା ଏବଂ ହତାଶାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବେକାର ଯୁବକଯୁବତୀମାନେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ ଏବଂ ଅନ୍ୟ ଉଚ୍ଚ ଅଧିକାରୀଙ୍କୁ ଚିଠି ଲେଖି ତୁରନ୍ତ ବିଜ୍ଞାପନ ପ୍ରକାଶନ ଏବଂ ନିଯୁକ୍ତି କ୍ୟାଲେଣ୍ଡର ପ୍ରତିଷ୍ଠାର ଦାବି କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରେ ବେକାରୀ ଏକ ପ୍ରମୁଖ ସମସ୍ୟା ହୋଇପଡ଼ିଛି। ନୂତନ ବିଜେପି ସରକାର ଗଠନ ପରେ ଯୁବକମାନଙ୍କ ମଧ୍ୟରେ ଆଶାର କିରଣ ଦେଖାଦେଇଥିଲା ଯେ ସରକାରୀ ନିଯୁକ୍ତି ପ୍ରକ୍ରିୟା ଦ୍ରୁତଗତିରେ ହେବ। କିନ୍ତୁ ଓଏସଏସସି (ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ୍), ଓଏସଏସଏସସି (ଓଡ଼ିଶା ସବ୍-ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ୍) ଏବଂ ଓପିଏସସି (ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ୍) ଅଧୀନରେ ଥିବା ସିଜିଏଲ - ୨୦୨୫ ଏବଂ ଅନ୍ୟାନ୍ୟ ସାଧାରଣ ପଦବୀଗୁଡ଼ିକର ବିଜ୍ଞାପନ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନଥିବାରୁ ଆଶାୟୀମାନେ ହତାଶ ହୋଇପଡ଼ିଛନ୍ତି। ଏହି ବିଳମ୍ବ ଯୋଗୁଁ ନା କେବଳ ଯୁବକମାନଙ୍କର ଭବିଷ୍ୟତ ଅନିଶ୍ଚିତ ହେଉଛି, ବରଂ ରାଜ୍ୟର ପ୍ରଶାସନିକ ଯନ୍ତ୍ରପାତି ମଧ୍ୟ ଦୁର୍ବଳ ହେଉଛି। ଯୁବକମାନେ କହିଛନ୍ତି ଯେ ସମୟାନୁବର୍ତ୍ତୀ ନିଯୁକ୍ତି କେବଳ ଚାକିରି ପ୍ରଦାନ କରିବ ନାହିଁ, ବରଂ ରାଜ୍ୟର ଅର୍ଥନୀତିକୁ ମଧ୍ୟ ମଜବୁତ କରିବ। ତେଣୁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏହି ସମସ୍ୟାର ସମାଧାନ ଆଶା କରୁଛନ୍ତି। ମୁଖ୍ୟ ସଚିବଙ୍କୁ ଲେଖାଯାଇଛି ଯେ, ଯାହା ପ୍ରଥମ ଚିଠିର ସମାନ ବିଷୟବସ୍ତୁ ଧରିଛି ଏବଂ ବିଳମ୍ବର ପ୍ରଭାବ ଉପରେ ଜୋର ଦେଇଛି। ତୃତୀୟ ଚିଠିଟି ଏସିଏସ୍ ଗାଜୁଏସନ ଓ ପିଜି ବିଭାଗର ସୁରେନ୍ଦ୍ର କୁମାରଙ୍କୁ ଉଦ୍ଦେଶ୍ୟରେ ଲେଖାଯାଇଛି ଏବଂ ଏହା ଓଡ଼ିଆ ଭାଷାରେ ରହିଛି। ଏଥିରେ ବିଳମ୍ବରେ ହତାଶା, ବେକାରୀର ପ୍ରଭାବ ଏବଂ ନିର୍ଦ୍ଦିଷ୍ଟ ଦାବିଗୁଡ଼ିକର ବିସ୍ତୃତ ବର୍ଣ୍ଣନା ରହିଛି, ଯେପରିକି ତୁରନ୍ତ ବିଜ୍ଞାପନ ପ୍ରକାଶନ ଏବଂ କ୍ୟାଲେଣ୍ଡର ପ୍ରତିଷ୍ଠା।

# ଅଟୋରେ ବେଆଇନ ଷଣ୍ଢ ଚାଲାଣ : ଥାନାରେ ଅଟୋ ଅଟକ

ଧର୍ମଶାଳା, ୩/୦୯ (ନି.ପ୍ର): ଯାଜପୁର ଜିଲାରେ ଦିନକୁ ଦିନ ଗୋଚାଲାଣ ଜିଲା ତଥା ରାଜ୍ୟ ବାହାରକୁ ଚାଲାଣ ହେଉଛି । ମାଫିଆମାନେ ବିଭିନ୍ନ ଉପାୟରେ ଅଟୋ,ଟ୍ରକ ଓ କଂଟେନର ଦ୍ୱାରା କଂସେଇଖାନ ସହ ବିଭିନ୍ନ ସ୍ଥାନକୁ ବେଧଡକଭାବେ ଚାଲାଣ କରୁଛନ୍ତି । ତେବେ ଆଜି ସକାଳେ ଏକ ନାଲି ରଂଗର ବାଜାଜ ଅଟୋ (ଓଡି୦୫ଏଜେଡ୍୯୭୫୨) ରେ ରସୁଲପୁର ବ୍ଲକ ବ୍ରହ୍ମବରଦା ବ୍ୟାଙ୍କଛକ ଅଂଚଳରୁ ୩ଗୋଟି ଷଣ୍ଢକୁ ନେଇ ଧର୍ମଶାଳା ବ୍ଲକ ଇସ୍ତମାପଡିଆ ଅଂଚଳକୁ ନେଇ ଯାଉଥିବା ବେଳେ ଦାଦବାଡି ନିକଟରେ ସ୍ଥାନୀୟ ଲୋକଙ୍କ ନଜରରେ ପଡିଥିଲା । ଏନେଇ ସ୍ଥାନୀୟ ଲୋକେ ଅଟୋକୁ ଅଟକ ରଖି ବ୍ରହ୍ମବରଦା ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପଂହଚି ୩ଟି ଷଣ୍ଢକୁ ଥାନା ପଡିଆରେ ଛାଡି ଦିଆ ଯାଇଥିଲା । ଅଟୋକୁ ଥାନାରେ ଅଟକ ରଖି ଅଟୋ ଚାଳକଙ୍କୁ ଉକ୍ତ ଷଣ୍ଢ କେଉଁ ସ୍ଥାନରୁ କେଉଁ ସ୍ଥାନକୁ ଯାଉଥିଲା, କିଏ ଏହି ଚାଲାଣରେ ସମ୍ପୃକ୍ତି ରହିଛି ବୋଲି ପଚରାଉଚୁରା ଜାରି ରଖିଛି । ତେବେ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଏସ୍ଆଇ ସନ୍ତୋଷ କୁମାର ସେଠୀ ସୂଚନା ଦେଇଛନ୍ତି ।

# ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଦୁଗ୍ଧ ଚାଷୀମାନଙ୍କୁ ପିଏମ୍ଏମ୍‌ୱାଇ ସହ ସଂଯୋଗ କରିବା ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୩/୦୯ (ନି.ପ୍ର): ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଦୁଗ୍ଧ ଚାଷୀମାନଙ୍କୁ ପିଏମ୍ଏମ୍‌ୱାଇ (ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା) ସହ ଅଧିକ ସଂଖ୍ୟାରେ ସଂଯୋଗ କରିବା ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି। ଚଳିତ ସେପ୍ଟେମ୍ବର ୨ ତାରିଖ ଦିନ କଟକ ଜିଲ୍ଲାର ଗୋବିନ୍ଦପୁର, ଅରିଲୋସ୍ଥିତ ଓମ୍‌ଫେଡ୍ ମେଗା ଡାଇରୀ ପ୍ଲାଂଟ ପରିଦର୍ଶନ ସମୟରେ ରାଜ୍ୟପାଳ ଏପରି ଗୁରୁତ୍ୱାରୋପ କରିଛନ୍ତି। ଦୁଗ୍ଧ ଚାଷୀମାନେ ସେମାନଙ୍କ ଉଦ୍ୟମକୁ ବ୍ୟାପକ କରିବା ନିମନ୍ତେ ବ୍ୟାଙ୍କ ଋଣର ଆବଶ୍ୟକତା ରହିଛି। ଏଣୁ ବ୍ୟାଙ୍କମାନଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷା କରି ଦୁଗ୍ଧ ଚାଷୀଙ୍କୁ ଋଣ ପ୍ରଦାନ ସୁନିଶ୍ଚିତ କରିବା ପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧିନରେ ଚାଷୀମାନଙ୍କୁ ସହାୟତା ଯୋଗଇବାର ପଦ୍ଧତି ସଂପର୍କରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ, କେତେକ ଚାଷୀ ଯୋଜନାର ସବସିଡି ପାଇଁ ଆବଶ୍ୟକୀୟ ବ୍ୟକ୍ତିଗତ ଅବଦାନ ପ୍ରଦାନ କରିବାକୁ ହଇରାଣ ହୁଅନ୍ତି, କିନ୍ତୁ ସେମାନଙ୍କୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ଚଗଗଣ) ସହିତ ସଂଯୋଗ କରିବା ଦ୍ୱାରା ସେମାନେ ବ୍ୟାଙ୍କ ଋଣ ପାଇ ପାରିବେ ଏବଂ ବ୍ୟବସାୟ ଆରମ୍ଭ କରିପାରିବେ କିମ୍ବା ବଢାଇପାରିବେ। ବ୍ୟାଙ୍କ ଦ୍ୱାରା ସଠିକ୍ ସମୟରେ ଋଣ ପ୍ରଦାନ ଚାଷୀଙ୍କୁ ପ୍ରେରଣା ଯୋଗାଇବା ସହିତ ଉତ୍ସାହିତ କରିବ ବୋଲି ରାଜ୍ୟପାଳ କହିଥିଲେ। ଏଣୁ ବ୍ୟାଙ୍କମାନଙ୍କ ସହ ନିୟମିତ ସମନ୍ୱୟ ରକ୍ଷା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କ ଏକ ବିସ୍ତୃତ ତାଲିକା ବ୍ୟାଙ୍କମାନଙ୍କୁ ପ୍ରଦାନ କରିବାକୁ ରାଜ୍ୟପାଳ ଓମ୍‌ଫେଡ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ଫଳରେ ଋଣ ପ୍ରଦାନ ପ୍ରକ୍ରିୟାକୁ ସୁଗମ କରାଯାଇପାରିବ, ଯାହା ରାଜ୍ୟରେ ଦୁଗ୍ଧ ଚାଷକୁ ପ୍ରୋତ୍ସାହିତ କରିବ ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବ। ଏହା ଦୁଗ୍ଧ ଉତ୍ପାଦନ ଏବଂ ଆବଶ୍ୟକତା ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିବାରେ ସହାୟକ ହେବ ବୋଲି ରାଜ୍ୟପାଳ କହିଥିଲେ। ଏ ଦିଗରେ ଯଦି କୌଣସି ସମସ୍ୟା ଉପୁଜେ, ତେବେ ଓମ୍‌ଫେଡ୍ କର୍ତ୍ତୃପକ୍ଷ ସିଧାସଳଖ ତାଙ୍କ ସହ ଯୋଗାଯୋଗ କରିପାରିବେ ବୋଲି କହିଥିଲେ। ଏହି ଗସ୍ତ ସମୟରେ ରାଜ୍ୟପାଳ ମେଗା ଡାଇରୀ ପ୍ଲାଂଟର ବିଭିନ୍ନ ବିଭାଗ, ଲାବୋରାଟାରୀ, ଘିଅ ବିଭାଗ, ଉତ୍ପାଦ ଗ୍ୟାଲେରୀ ବୁଲି ଦେଖିଥିଲେ। ଓମ୍‌ଫେଡ୍ କର୍ତ୍ତୃପକ୍ଷ ପାୱାର ପଏଂଟ୍ ପ୍ରେଜେଂଟେସନ୍ ମାଧ୍ୟମରେ ପ୍ଲାଂଟର କାର୍ଯ୍ୟଧାରା, ପରିଚାଳନା, ମାର୍କେଟିଂ ପଦ୍ଧତି ଏବଂ ଉତ୍ପାଦ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ସହରାଂଚଳରେ ଘରେ ଘରେ ଓମ୍‌ଫେଡ୍ କ୍ଷୀର ଏବଂ ଅନ୍ୟାନ୍ୟ ଉତ୍ପାଦ ପହଂଚାଇ ଦିଆଯାଇପାରିଲେ ଏହା ଅଧିକ ଲୋକାଭିମୁଖୀ ହୋଇପାରିବ । ଏଣୁ ଏଦିଗରେ ଅନୁଶୀଳନ କରି ପଦକ୍ଷେପ ନେବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ମତ୍ସ୍ୟ ଓ ପଶୁ ସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓମ୍‌ଫେଡର ପ୍ରେସିଡେଂଟ କିଶୋର ଚନ୍ଦ୍ର ପ୍ରଧାନୀ, ଓମ୍‌ଫେଡର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ପ୍ରମୁଖ ରାଜ୍ୟପାଳଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ।

# ଆଇନ ସଚେତନତା ଶିବିର

ଜୟପୁର, ୨ ସେପ୍ଟେମ୍ବର (ହି.ସ.) - ସୋସିଆଲ ମିଡିଆ ପ୍ଲାଟଫର୍ମର ସୁରକ୍ଷା ଏବଂ ସାଇବର ଆଇନ ଏବଂ ପ୍ରବାସୀ ଶ୍ରମିକ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ତରଫରୁ ଆଜି ବାରିଣିପୁଟ ଗ୍ରାମ ପଂଚାୟତ କାର୍ଯ୍ୟାଳୟଠାରେ ଆଇନ ସଚେତନତା ଶିବିର ପ୍ରଦୀପ କୁମାର ମହନ୍ତ ଜିଲ୍ଲା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧକ୍ଷଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଅଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବିଚାରପତି ଶ୍ରୀମତୀ ପ୍ରଦ୍ୟୋମୟୀ ସୁଜତା ସଚିବ ତଥା ବିଚାରପତି ଜିଲ୍ଲା ଆଇନ ସେବାପ୍ରାଧିକରଣ, କୋରାପୁଟ -ଜୟପୁର ଯୋଗଦେଇଥିଲେ। ଅନ୍ୟ ଅତିଥିଗଣ ମଧ୍ୟରେ ଡଃ. ବି ଗାୟତ୍ରୀ ଦେବୀ ସ୍ୱେସିଆଲ ପି.ପି. ପୋକ୍ସ କୋର୍ଟ। ଭବାନୀ ପ୍ରଧାନ, ଡି.ଏସ.ପି ସାଇବର ଥାନା କୋରାପୁଟ, ଅନନ୍ତ ମୁଦୁଲି, ରାମେଶ୍ୱରୀ ହିକକା, ସହକାରୀ ଶ୍ରମ ଅଧିକାରୀ, ଜୟପୁର, ବାରିଣିପୁଟ ଗ୍ରାମପଂଚାୟତ କାହ୍ନୁ ଚରଣ ଦଣ୍ଡସେନା, ପି.ଓ, ପଦମା ନନ୍ଦିବାଲି, ସରପଂଚ ଯୋଗଦେଇଥିଲେ। ସାଧାରଣ ଜନତାଙ୍କ ପାଇଁ ସାଇବର ସୁରକ୍ଷା ବିଷୟରେ କହିଥିଲେ ଯେ ସର୍ବଦା ଜଟିଳ ପାସୱାର୍ଡ ବ୍ୟବହାର କରନ୍ତୁ ଏବଂ ପାସୱାର୍ଡକୁ କଦାପି ଅନ୍ୟଆଗରେ ପ୍ରକାଶ କରନ୍ତୁ ନାହିଁ। ସୋସିଆଲ ମିଡିଆ ବ୍ୟବହାର କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ, ଅନଲାଇନ୍‌ରେ ବ୍ୟାଙ୍କିଙ୍ଗ, ସର୍ଫି ଇତ୍ୟାଦି ପାଇଁ ସର୍ବସାଧାରଣ କମ୍ପୁଟର ବ୍ୟବହାର କରନ୍ତୁ ନାହିଁ, ଅନଲାଇନ ଆର୍ଥିକ କାରବାରରେ ସତର୍କତା ରୁହନ୍ତୁ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ଯୋଗଦେଇଥିବା ଅଧିକାରୀ କହିଥିଲେଯେ ଶ୍ରମ ଆଇନର ଅପ୍ରାପ୍ତ କାର୍ଯ୍ୟାନ୍ୱୟନ ଏବଂ କାର୍ଯ୍ୟକାରୀତା ଯୋଗୁଁ ପ୍ରବାସୀ ଶ୍ରମିକମାନେ ପ୍ରାୟତଃ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୁଅନ୍ତି, ଯାହା ଫଳରେ ଅନୁଚିତ ମଜୁରୀ, ଅସୁରକ୍ଷିତ କାର୍ଯ୍ୟ ପରିସ୍ଥିତି, ସାମାଜିକ ସୁରକ୍ଷାର ଅଭାବ ଏବଂ ଅତ୍ୟାବଶ୍ୟକୀୟ ସେବା ପାଇବାରେ ଅସୁବିଧା ଭଳି ସମସ୍ୟା ଉପୁଜେ। ଅନେକ ପ୍ରବାସୀ ଶ୍ରମିକ ଚାକିରିର ଅନୌପଚାରିକ ପ୍ରକୃତି ଏବଂ ପ୍ରବାସ ଢାଂଚା ଉପରେ ବ୍ୟାପକ ତଥ୍ୟର ଅଭାବ ଯୋଗୁଁ ଏହି ସମସ୍ୟାଗୁଡ଼ିକ ଆହୁରି ବଢ଼ିଯାଏ। ପ୍ରବାସୀ ଶ୍ରମିକମାନଙ୍କୁ ସୁରକ୍ଷା ଦେବା ପାଇଁ ଲକ୍ଷ୍ୟ ରଖିଥିବା ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଏବଂ ସେବା ସର୍ତ୍ତାବଳୀ) ଆଇନ, ୧୯୭୯, ପ୍ରାୟତଃ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୁଏ ନାହିଁ, ଯାହା ଫଳରେ ଅନେକ ଶ୍ରମିକ ଦୁର୍ବଳ ହୋଇପଡ଼ନ୍ତି। ନିଜ ରାଜ୍ୟ ନିଜ ଇଟାମାଟି ଛାଡି ଯେଉଁ ମାନେ ବାହାର ରାଜ୍ୟ କୁ ଯାଇ ଶ୍ରମିକ ଭାବରେ ବିଭିନ୍ନ କାରଖାନା ମାନଙ୍କ ରେ କାମ କରିଥାନ୍ତି କିନ୍ତୁ ଯେତେବେଳେ ସେଠି ଠକାମିର ଶିକାର ହୁଅନ୍ତି କିମ୍ବା ଆକସ୍ମିକ ଭାବରେ ମୃତ୍ୟୁବରଣ କରନ୍ତି ସେତେବେଳେ ବହୁତ ଅସୁବିଧା ସମ୍ମୁଖିନ ହୋଇଥାନ୍ତି । କାରଣ ସେମାନେ ଜାଣିବା ଉଚିତ ଯେ ସରକାରଙ୍କ ନିୟମ ଅନୁସାରେ ପ୍ରଥମେ ନିଜନାମ ଜିଲ୍ଲା ଶ୍ରମ ଅଧିକାର କାର୍ଯ୍ୟାଳୟରେ ପଞ୍ଜିକୃତ କରିବା ଉଚିତ ଏବଂ ନିଜର ସଂକ୍ଷିପ୍ତ ବିବରଣୀ ସହିତ କେଉଁ ଠିକାଦାର, କମ୍ପାନୀ ମାଲିକ ଇତ୍ୟାଦି ଜିଲ୍ଲା ଶ୍ରମଅଧିକାରୀଙ୍କ ନିକଟରେ ଜଣାଇବା ଆବଶ୍ୟକ ଅଟେ। ବିନା ପଞ୍ଜିକରଣରେ କାହାସହିତ କେବେ ମଧ ବାହାର ରାଜ୍ୟକୁ କାମ ଅନ୍ୱେଷଣ ଯିବା ଅନୁଚିତ ।

# ବିଶ୍ୱବିଦ୍ୟାଳୟକୁ ୟୁଜିସିର ମାନ୍ୟତା

ଜୟପୁର, ୩/୦୯ (ନି.ପ୍ର): ବିକ୍ରମଦେବ ବିଶ୍ୱବିଦ୍ୟାଳୟକୁ ୟୁଜିସି ପକ୍ଷରୁ ମାନତ୍ୟା ମିଳିଛି। ଏନେଇ ଏକ ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଓଏସ୍‌ଡି ପ୍ରଫେସର ଦେବୀ ପ୍ରସାଦ ମିଶ୍ର। ୟୁଜିସି ପକ୍ଷରୁ ୨-ଏଫ୍ ମାନ୍ୟତା ମିଳିବା ପରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ନୂତନ ପରିଚୟ ପାଇଛି। ୟୁଜିସିର ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ ତାଲିକାରେ ବର୍ତ୍ତମାନଠାରୁ ଓଡ଼ିଶା କୋରାପୁଟ ଜିଲ୍ଲା ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ନାଁ ସ୍ଥାନ ପାଇଛି। ଏହି ମାନ୍ୟତା ପରେ ବିଶ୍ୱବିଦ୍ୟାଳୟର ପ୍ରମାଣପତ୍ରର ବୈଧତା ପ୍ରମାଣିତ କରିବ।

ସୂଚନା ଥାଉକି, ଓଡ଼ିଶା ସରକାର ବିକ୍ରମଦେବ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରିବା ପରେ ୨୦୨୩ ଜୁନ୧ରୁ କାର୍ଯ୍ୟକ୍ଷମ ହୋଇଥିଲା। ତାପରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ୟୁଜିସିର ୨-ଏଫ ମାନ୍ୟତା ପାଇଁ ଆବେଦନ କରିଥିଲା। ଏହା ପରେ ୟୁଜିସି ୨-ଏଫରେ ବିଶ୍ୱବିଦ୍ୟାଳୟ ତାଲିକାରେ ସାମିଲ କରାଯାଇଛି। ୟୁଜିସି ୱେବସାଇଡ୍‌ରେ ଅପଲୋଡ କରାଯାଇଥିବା ସମସ୍ତ ୟୁଜିସି ସ୍ୱୀକୃତିପ୍ରାପ୍ତ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ତାଲିକାରେ ବର୍ତ୍ତମାନ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ସ୍ଥାନ ମିଳିଛି। ଏହି ମାନ୍ୟତା ପରେ ୟୁଜିସି ନିୟମ ଅନୁସାରେ ବିଶ୍ୱବିଦ୍ୟାଳୟର ଡିଗ୍ରି ପ୍ରଦାନ କରିବାର କ୍ଷମତା ହାସଲ କରିଛି। ବର୍ତ୍ତମାନଠାରୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟରୁ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଦେଶବିଦେଶରେ ପରବର୍ତ୍ତୀ ଅଧ୍ୟୟନ କରିବାର ସୁଯୋଗ ପାଇବେ।

# କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ : ସର୍ବୋଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର, ୩/୦୯ (ନି.ପ୍ର): କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ। ଗତକାଲି ସୁବର୍ଣ୍ଣରେଖାରେ ୨୦.୯୭ ମିମି, ବୁଢାବଳଙ୍ଗରେ ୪୩.୦୭ ମିମି ବୈତରଣୀରେ ୩୦.୬୫ ମିମି ବର୍ଷା ହୋଇଛି । ବୈତରଣୀ, ବୁଢାବଳଙ୍ଗ, ଜଳକା ଓ ଜଳ ବୃଦ୍ଧି ପାଇ ସତର୍କ ସଂକେତ ଉପରକୁ ଯିବ । ଆଜି ବର୍ଷାର ପରିମାଣ ଦେଖି ବିପଦ ସଂକେତ ଟପିବ ନା ନାହିଁ ସ୍ପଷ୍ଟ ହେବ । ହୀରାକୁଦରେ ୬୨୬.୩୧ ଫୁଟ ଜଳ ସ୍ତର ଥିବା ବେଳେ ରେଙ୍ଗାଳିରେ ୧୨୨.୭୩ ମିଟର ଜଳ ଅଛି । ବର୍ଷାର ପରିମାଣ ଦେଖି ଡ୍ୟାମ ଗେଟ ଖୋଲିବ ନା ନାହିଁ ନିଷ୍ପତି ନିଆଯିବ ବୋଲି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀ କହିଛନ୍ତି । ଅଧିକ ବର୍ଷା ଯୋଗୁଁ ବାଲେଶ୍ୱର ସହରରେ ଜଳ ବନ୍ଦୀ ସ୍ଥିତି ହୋଇଛି। କେନ୍ଦୁଝର ଘସିପୁରା ଓ ହାଟଡ଼ିହିରେ ବି ଅଧିକ ବର୍ଷା ହୋଇଛି। ବର୍ଷା କମିଲେ ସ୍ଥିତି ସ୍ୱାଭାବିକ ହେବ ।

# କଂଗ୍ରେସର ଜିଲ୍ଲା ସଭାପତି ଚୟନ ପାଇଁ ଜଳେଶ୍ୱରରେ ଅନୁଷ୍ଠିତ ହେଲା ସଂଗଠନ ସୃଜନ କର୍ମଶାଳା

## ତୃଣମୂଳ ସ୍ତରରେ କଂଗ୍ରେସକୁ ସୁଦୃଢ କରିବା ପାଇଁ ଆହ୍ୱାନ ଦେଲେ ସାଂସଦ ଶ୍ରେୟଶ ପଟେଲ




ଜଳେଶ୍ୱର, ୩/୯ (ନି.ପ୍ର): ଜଳେଶ୍ୱର କଂଗ୍ରେସ ପକ୍ଷରୁ ଆଜି ସ୍ଥାନୀୟ ଖୁସି ପ୍ଲାଜା ରେ ସଂଗଠନ ସୃଜନ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି ।ବାଲେଶ୍ୱର ଜିଲ୍ଲା କଂଗ୍ରେସର ସଭାପତି ଚୟନ ପାଇଁ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଅଖିଳ ଭାରତ ଜାତୀୟ କଂଗ୍ରେସର ନିର୍ଦ୍ଦେଶ କ୍ରମେ ଓଡ଼ିଶାର ସବୁ ଜିଲ୍ଲାରେ ଏଭଳି ପ୍ରୟାସ ଚାଲିଛି ଏବଂ ଜଳେଶ୍ୱରରେ ଅନୁଷ୍ଠିତ ଏହି କର୍ମଶାଳା ତାହାର ଏକ ଅଂଶ ବିଶେଷ। ଜଳେଶ୍ୱରର କଂଗ୍ରେସ ନେତା ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ଏ ଆଇ ସି ସି ର ପର୍ଯ୍ୟବେକ୍ଷକ ଭାବରେ ଯୋଗ ଦେଇଥିଲେ ଲୋକସଭା ସାଂସଦ ଶ୍ରୀଯୁକ୍ତ ଶ୍ରେୟସ୍ ଏମ ପଟେଲ। କର୍ମଶାଳାରେ ବକ୍ତବ୍ୟ ରଖି ଶ୍ରୀ ପଟେଲ କହିଲେ ଯେ ତୃଣ ମୂଳ ସ୍ତରରେ କଂଗ୍ରେସ ଦଳ କୁ ସୁଦୃଢ କରିବା ପାଇଁ ସଂଗଠନ ସୃଜନ ଏକ ଐତିହାସିକ ପଦକ୍ଷେପ। ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଚୟନ ପ୍ରକ୍ରିୟା ପାଇଁ ଏହା ଉଦ୍ଦିଷ୍ଟ। ନେତୃତ୍ୱକୁ ଉପରୁ ଥାପି ନଦେଇ ତୃଣମୂଳ ସ୍ତରରେ ଥିବା ଦଳର ନେତା ଓ କର୍ମୀ ମାନଙ୍କ ପରାମର୍ଶ ଓ ମତାମତ ଭିତ୍ତିରେ ଜିଲ୍ଲା ପାଇଁ ନେତୃତ୍ୱ ଅନ୍ୱେଷଣ ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ।ସେ ଆହୁରି କହିଲେ ଯେ କଂଗ୍ରେସ ନେତା ଶ୍ରୀ ରାହୁଲ ଗାନ୍ଧୀ ଭୋଟ ଚୋରୀ ଓ ସାମାଜିକ ନ୍ୟାୟ ଆନ୍ଦୋଳନକୁ ନେଇ ସମ୍ପ୍ରତି ବିହାର ଓ ଦେଶରେ ଯେଉଁ ପ୍ରଚାର ଅଭିଯାନ ଚଳାଇଛନ୍ତି ତାର ପ୍ରଭାବ ଦେଶ ବାସୀଙ୍କ ହୃଦୟକୁ ଛୁଇଁଛି ।ଦେଶ ୨୦୨୯ ରେ ରାହୁଲ ଗାନ୍ଧୀ ଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ଦେଖିବାର ମନ ସ୍ଥିର କରିସାରିଲେଣି। ଓଡ଼ିଶାରେ ଓ ଜଳେଶ୍ୱରରେ ମଧ କଂଗ୍ରେସ ଦଳ ୨୦୨୯ ରେ ବିଜୟ ଲାଭ କରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ସେଥିପାଇଁ ସେ ବୁଥ ସ୍ତରରେ ସଂଗଠନ କୁ ସୁଦୃଢ କରିବା ପାଇଁ ଆହ୍ୱାନ ଦେଇଥିଲେ କ୍ଷଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ଜଳେଶ୍ୱର ର ପୂର୍ବତନ ବିଧାୟକ ଶ୍ରୀ ଦେବୀ ପ୍ରସନ୍ନ ଚାନ୍ଦ କହିଲେ ଯେ ନିଜ ଭିତରେ ଥିବା ସମସ୍ତ ମତଭେଦକୁ ଭୁଲି ଜଳେଶ୍ୱର କଂଗ୍ରେସ ଆଜି ଏକାଠି ହେବା ଦଳ ପାଇଁ ଏକ ଶୁଭ ସଂକେତ। ଏହି କର୍ମଶାଳାରେ ଜଳେଶ୍ୱରର ୩୫ ଟି ପଞ୍ଚାୟତ ଓ ମ୍ୟୁନିସିପାଲିଟିର ୧୭ ଟି ୱାର୍ଡ ର ପ୍ରତିନିଧିମାନେ ଯୋଗ ଦେଇଥିଲେ। ପୂର୍ବତନ ବ୍ଲକ ସଭାପତି ରାଜୀବ ପରିଡ଼ା,ଟାଉନ ସଭାପତି ଗିରିଜା ଶଙ୍କର ଦାସ, ଜିଲ୍ଲା ସମ୍ପାଦକ ହେମନ୍ତ ଗିରି, କିଶନ କଂଗ୍ରେସ ସଭାପତି ସୁଦାମ ପାତ୍ର, ପୂର୍ବତନ କାଉନସିଲର ଜଗଦୀଶ ନନ୍ଦୀ, ପୂର୍ବତନ ସରପଞ୍ଚ ପଦ୍ମଲୋଚନ ବେହେରା, ମଧୁସୂଦନ ଦାସ, ରବୀନ୍ଦ୍ର ଦାସ, ତ୍ରିଲୋଚନ ନାୟକ, ଦୀପକ ରାଜ, ହରିଶଙ୍କର ଜେନା, ସପନ ଜେନା, ଫରିଡ ଅହମ୍ମଦ, ମହିଳା କଂଗ୍ରେସ ନେତ୍ରୀ ରାଧାରାଣୀ ପାତ୍ର, ମିଲୀ ପଣ୍ଡା, ଜୟଶ୍ରୀ ଜେନା, ଯୁବ କଂଗ୍ରେସ ନେତା ସୁଶାନ୍ତ ସେଠୀ, ଆଦିବାସୀ ନେତା ଶ୍ରୀକାନ୍ତ ସିଂ, କମଳାକାନ୍ତ ମୁର୍ମୁ, ପ୍ରାକ୍ତନ ସରପଞ୍ଚ ରବିନାରାୟଣ ଦାସ, ତ୍ରିଲୋଚନ ଦାସ,ନଗେନ୍ଦ୍ର କର, ମଧୁସୁଦନ ଦାସ, ମନୋଜ ପରିଡ଼ା,ଆଶିଷ ଘୋଷ,ବିଭୂରେନ୍ଦ୍ର ଦେ, ସପନ ସାମଲ, ସପନ ଜେନା, ଅଶୋକ ପ୍ରଧାନ, ପ୍ରଦୀପ ମହାନ୍ତି, ଜୟଦେବ ମହାପାତ୍ର, ଚନ୍ଦନ ଜେନା, ଉତ୍ତମ ପାତ୍ର,ଅଙ୍କିତ ପରିଡ଼ା, ଗୋରଙ୍ଗ ମହାପାତ୍ର, ଭଗବାନ ଜେନା, ଜଗଦିଶ ନନ୍ଦୀ, ଗତି କୃଷ୍ଣ ଦଳାଇ, ରାଧାରାଣୀ ପାତ୍ର, ଦିପାଳି ଜେନା, ଦୁର୍ଗା ଆସ ପ୍ରମୁଖ ଶତାଧିକ କର୍ମୀ ଯୋଗ ଦେଇ ନିଜ ନିଜର ମତାମତ ପ୍ରକାଶ କରିଥିଲେ।

# ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇଲେ ବିଡିଓ



ବାଲିଆପାଳ , ୩/୯ (ନି.ପ୍ର): ବାଲିଆପାଳ ବ୍ଲକ ଡଗରା ପଞ୍ଚାୟତର ଡଗରା ଗ୍ରାମର ଭିନ୍ନକ୍ଷମ ସତ୍ୟ ପ୍ରକାଶ ମଣ୍ଡଳଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସରକାର ଏକ ପକ୍କା ଘର ଯୋଗାଇ ଦେଇଥିଲେ। ହିତାଧିକାରୀ ଜଣକ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିସାରିଛନ୍ତି। ମଙ୍ଗଳବାର ବିଡିଓ ରାଧା ରଞ୍ଜନ ଦାଶ, ସହକାରୀ ଯନ୍ତ୍ରୀ ଅମିତ କୁମାର ମୂର୍ମୁ, ଏପିଓ ସୌମ୍ୟକାନ୍ତ ଦାସ,ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ବ୍ଲକ ପ୍ରୋଜେକ୍ଟ ଆସିଷ୍ଟାଣ୍ଟ ସ୍ନେହାଶିଷ ପାତ୍ର ପ୍ରମୁଖ ଉପସ୍ଥିତ ହୋଇ ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇଥିଲେ। ନିର୍ଦ୍ଧାରିତ ସମୟରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିଥିବା ଯୋଗୁ ସରକାର ଙ୍କ ତରଫରୁ ଦିଆଯାଇଥିବା ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ଧର୍ମପ୍ରାଣା ପରୋପକାରୀ ମହିଳା ଉଷାମଣୀ ଆଚାର୍ଯ୍ୟଙ୍କ ଏକଦଶାହରେ ଶୋକସଭା ଅନୁଷ୍ଠିତ



ବାଲେଶ୍ୱର, ୩/୯ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତର ଜମ୍ବେଶ୍ୱରପୁର ଗ୍ରାମର ଧର୍ମପ୍ରାଣା ପରୋପକାରୀ ମହିଳା ଉଷାମଣୀ ଆଚାର୍ଯ୍ୟଙ୍କ ଏକଦଶାହରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ବରେଣ୍ୟ ରେମୁଣା ବିଧାୟକ ତଥା ସରକରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଉପସ୍ଥିତ ରହି ଉଷାମଣୀ ଦେବୀଙ୍କ ତୈଳଚିତ୍ରରେ ଶ୍ରଦ୍ଧାସୁମନ ପ୍ରଦାନ କରିବା ସହ ଶୋକସନ୍ତପ୍ତ ପରିବାରକୁ ଶାନ୍ତ୍ୱନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗେଙ୍ଗୁଟି ପଞ୍ଚାୟତ ସରପଞ୍ଚ ମଞ୍ଜୁଲତା ଆଚାର୍ଯ୍ୟ, , ମାବଧିକାର କର୍ମୀ ସୁଧାକର ସେଠୀ,ପ୍ରାକ୍ତନ ସରପଞ୍ଚ ବିରୁପାକ୍ଷ ମହାପାତ୍ର ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବ୍ରଜେନ୍ଦ୍ର ମହାନ୍ତି, ଭାଗବତ ବେହେରା ପ୍ରମୁଖ ଶୋକସଭାରେ ଅଂଶଗ୍ରହଣ କରିଥିଲେ ।ସ୍ୱୟଂଭୁ ଶ୍ରୀ ଜମ୍ବେଶ୍ୱରନାଥ ଶୈବ ପିଠର ପୂଜକ ଜ୍ୟଷ୍ଠ ପୁତ୍ର ପିତବାସ ଆଚାର୍ଯ୍ୟ ଅଶ୍ରୁଳ ମାଆଙ୍କର ସ୍ମୃତି ଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାନ ପୁଅ ଶ୍ରୀନିବାସ ଆଚାର୍ଯ୍ୟ, ଦୁଇ ପୁତ୍ରବଧୁ ଶାନ୍ତିଲତା ଆଚାର୍ଯ୍ୟ, ସ୍ନେହଲତା ଆଚାର୍ଯ୍ୟ, ନାତି ସୁବ୍ରତ ଆଚାର୍ଯ୍ୟ, ରଜତ ଆଚାର୍ଯ୍ୟ, ନାତୁଣୀ ମଧୁସ୍ମିତା ଆଚାର୍ଯ୍ୟ, ନାତୁଣୀ ଜ୍ୱାଇଁ ରତିକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତା ଉଷାମଣୀ ଆଚାର୍ଯ୍ୟ ଜଣେ ମିଷ୍ଟଭାଷୀ, ପରଉପକରୀ ମହିଳା ଭାବରେ ବେଶ ପରିଚିତ ଥିଲେ। ମୃତ୍ୟୁ ବେଳକୁ ତାଙ୍କର ୮୬ ବର୍ଷ ବୟସ ହୋଇଥିଲା । ବହୁଦିନ ଆଗରୁ ଉଷାଦେବୀଙ୍କ ସ୍ୱାମୀ ଅଞ୍ଚଳର ପ୍ରସିଦ୍ଧ ପାଲାଗାୟକ ବନମାଳୀ ଆଚାର୍ଯ୍ୟ ଇହଲୀଳା ସମ୍ବରଣ କରିଥିଲେ। ଉଷାମଣୀ ଦେବୀ ବହୁ କଷ୍ଟରେ ପରିବାର ପ୍ରତି ପୋଷଣ କରିବା ସହ ଦୁଇ ପୁଅଙ୍କୁ ଯୋଗ୍ୟ କରିଥିଲେ।

# ଷ୍ଟେସନ ହେଡକ୍ୱାଟର, ବାଲେଶ୍ୱର ଓ ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜଙ୍କ ମିଳିତ ଆନୁକୂଲ୍ୟରେ ବାରିପଦାରେ ଅନୁଷ୍ଠିତ ହେବ ଆଦର୍ଶ ସମ୍ବନ୍ୱିତ ସ୍ୱାସ୍ଥ୍ୟ ସେବା ଶିବିର

ବାରିପଦା, ୩/୯ (ନି.ପ୍ର): ପ୍ରତିରକ୍ଷା ବିଭାଗର ଷ୍ଟେସନ ହେଡ଼୍ କ୍ୱାଟର, ବାଲେଶ୍ୱର (ଚାନ୍ଦିପୁର-ଅନ-ସି) ଓ ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜଙ୍କ ମିଳିତ ଆନୁକୂଲ୍ୟରେ ତା ୦୮-୦୯-୨୦୨୫ରିଖ ଠାରୁ ତା ୧୦-୦୯-୨୦୨୫ରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ବାରିପଦାର ଷ୍ଟେସନବଜାର ଆଶୀର୍ବାଦ ଛକ ନିକଟସ୍ଥ ବିବାହ ମଣ୍ଡପ ଠାରେ ଆଦର୍ଶ ସମ୍ବନ୍ୱିତ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯାଉଛି। ଉକ୍ତ ଶିବିର ରେ ପୂର୍ବତନ ସୈନିକ, ବୀରନାରୀ, ବୀରମାତା ଏବଂ ତା'ଙ୍କ ପରିବାରର ପୀଡିତ ବ୍ୟକ୍ତିଙ୍କୁ ବିବିଧ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯିବ। ଉକ୍ତ ସ୍ୱାସ୍ଥ୍ୟ ସେବା ଶିବିରରେ ହାଇ ଟେକ ହସ୍ପିଟାଲ ଏବଂ ଅନ୍ୟାନ୍ୟ ପ୍ରମୁଖ ହସ୍ପିଟାଲର ବିଭିନ୍ନ ବିଭାଗର ଡାକ୍ତର, ବିଶେଷଜ୍ଞ ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ଉକ୍ତ ଶିବିରରେ ସ୍ୱାସ୍ଥ୍ୟ ସେବା ପ୍ରଦାନ ସହିତ ଅବସରକାଳୀନ ଭତ୍ତା, **ECHS, SPARSH** ଇତ୍ୟାଦି ସମ୍ବନ୍ଧରେ ଆଇନଗତ ପରାମର୍ଶ ଦିଆଯିବା ସହିତ **CSD** କ୍ୟାଣ୍ଟିନର ବିଶେଷ ସୁବିଧା ମଧ ଉପଲବ୍ଧ ହେବ। ପ୍ରତିରକ୍ଷା ବିଭାଗର ପୂର୍ବତନ କର୍ମଚାରୀଙ୍କ ବ୍ୟତୀତ ଉକ୍ତ ଶିବିରରେ ସାଧାରଣ ଜନତାଙ୍କ ପାଇଁ ମଧ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସେବା ଉପଲବ୍ଧ ହେବ। ତେଣୁ ୩ ଦିନ ଧରି ଅନୁଷ୍ଠିତ ହେବାକୁଥିବା ସ୍ୱାସ୍ଥ୍ୟ ଶିବିରକୁ ଆସି ଏହାର ବହୁଳ ସୁଯୋଗ ନେବା ପାଇଁ ଷ୍ଟେସନ ହେଡ଼୍କ୍ୱାଟର, ବାଲେଶ୍ୱର (ଚାନ୍ଦିପୁର-ଅନ-ସି) ଓ ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ ପକ୍ଷରୁ ଅନୁରୋଧ କରାଯାଉଛି ।

**AFFIDAVIT**

By virtue of an affidavit before the executive Magistrate, Basudevpur, I, Ratikanta Das S/o Padmalochan Das, permanent resident of Vill- Tilada, Po- Eram, Ps- Basudevpur, Dist- Bhadrak, Pin- 756162 state that I am the father of minor Jadunath Das. On behalf of my minor son, I renounce the use of his former name Jadunath Das and assume the name of Jagannath Das for him. Hereafter he shall be known as Jagannath Das in all recordes, deeds and writings and in all proceding, dealing and transaction, private as well as public.

**Ratikanta Das**

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ, ୩/୯ (ନି.ପ୍ର): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସ୍କୁଲରେ ଶିଶୁଙ୍କ ଜଡ଼ିତ ଯୌନ ସମ୍ବନ୍ଧୀୟ ଆଇନ୍, ଶିଶୁ ନିର୍ଯ୍ୟାତନା ଏବଂ ପୋକ୍‌ସ ଆଇନ୍ ତଥା ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲ୍‌ସା)ର ପିଡ଼ିତା କ୍ଷତିପୂରଣ ଯୋଜନା, ୨୦୧୮ ସମ୍ବନ୍ଧିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ତାଙ୍କ ବକ୍ତବ୍ୟରେ ପିଲାମାନଙ୍କୁ ଶିଶୁଙ୍କ ସହ ଜଡ଼ିତ ଯୌନ ସମ୍ବନ୍ଧୀୟ ଆଇନ୍, ଶିଶୁ ଯୌନ ନିର୍ଯ୍ୟାତନା ଏବଂ ପୋକ୍‌ସୋ ଆଇନ୍ ଯାହାକି ନାଲସାର ପିଡ଼ିତା କ୍ଷତିପୂରଣ ଯୋଜନା-୨୦୧୮ ଇତ୍ୟାଦି ସମ୍ବନ୍ଧରେ ବୁଝାଇଥିଲେ । ତତ୍‌ସହ ସଚିବ ଶ୍ରୀ ରଥ ପିଲାମାନଙ୍କ ସହ ପାରସ୍ପରିକ ଅଧିବେଶନ ମଧ କରାଇ ପିଲାମାନଙ୍କୁ ଅତିସରଳ ଭାବରେ ଉକ୍ତ ଆଇନ ସବୁକୁ ବୁଝାଇଥିଲେ ଏବଂ ପିଲାମାନଙ୍କୁ ଗୁଡ଼ ଟଚ୍ ଓ ବ୍ୟାଡ୍ ଟଚ୍‌ର ଶିକ୍ଷା ଏବଂ ପିଲାମାନେ ସମାଜରେ କିପରି ଭଦ୍ର ଏବଂ ଶିକ୍ଷିତ ହେବା ସହ ସମାଜକୁ ଏକ ସୁସ୍ଥ ବାତାବରଣରେ ଗଢ଼ି ତୋଳିବା ସହ ନିଜକୁ ନିଜେ ସୁରକ୍ଷିତ ତଥା ବ୍ୟକ୍ତିତ୍ୱର ବିକାଶ ପାଇଁ ସଚେତନତା କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି ଭଦ୍ରକର ଚେୟାରମ୍ୟାନ୍ ଦେବରାଜ ପାଣିଗ୍ରାହୀ, ଭଦ୍ରକ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚକ୍ରଧର ମଲ୍ଲିକ, ଶିଶୁ ଯତ୍ନ ଓ ସୁରକ୍ଷା ଅଫିସର ଲିଗାଲ ପ୍ରୋବେସନ୍ ଅଧିକାରୀ ସୁବ୍ରତ କୁମାର ଦାଶ, ଡ଼. ତାପସ କୁମାର ମହାନ୍ତି ଓ ବହ୍ନିଶିଖା ବିଶ୍ୱାଳ ସହକାରୀ ଏଲ୍.ଏ.ଡ଼ି.ଏସ୍. ଭଦ୍ରକ, ଜିଲ୍ଲା ସ୍କୁଲ ଭଦ୍ରକର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ପାନାମଣି ବେହେରା, ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ମିଲି ପରିଡ଼ା, ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରମାନେ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର କର୍ମୀଗଣ ସହଯୋଗ କରି କାର୍ଯ୍ୟକ୍ରମଟିକୁ ଆଗେଇ ନେଇଥିଲେ ।

# ସରପଞ୍ଚଙ୍କୁ ଆକ୍ରମଣ ଉଦ୍ୟମ: କାର୍ଯ୍ୟାନୁଷ୍ଠାନ ପାଇଁ ଶତାଧିକ ସମର୍ଥକ ଥାନାର ଦ୍ୱାରସ୍ଥ

ଖଇରା, ୩/୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ଗରସଙ୍ଗ ପଞ୍ଚାୟତ ର ସରପଞ୍ଚରାଜେନ୍ଦ୍ର ଦାସଙ୍କୁ ଆକ୍ରମଣ ଉଦ୍ୟମ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶତାଧିକ ସମର୍ଥକ ବୁଧବାର ସିମୁଳିଆ ଥାନା ଅଧିକାରୀଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି । ଅଭିଯୋଗ ଅନୁଯାୟୀ ଗରସଙ୍ଗ ଗ୍ରାମର ରବିନ୍ଦ୍ର ଦାସ ସବୁ ସମୟରେ ନିଶାସକ୍ତ ହୋଇ ସୋମବାର ସଂଧ୍ୟାରେ ଏକ ଲୁହାରଡନେଇ ସରପଞ୍ଚଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରୁଥିବା ବେଳେ ସୌଭାଗ୍ୟ ବଶତଃ ଅଲେଖ ଜେନା ନାମକ ବ୍ୟକ୍ତି ରବିନ୍ଦ୍ରଙ୍କୁ ଏଥିରେ ବାଧା ଦେଇଥିଲେ। ରବିନ୍ଦ୍ର ଅନେକ ସମୟରେ ବଜାରରେ ସମସ୍ତଙ୍କୁ ଗାଳିଗୁଲଜ କରିବା ସହ ମାରଣାସ୍ତ୍ର ଦେଖାଇ ଭୟଭୀତ କରୁଥିବାରୁ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରିଥିଲେ। ସେହିଭଳି ଗରସଙ୍ଗରେ ବେଆଇନ ନିଶାକାରବାର ବ୍ୟାପକ ରୁପକ ଧାରଣା କରିଥିବା ବେଳେ ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ସମର୍ଥକଙ୍କ ତରଫରୁ ଦାବି କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନକ୍ସଲ ମୁକ୍ତ ନ ହେବା...

ଶାହା କହିଛନ୍ତି ଯେ ନକ୍ସଲବାଦୀମାନେ ଦେଶର କିଛି ଅନୁନ୍ନତ ଅଞ୍ଚଳରେ ବିପୁଳ କ୍ଷତି ଘଟାଇଛନ୍ତି, ସ୍କୁଲ, ହସ୍ପିଟାଲ ନିର୍ମାଣକୁ ବାଧା ଦେଇଛନ୍ତି ଏବଂ ସରକାରଙ୍କ କଲ୍ୟାଣକାରୀ ଯୋଜନାକୁ ବାଧା ଦେଇଛନ୍ତି। ସେ କହିଛନ୍ତି ଯେ ନିରନ୍ତର ନକ୍ସଲ ବିରୋଧୀ ଅଭିଯାନ ଯୋଗୁଁ, ପଶୁପତିନାଥରୁ ତିରୁପତି ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳର ୬.୫ କୋଟି ଲୋକଙ୍କ ଜୀବନରେ ଏକ 'ନୂତନ ସୂର୍ଯ୍ୟୋଦୟ' ଘଟିଛି। ଶାହ ଏହା ମଧ କହିଛନ୍ତି ଯେ ମୋଦୀ ସରକାର ନକ୍ସଲ ବିରୋଧୀ ଅଭିଯାନ ସମୟରେ ଗୁରୁତର ଆହତ ହୋଇଥିବା ସୁରକ୍ଷା କର୍ମୀଙ୍କୁ ସାହାଯ୍ୟ କରିବା ଏବଂ ସେମାନଙ୍କ ଜୀବନକୁ ସହଜ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି। ସେ କହିଛନ୍ତି ଯେ ସରକାର ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା ଦେଶରୁ ନକ୍ସଲବାଦକୁ ମୂଳୋତ୍ପାଟନ କରିବାକୁ ପ୍ରତିବଦ୍ଧ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାୟ ଏବଂ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ମଧ ଏହି ଅବସରରେ ଉପସ୍ଥିତ ଥିଲେ।

### ନିଲମ୍ବନ ପରେ...

ନିଜ ଭାଇ ତଥା କାର୍ଯ୍ୟକାରୀ ସଭାପତିଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିଲା। ଏଥିରୁ ମୁଁ ମୋ ସ୍ଥିତିକୁ ବୁଝି ଯାଇଛି।" ନିଜର ସମ୍ପର୍କୀୟ ଭାଇ ହରିଶ ରାଓ ତେଲଙ୍ଗାନାର ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ସହ ମିଶି ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରିଥିବା କିବତା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, "ଦିଲ୍ଲୀ ଟ୍ରିପ ବେଳେ ହରିଶ ରାଓ ଯେତେବେଳେ ରେଭନ୍ତଙ୍କ ପାଦ ଛୁଇଁ ଥିଲେ ସେତେବେଳେ ଷଡ଼ଯନ୍ତ୍ରର ମଞ୍ଜି ବୁଣା ଯିବା ଆରମ୍ଭ ହୋଇଥିଲା। ପୂର୍ବରୁ ହରିଶ ରାଓଙ୍କ ସହ ସମ୍ପର୍କ ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇଏସ୍ ରାଜଶେଖର ରେଡ୍ଡୀଙ୍କ ସହ ରହିଥିଲା। ହରିଶ ରାଓ ଜଣେ ଡବଲ ଶୁଟର। ସେ ଆଦୌ ଟ୍ରବୁଲ ଶୁଟର ନୁହନ୍ତି।" ହରିଶ ରାଓଙ୍କ ପାଣ୍ଠିର ଉତ୍ସ ଉପରେ ମଧଲ କବିତା ପ୍ରଶ୍ନ ଉଠାଇଛନ୍ତି। କାଲେଶ୍ୱରମ ପ୍ରକଳ୍ପରେ ହୋଇଥିବା ଦୁର୍ନୀତିରେ ହରିଶ ରାଓ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଠକେଇରୁ ଆୟ କରିଥିବା ଟଙ୍କା ବଳରେ ବିଧାୟକମାନଙ୍କୁ ନିଜ ଅଧୀନରେ ରଖିଛନ୍ତି। ଏପରି କି ଦଳର ଅନେକ ବରିଷ୍ଠ ନେତାଙ୍କ ବିରୋଧରେ ସେ ଷଡ଼ଯନ୍ତ୍ର କରିଥିଲେ ବୋଲି କବିତା ସାମ୍ବାଦିକ ସମ୍ମିଳନୀ ଅଭିଯୋଗ କରିଛନ୍ତି।

### ସମ୍ବଲପୁର ପୌର ...

ମାମଲାର ପ୍ରାରମ୍ଭିକ ଶୁଣାଣି କରି ଏପରି ଏହି ପ୍ରସଂଗରେ ଅନ୍ତରୀଣ ଅଙ୍କୁଶ ଜାରି କରିଥିଲେ। ଏହି ମାମଲା ବିଚାରାଧୀନ ଥିବା ବେଳେ ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ପାଇଁ ସମ୍ବଲପୁର ପୌର ନିଗମ ନିର୍ବାଚନ ହୋଇ ପାରୁ ନଥିଲା। ମାମଲାରେ ସମ୍ବଲପୁର ପୌରାଞ୍ଚଳର ପ୍ରକାଶ କୁମାର ଶତପଥୀ ଇଣ୍ଟରଭେନର ଭାବେ ପକ୍ଷଭୁକ୍ତ ହୋଇଥିଲେ। ଆଜି ମାମଲାର ଚୂଡାନ୍ତ ପର୍ଯ୍ୟାୟ ଶୁଣାଣି ହୋଇଥିଲା। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ୨୦୧୩, ସେପଟ୍ଟେମ୍ବର ୧୫ରେ ସମ୍ବଲପୁର ପୌର ନିଗମ ଗଠନ ନେଇ ବିଜ୍ଞପ୍ତି ପ୍ରକାଶ କରିଥିଲା। ହୀରାକୁଦ ଏନଏସି, ବୁର୍ଲା ଏନଏସି ଓ ୧୨ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ ହୋଇଥିଲା ସମ୍ବଲପୁର ମହାନଗର ନିଗମ। ଆଶା ଥିଲା ଜନପ୍ରତିନିଧି ଆସିବେ ଆଉ ଲୋକଙ୍କ ସମସ୍ୟାର ସମାଧାନ ହେବ। ସମ୍ବଲପୁର ପୌରାଞ୍ଚଳର ବାସିନ୍ଦା ମୌଳିକ ସୁବିଧା ପାଇବେ। କିନ୍ତୁ ପୌର ନିଗମର ନବ ଗଠିତ ୱାର୍ଡ ଗୁଡ଼ିକକୁ ନେଇ ପ୍ରକାଶିତ ସଂରକ୍ଷଣ ବିଜ୍ଞପ୍ତିକୁ ନେଇ ବିବାଦ ଦେଖା ଦେଇଥିଲା। ଆଇନଗତ ବିବାଦ ଭିତରେ ସମ୍ବଲପୁର ପୌର ନିଗମ ନିର୍ବାଚନ ହୋଇ ପାରୁ ନଥିଲା। ଇଣ୍ଟରଭେନର ଶ୍ରୀ ଶତପଥୀଙ୍କ ତରଫରୁ ଆଇନଜୀବୀ କୌଶିକ ଆନନ୍ଦ ଗୁରୁ ମାମଲା ପରିଚାଳନା କରୁଥିଲେ।

### ଧାଡ଼ିଦର୍ଶନ ପ୍ରସ୍ତାବରେ ଶ୍ରୀମନ୍ଦିର...

ଆରମ୍ଭ ହୋଇଥିଲା ବୈଠକ। ଆସନ୍ତା ୧୫ ତାରିଖରୁ ଧାଡ଼ିଦର୍ଶନ ଆରମ୍ଭ ନେଇ ସରକାରଙ୍କ ଘୋଷଣା ପରିପ୍ରେକ୍ଷୀରେ ଏଜେଣ୍ଡାର ସର୍ବାଗ୍ରେ ଥିଲା ଶୃଙ୍ଖଳିତ ଦର୍ଶନ। ପରିଚାଳନା କମିଟି ମଧ ନାଟମଣ୍ଡପ ଧାଡିଦର୍ଶନ ବ୍ୟବସ୍ଥାରେ ମୋହର ମାରି ପ୍ରଥମେ ପରୀକ୍ଷାମୂଳକ ଭାବେ ଧାଡ଼ି ଦର୍ଶନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ଏଥିସହ ଧାଡ଼ି ଦର୍ଶନ ସୁପରିଚାଳନା ପାଇଁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ୯ ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟି ଧାଡ଼ିଦର୍ଶନ ପାଇଁ ମହାପ୍ରଭୁଙ୍କ ନୀତିକାନ୍ତି ଯେମିତି ପ୍ରଭାବିତ ନହୁଏ, ସେନେଇ ବିଭିନ୍ନ ନିଯୋଗ ସହ ଆଲୋଚନା କରି ନିଷ୍କର୍ସ ବାହାର କରିବେ। ସେହିପରି କିଏ କେଉଁ ଧାଡ଼ିରେ ଆସି ଶୃଙ୍ଖଳିତ ଦର୍ଶନ ସାରି ବାହାରକୁ ଆସିବେ ସେନେଇ ଏକ ଏସ୍ଓପି ପ୍ରସ୍ତୁତ କରାଯିବ। ଦିବ୍ୟାଙ୍ଗ ମାନଙ୍କ ପାଇଁ ଉତ୍ତରଦ୍ୱାରରେ ରାମ୍ପ୍ ବ୍ୟବସ୍ଥା ଲାଗି ଏକ କମିଟି ଗଠନ ହେବା ଏବଂ ତା ପାଇଁ ମଧ ଏକ ଏସଓପି କରାଯିବା ବାବଦରେ ବୈଠକରେ ଆଲୋଚନା ହୋଇଥିବାର ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ। ସେହିପରି ନାଟମଣ୍ଡପକୁ ସଂପୂର୍ଣ୍ଣ ଏୟାରକଣ୍ଡିସନିଂ କରିବା ପାଇଁ ହୋଇଥିବା ନିଷ୍ପତ୍ତି ମଧ ଏଏସଆଇ ଅନୁମୋଦନ ଲାଭ କରିଛି। ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଆସନ୍ତା ୧୫ ତାରିଖରୁ ଧାଡ଼ିଦର୍ଶନ ପାଇଁ ସବୁ ବ୍ୟବସ୍ଥା ହେଉଛି ବୋଲି କହିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

### ବିଜେଡିରେ ପୁଣିଜଣେ...

କରୁନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି । ତା'ର ଫାଇଦା କଂଗ୍ରେସକୁ ମିଳୁଛି । ରାଜ୍ୟରେ ବିଜେଡି ଓ ବିଜେପି ମଧ୍ୟରେ କୌଣସି ପ୍ରଭେଦ ନାହିଁ ବୋଲି ଲୋକେ ଅନୁଭବ କରୁଛନ୍ତି । ତେଣୁ ସେମାନେ କଂଗ୍ରେସକୁ ବିକଳ୍ପ ଭାବେ ଚିନ୍ତା କରୁଛନ୍ତି । ବିରୋଧୀ ଦଳ ଭାବେ ବିଜେଡି ଠିକ୍ ଭାବେ ପ୍ରସଙ୍ଗ ଉଠାଉନଥିବାରୁ ତାର ଫାଇଦା କଂଗ୍ରେସ ନେଉଛି । ଲୋକେ ବିଜେଡିଠୁ ଦୂରେଇ ନାହାନ୍ତି, କିନ୍ତୁ ବିରୋଧୀ ଦଳଠାରୁ ଯାହା ଆଶା କରୁଛନ୍ତି, ତାହା ବିଜେଡି କରୁନାହିଁ । ୨୦୨୪ ସାଧାରଣ ନିର୍ବାଚନ ପରଠୁ ଆଜିପର୍ଯ୍ୟନ୍ତ ସଂସଦରେ ଆମର ଆଭିମୁଖ୍ୟ ସ୍ପଷ୍ଟ ହୋଇପାରି ନାହିଁ । ଏହାକୁ ଦଳର ନେତାମାନେ ଗମ୍ଭୀରତାର ସହ ନେବା ଦରକାର । ଭୂପିନ୍ଦର କାହିଁକି ଏହା କହିଲା ବୋଲି ଭାବିବା ଅନୁଚିତ୍, ଲୋକଙ୍କ ମତକୁ କେବଳ ପରିପ୍ରକାଶ କରୁଛି । ଯଦି ଆମେ ଲୋକଙ୍କ କଥାକୁ ଖାମଖିଆଲି ଭାବେ ନେବୁ, ତେବେ ଦଳ ପାଇଁ ତାହା କ୍ଷତି ହେବ । ତେଣୁ ଆମର ଆଭିମୁଖ୍ୟ ସ୍ପଷ୍ଟ ହେବା ଦରକାର । ବିଜେଡି ନେତା ଭୂପିନ୍ଦର ସିଂ ଏହି ଅବସରରେ କଂଗ୍ରେସକୁ ପ୍ରଶଂସା କରିବାକୁ ପଛାଇନାହାନ୍ତି । ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ(ବିରୋଧୀ ଦଳ ନେତା ପଦ) ଛାଡ଼ି ବିଜେଡିରେ ଯୋଗ ଦେଇଥିବା ଶ୍ରୀ ସିଂ କହିଛନ୍ତି ଯେ, ଦେଶ ଓ ରାଜ୍ୟରେ କଂଗ୍ରେସର ଭବିଷ୍ୟତ ଉଜ୍ଜ୍ୱଳ । ଯଦି ବିଜେଡି ମୁଖ୍ୟ ବିରୋଧୀ ଦଳ ଭାବେ ନିଜର ଦାୟିତ୍ୱ ଠିକ୍ ଭାବେ ନିର୍ବାହ ନକରେ, ତେବେ କଂଗ୍ରେସ ଆହୁରି ଆଗକୁ ବଢ଼ିବ । କଂଗ୍ରେସର ଭବିବଷ୍ୟତ ଦେଶ ଓ ରାଜ୍ୟରେ ବଢୁଛି । କଂଗ୍ରେସକୁ ଏଭଳି ଖୋଲା ପ୍ରଶଂସା କରି ସେ ନିଜର ପୁରୁଣା ଦଳକୁ ଫେରିବା ପାଇଁ ଯୋଗସୂତ୍ରରେ ରହିଥିବା ନେଇ ହେଉଥିବା ଚର୍ଚ୍ଚାକୁ ଅଧିକ ବଳ ଦେଇଥିବା କୁହାଯାଉଛି । ଦଳରେ ତୀବ୍ର ଅନ୍ତଃକନ୍ଦଳ, ନିର୍ବାଚନୀ ପରାଜୟର ସମୀକ୍ଷା ନହେବା, ମନଇଚ୍ଛା ସାଂଗଠନିକ ନିଷ୍ପତ୍ତି ନିଆଯିବା ଆଦି ପ୍ରସଙ୍ଗରେ ବରିଷ୍ଠ ନେତାମାନେ ନିଜର ଅସନ୍ତୋଷ ବ୍ୟକ୍ତ କରିବାରେ ଲାଗିଛନ୍ତି । ଦଳର ଅସ୍ପଷ୍ଟ ନୀତି, ନେତୃତ୍ୱଗତ ଦୁର୍ବଳତା ଏବଂ ଅନ୍ତଃକନ୍ଦଳ ଦଳକୁ ଆହୁରି ଦୁର୍ବଳ କରୁଛି । କଂଗ୍ରେସର ସକ୍ରିୟ ସାଂଗଠନିକ କାର୍ଯ୍ୟକ୍ରମ ଓ ଉତଥାନ ରାଜ୍ୟ ରାଜନୀତିରେ ଏକ ନୂଆ ସମୀକରଣ ସୃଷ୍ଟି କରୁଛି । ବିଜେଡି ଯଦି ଏହି ସଙ୍କଟର ସମାଧାନ ନକରେ, ତେବେ ଆଗାମୀ ଦିନରେ ବିଜେଡି ପାଇଁ ରାଜନୀତିକ ସ୍ଥିତି ଆହୁରି ଜଟିଳ ହୋଇପାରେ । ବିଜେଡି ନେତା ଦେବାଶୀଷ ସାମନ୍ତରାୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବଦ୍ରିନାରାୟଣ ପାତ୍ର, ପ୍ରଫୁଲ୍ଲ ମଲ୍ଲିକ ଓ ଅଶୋକ ପଣ୍ଡା ପ୍ରମୁଖ ଏନେଇ ସଙ୍କେତ ଦେଇସାରିଥିଲେ ମଧ ଦଳୀୟ ନେତୃତ୍ୱ ସେଥିପ୍ରତି ସମ୍ପୂର୍ଣ୍ଣ ଆଖିବୁଜି ଦେଇଥିବା ଜଣାପଡ଼ିଛି ।

### ଖୋଲୁଛି ଶକ୍ତି ରଞ୍ଜନଙ୍କ ...

ବିଳାସପୂର୍ଣ୍ଣ କାର ଓ ସୁପରବାଇକ୍ ଜବତ କରିଛି। ତେବେ ଇଡି ରେଡ୍ ପରେ ଚର୍ଚ୍ଚାରେ ଶକ୍ତିରଞ୍ଜନଙ୍କ ପରିବାର ଲୋକଙ୍କ କାର ସଉକ। ସନ୍ଦେହରେ ଅନମୋଲ ମାଇନ୍ସ ପ୍ରାଇଭେଟ ଲିମିଟେଡ୍ କମ୍ପାନୀର କାରବାର। କେବଳ ଶକ୍ତି ନୁହନ୍ତି, କମ୍ପାନୀ ନିର୍ଦ୍ଦେଶିକା ସୌମ୍ୟା ଶେଫାଳିକା ଦାଶ ମଧ ରହିଛନ୍ତି ଇଡି ସ୍କାନରରେ। ବେଆଇନ୍ ମନି ଲଣ୍ଡ୍ରିଂ ଅଭିଯୋଗକୁ ନେଇ ଗତ ଶନିବାର ଭୁବନେଶ୍ୱର ନ୍ୟୁ ଫରେଷ୍ଟ ପାର୍କରେ ଥିବା ଶକ୍ତିରଞ୍ଜନଙ୍କ ଏଇ ଘରେ ରେଡ୍ କରିଥିଲା ଶିମଲାସ୍ଥିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଶାଖା। ଆଉ ତା' ପରଠାରୁ ଏହି ଘରକୁ କେହି ଆସୁ ନଥିବା ସୂଚନା ମିଳିଛି। ସେପଟେ ରେଡ୍ ପରେ ଇଡି ଶକ୍ତିରଞ୍ଜନଙ୍କୁ ପଚରାଉଚରା ପାଇଁ ନେଇଥିବା କୁହାଯାଉଛି। ହିମାଚଳ ପ୍ରଦେଶର ଇଣ୍ଡିଆନ ଟେକ୍ନୋମାକ କମ୍ପାନୀ ଲିମିଟିଡ-**ITCOL**ର ୧୩ ହଜାର ୯୬ କୋଟି ଟଙ୍କା ଋଣ ଜାଲିଆତିର ଚେର ଖୋଜି ଖୋଜି ଭୁବନେଶ୍ୱରରେ ପହଞ୍ଚିଥିଲା ଇଡିର ଶିମଲା ବ୍ରାଞ୍ଚ। ଇଡି ପ୍ରେସ୍ ରିଲିଜ୍ ଅନୁସାରେ, **ITCOL** ଏବଂ ଏହାର ସେଲ୍ କମ୍ପାନୀଗୁଡିକ, ଅନମୋଲ୍ ମାଇନ୍ସ ପ୍ରାଇଭେଟ୍ ଲିମିଟେଡ୍-AMPLକୁ ୫୯ କୋଟି ୮୦ ଲକ୍ଷ ଟଙ୍କା ଡାଇଭର୍ଟ କରିଥିବା ଜଣାପଡିଥିଲା। ଇଗଚଖର ମ୍ୟାନେଜିଂ ଡିରେକ୍ଟର ଶକ୍ତିରଞ୍ଜନ ଦାଶ ଜାଣିଶୁଣି **ITCOL**ର ପ୍ରମୋଟର ରାକେଶ କୁମାର ଶର୍ମାଙ୍କୁ ଋଣ ଟଙ୍କାକୁ ଡାଇଭର୍ଟ କରିବାରେ ସହାୟତା କରିଥିଲେ। ଆଉ ଏହି ଟଙ୍କାକୁ ସେ ଓଡ଼ିଶାରେ ଖଣି କାର୍ଯ୍ୟକଳାପରେ ଲଗାଇଥିବା ଇଡି ପ୍ରମାଣ ପାଇଛି। ଏହାପରେ ଇଡି ଓଡ଼ିଶାରେ ଥିବା ଶକ୍ତିରଂଜନ ଘର ଓ କମ୍ପାନୀ ଉପରେ ରେଡ୍ କରିଛି। ରେଡ୍ ବେଳେ ଇଡି ଶକ୍ତିରଞ୍ଜନ ଏବଂ ତାଙ୍କ କମ୍ପାନୀ ମାଲିକାନାରେ ଥିବା ୧୦ଟି ବିଳାସପୂର୍ଣ୍ଣ କାର ଓ ୩ଟି ସୁପର ବାଇକ୍ ଜବତ କରିଛି।

### ଧାଡ଼ି ବାନ୍ଧି ଆସୁଛି ...

୨୦୨୩ରେ ୧୪ ଓ ଗତବର୍ଷ ସୃଷ୍ଟି ହୋଇଥିଲା ୧୦ରୁ ଅଧିକ ଲଘୁଚାପ କ୍ଷେତ୍ର। ଓଗଉ ଡିଜି ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଦେଶରେ ସାଧାରଣଠାରୁ ଅଧିକ ଲଘୁଚାପ ହୋଇଛି। ପ୍ରଭାବରେ ମୌସୁମୀ ଋତୁରେ ପୂର୍ବାନୁମାନ ଅପେକ୍ଷା ୭ ପ୍ରତିଶତ ଅଧିକ ବର୍ଷିଛି। ଅଧିକ ସଂଖ୍ୟକ ଲଘୁଚାପ ଓ ଅବପାତ ସ୍ୱାଭାବିକଠାରୁ ଅଧିକ ବର୍ଷା କରାଇଥାଏ। ଏବର୍ଷ ପ୍ରାୟ ୧୬ଟି ଲୋ ପ୍ରେସର ସମ୍ଭାବନା ରହିଛି। ଚଳିତ ମୌସୁମୀ ଋତୁରେ ତୁହାକୁ ତୁହା ଲଘୁଚାପ, ଆଉ ତା ପ୍ରଭାବରେ ଲଗାଣ ବର୍ଷାରେ ସୃଷ୍ଟି ହେଉଛି ବନ୍ୟା ସ୍ଥିତି। କାହିଁକି ବାରମ୍ବାର ସୃଷ୍ଟି ହେଉଛି ଲଘୁଚାପ ? ଏହା ପଛରେ କାରଣ କ'ଣ ? ମୌସୁମୀ ସିଜିନରେ ଏକାଧିକ ଲୋ ପ୍ରେସର ହେଉଛି କାହିଁକି ?

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସିଦ୍ଧେଶ୍ୱରୀ ପଶ୍ଚିମା ଯୁବକ ସଂଘ ପକ୍ଷରୁ ବୃକ୍ଷରୋପଣ

ଖଇରା, ୩/୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୁର ଗ୍ରାମ ପଞ୍ଚାୟତ ଅଧୀନ ବ୍ରହ୍ମଚାରୀ ଗ୍ରାମର ସଦ୍ଧେଶ୍ୱରୀ ପଶ୍ଚିମା ଯୁବକ ସଂଘ ଆନୁକୂଲ୍ୟରେ ସୋମବାର ଦିନ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସଂଘର ସଦସ୍ୟ ମାନେ ବ୍ରହ୍ମଚାରୀ ପଡିଆ ସହିତ ଗଣ୍ଡିବେଡ-କୁରୁଣ୍ଟା ଓ ମାଟିଆଳପଦା- ବ୍ରହ୍ମଚାରୀ ରାସ୍ତା କଡରେ ୪ଶହରୁ ଉର୍ଦ୍ଧ ବିଭିନ୍ନ କିସମର ଗଛ ଲଗାଇଥିଲେ । ସଂଘର ସଭାପତି ମନୋରଞ୍ଜନ ମହାନ୍ତି,ସମ୍ପାଦକ ଲମ୍ବୋଦର ସାମଲ,କୋଷାଧକ୍ଷ ସୁଧାଂଶୁ ସାମଲ,ଉପଦେଷ୍ଟା କମଳାକାନ୍ତ ବେହେରା ତଥା ସଭ୍ୟ ଚିତ୍ତରଞ୍ଜନ ସାମଲ,କୈଳାଶ ମହାନ୍ତି,ସନ୍ଦୀପ ସାମଲ,ରାଜୁ ସାମଲ,ସୁରେଶ ପୃଷ୍ଟି,ଚିତ୍ତରଞ୍ଜନ ମହାନ୍ତି,ହରିଆ ନାୟକ,ତପନ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ । ଏଥିସହ ସଂଘର ର ସଦସ୍ୟ ମାନେ ନିକଟସ୍ଥ ଗ୍ରାମବାସୀ ଓ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀ ମାନେ ବୃକ୍ଷରୋପଣ ସମ୍ପର୍କରେ ସଚେତନ କରାଇଥିଲେ । ଶେଷରେ ଚଳିତ ବର୍ଷା ଋତୁରେ ୧ହଜାର ଚାରାରୋପଣ ପାଇଁ ସଦସ୍ୟ ମାନେ ସଙ୍କଳ୍ପ ନେଇଥିଲେ ।



# ଇଫକୋର ପରିବେଶ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ, ୩/୯ (ନି.ପ୍ର): ପାରାଦୀପ ପୌର ପରିଷଦ ଅଧିନ ୫ ନମ୍ବର ୱାର୍ଡ ବଲିଝରା ଗଣପତି ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଶ୍ୱର ସର୍ବବୃହ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉନ୍ନତ ଶିକ୍ଷାଭଳି ପରିବେଶ ସ୍ୱଚ୍ଛତା ମଧ ଜରୁରୀ ବୋଲି କହିଛନ୍ତି ଇଫକୋ ପାରାଦୀପ ୟୁନିଟ୍ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ପ୍ରଦୀପ କୁମାର ମହାପାତ୍ର । ନିଜର ଭବିଷ୍ୟତ ପାଇଁ ଶିକ୍ଷାର ଆବଶ୍ୟକତା ହେଉଛି ମୁଖ୍ୟ । ମନ ଦେଇ ପାଠ ପଢିବା ସହିତ ବାପାମାଆଙ୍କ ନାମକୁ ରଖିବା ସହିତ




ରାଜ୍ୟ ତଥା ଦେଶର ସୁନାମ ବଜାୟ ରଖିବାକୁ ମୁଖ୍ୟଅତିଥି ଶ୍ରୀ ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ବୃକ୍ଷରୋପଣ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ଇଫକୋର ଲୋକସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା ଯୋଗ ଦେଇଥିଲେ। ଏହି ଅବସରରେ ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ନବନିର୍ମିତ ଶ୍ରେଣୀ କକ୍ଷକୁ ମୁଖ୍ୟଅତିଥି ଶ୍ରୀ ମହାପାତ୍ର ଲୋକାର୍ପଣ କରିଥିଲେ । ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷୟତ୍ରୀ ଗିତାଂଜଳୀ ତରାଇଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ସ୍ୱାୟତ ଶାସନ ଦିବସ ଅବସରରେ ସମ୍ବର୍ଦ୍ଧନା ପର୍ବ

ଉଦଳା , ୩/୯ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ସ୍ୱାୟତ ଶାସନ ଦିବସ ପାଳନ ଅବସରରେ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମଂଚରେ ମୋଟ୫ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଉକ୍ତ ପର୍ବଟି ମୁଖ୍ୟ ଆକର୍ଷଣର କେନ୍ଦ୍ର ପାଲଟିଥିଲା । ନଗରପାଳ ପ୍ରମିଳା ପଣ୍ଡା କାର୍ଯ୍ୟକ୍ରମରେ ଅଧକ୍ଷତା କରି ଉଦଳାକୁ ସହର ଭାବରେ ଗଢ଼ି ତୋଳିବାରେ ଯେଉଁମାନେ ମୁଖ୍ୟ ଭୂମିକା ନେଇଥିଲେ ଯଥା- ଜୟଚନ୍ଦ୍ର ପତ୍ରି, ସ୍ୱର୍ଗତଃ ଲକ୍ଷ୍ମୀକାନ୍ତ ବାରିକ, ସ୍ୱର୍ଗତଃ ଜ୍ଞାନ ରଂଜନ ଭୋଳ, ସ୍ୱର୍ଗତଃ ରମେଶଚନ୍ଦ୍ର ଦାଶ, ସ୍ୱର୍ଗତଃ ତ୍ରିଲୋଚନ ମିଶ୍ର, ସ୍ୱର୍ଗତଃ ପୂର୍ଣ୍ଣ ପରିଛା, ସ୍ୱର୍ଗତଃ ରସାନନ୍ଦ ନାୟକ, ସ୍ୱର୍ଗତଃ ରଘୁମଣୀ ତ୍ରିପାଠୀ, ସ୍ୱର୍ଗତଃ ମନ୍ମଥ ସଦୁଆଳ, ସ୍ୱର୍ଗତଃ ମନମୋହନ ଟୁଡୁ, ସ୍ୱର୍ଗତଃ କୃଷ୍ଣଗୋପାଲ ଘୋଷ ଇତ୍ୟାଦି ଙ୍କ ଅବଦାନକୁ ଉଦଳା ଇତିହାସ ସବୁଦିନ ମନେ ରଖିଥିବ ବୋଲି ବ୍ୟକ୍ତ କରିଥିଲେ । ଆମ ଅଂଚଳର ପ୍ରତିଭା ମାନଙ୍କୁ ପ୍ରତିବର୍ଷ ପର୍ଯ୍ୟାୟ କ୍ରମେ ଏହି ମଂଚରେ ସମ୍ବର୍ଦ୍ଧିତ କରାଯାଉଥିବାରୁ କୃତଜ୍ଞତା ଜଣାଇବା ସହ ଏହିଭଳି ବ୍ୟକ୍ତି ବିଶେଷଙ୍କ ପାଇଁ ଆମ ସହର ଗର୍ବ ଅନୁଭବ କରେ ବୋଲି ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବକ୍ତବ୍ୟ ମାଧ୍ୟମରେ କହିଥିଲେ । ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା ପୂଜ୍ୟପୂଜାର ପରମ୍ପରା ପାଇଁ ଉଦଳା ସହରର ପ୍ରଶଂସା ସମଗ୍ର



ଓଡ଼ିଶାର ବିଭିନ୍ନ ସ୍ଥାନରେ ଶୁଣିବାକୁ ମିଳିଥାଏ ବୋଲି କହିଥିଲେ । ଏହାପରେ ମୟୂରଭଂଜ ଲୋକସଭା ସଦସ୍ୟ ନବଚରଣ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରତିଭା ମାନଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ପ୍ରଫୁଲ କୁମାର ଖିଲାର ଓ ସୌମ୍ୟପ୍ରକାଶ ତ୍ରିପାଠୀଙ୍କୁ ସାହିତ୍ୟିକ ଭାବରେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଡ଼ା. ଖଗେଶ୍ୱର ସିଂହ ଙ୍କୁ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିବାର ଜଣାଯାଇଛି । ପ୍ରକାଶ ଥାଉକି କବିତା, ଗଳ୍ପ, ପ୍ରବନ୍ଧ ଇତ୍ୟାଦି ରଚନା କରି ସାହିତ୍ୟିକ ପ୍ରଫୁଲ କୁମାର ଓ ସୌମ୍ୟପ୍ରକାଶ ସମଗ୍ର ଓଡ଼ିଶାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ସେହିପରି ଡ଼ା. ଖଗେଶ୍ୱର ବିଶ୍ୱହିନ୍ଦୁ ପରିଷଦର ଜଣେ କର୍ମି ଭାବରେ ଦେଶ ଗଠନରେ ଦିର୍ଘ ବର୍ଷ ଧରି ନିଜକୁ ସାମିଲ କରିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଓଡ଼ଶୀ ନୃତ୍ୟ ଶିଳ୍ପୀ ସୁଶ୍ରୀ ଅନନ୍ୟା ବି. ଲେଙ୍କା ଓ ଆଦର୍ଶ ଶିକ୍ଷକ ଭାବରେ ରସାନନ୍ଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାର ଜଣାଯାଇଛି । ସମ୍ବର୍ଦ୍ଧନା ପର୍ବ ଉତ୍ସବର ପ୍ରାରମ୍ଭରେ ସଂଜୟ କୁମାର ପାଢ଼ି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ମାନପତ୍ର ପାଠ କରିଥିଲେ । ପରେ କାଉନସିଲର ଶରତଚନ୍ଦ୍ର ଦାସ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । ଉଦଳା ତହସିଲଦାର ସୁପ୍ରଭା ଦାସ, ଉପଖଣ୍ଡ ଆରକ୍ଷୀ ନୀରିକ୍ଷକ ହୃଷିକେଶ ନାୟକ ଓ ସମନ୍ୱିତ ଆଦିବାସୀ ଉନ୍ନୟ ସଂସ୍ଥା କପ୍ତିପଦା, ଉଦଳାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି ପ୍ରମୁଖ ମଂଚରେ ଅତିଥି ଭାବରେ ଉପସ୍ଥିତ ଥିଲେ ।

## ୧୫୮ ଗ୍ରାମ ଗଞ୍ଜେଇ ଜବତ:୧ ଗିରଫ

ବସ୍ତା ୩/୯(ନିପ୍ର):ବାଲେଶ୍ୱର ଜିଲ୍ଲା ବସ୍ତା ଥାନା, ଅମର୍ଦା ରୋଡ ଫାଣ୍ଡି ଅନ୍ତର୍ଗତ କୁଳିଦା ପଞ୍ଚାୟତ ସ୍ଥିତ ଏନ ଏଚ ୬୦ ଭେଲୁରା ପେଟ୍ରୋଲ ପମ୍ପ ନିକଟରେ ଚୋରାରେ ଗଞ୍ଜେଇ ବିକ୍ରି କରୁଥିବା ଏକ ଦୋକାନରେ ଚଢ଼ାଉ କରି ୧୫୮ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିବା ବେଳେ ସଂପୃକ୍ତ ପଦିମା ଗ୍ରାମର ଗୌତମ ସିଂହ(୪୦)ନାମକ ଯୁବକଙ୍କୁ ଗିରଫ କରାଯାଇଛି ।ସୂଚନା ଥାଉକୁ ଯେ, ଅମର୍ଦାରୋଡ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ ବସ୍ତା ଅତିରିକ୍ତ ତହସିଲଦାର ପିୟୁଷ କାନ୍ତ ପ୍ରଧାନଙ୍କ ଉପସ୍ଥିତିରେ ଚଢ଼ାଉ କରି ବେଆଇନ ଗଞ୍ଜେଇ ଜବତ କରାଯାଇଥିଲା ।ପୋଲିସ ୩୧୫/୨୫ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛନ୍ତି । ଅମର୍ଦାରୋଡ ଫାଣ୍ଡି ଅଧିକାରୀ ଓ ଆଇ ସି ଶ୍ରୀ ବାରିକ ନୂତନ ଭାବେ ଯୋଗଦାନ କରିବା ପର ଠାରୁ ଚୋର,ଚୋରା ମଦ, ଗଞ୍ଜେଇ ଓ ଚୋରା ବାଲି ମାଫିଆ ନିଦ ହଜିଯାଇଛି ।ଫାଣ୍ଡି ଅଧିକାରୀଙ୍କ କାର୍ଯ୍ୟକଳାପକୁ ଅଞ୍ଚଳବାସୀ ଖୁସି ଜାହିର କରିବା ସହିତ ବଜାର ଘାଟରେ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି ।

# ୪୭ ଲିଟର ଚୋରା ଦେଶି ମଦ ଜବତ: ୨ ଗିରଫ

ବୈଶିଙ୍ଗା, ୩/୯ (ନି.ପ୍ର): ଅବକାରୀ ଥାନାରେ ନୂତନ ଭାବେ ଯୋଗଦାନ କରିଥିବା ଏସଆଇ ପ୍ରଦୀପ କୁମାର ବେହେରା ଦୈନିକ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚୋରା ମଦ ବ୍ୟବସାୟୀଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛନ୍ତି । ମଙ୍ଗଳବାର ଏସ ଆଇ ଶ୍ରୀ ବେହେରା ସଦଳବଳେ ବଡ଼ସାହି ଥାନାର ସିଙ୍ଗିଟିଆ ଗ୍ରାମର ଟିକିନା ମଢେଇ ଘରେ ଚଢ଼ାଉ କରି ୧୩ ଲିଟର ଚୋରା ଦେଶିମଦ ଜବତ କରି ଗିରଫ କରିଥିବା ବେଳେ ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ଗ୍ରାମର ସଂଜୀତ ଦେହୁରୀ ଘରେ ଚଢ଼ାଉ କରି ୧୪ ଲିଟର ଚୋରା ଦେଶି ମଦ ଜବତ କରିବା ସହିତ ଅଭିଯୁକ୍ତ କୁ ଗିରଫ କରି ମାମଲା ରୁଜୁ କରିଥିବା ଜଣାଯାଇଛି । ଶ୍ରୀ ବେହେରା ଅଭିଯୁକ୍ତ ଙ୍କୁ ନେଇ ବେତନଟୀ ଫେରୁଥିବା ସମୟରେ ବେତନଟୀ ଥାନା ଅଧୀନ ଆମ୍ବଯୋଡ଼ା ଗ୍ରାମ ନିକଟରେ ବାଇକରେ ଚୋରା ମଦ ନେଇ ବଡ଼ସାହି ଥାନା ଡିଙ୍ଗିରା ଗ୍ରାମକୁ ଯାଉଥିବା ବେଳେ ଅଭିଯୁକ୍ତ ଶୋଭାକର ହାଁସଦା ବାଇକ ଛାଡି ଦଉଡି ପଳାଇ ଥିଲା । ଏସଆଇ ଶ୍ରୀ ବେହେରା ବାଇକ ସମେତ ସେଥିରେ ଥିବା ୨୦ଲିଟର ଚୋରା ଦେଶି ମଦ ଜବତ କରି କାର୍ଯ୍ୟାଳୟକୁ ଆଣିଥିଲେ । ଏଥିନେଇ ୩ ଟି ପୃଥକ ମାମଲା ରୁଜୁ ହୋଇଛି ବୋଲି ଶ୍ରୀ ବେହେରା ପ୍ରକାଶ କରିଥିଲେ ।

# ପାରାଦୀପଗଡରେ ବ୍ରାଉନ୍ ସୁଗାର ବ୍ୟବସାୟୀ ସକ୍ରିୟ: ଲକ୍ଷାଧିକ ଟଙ୍କାର ବ୍ରାଉନ ସୁଗାର ସହ ୩ ଅଭିଯୁକ୍ତ ଗିରଫ

ପାରାଦୀପ, ୩/୯ (ନି.ପ୍ର): ପାରଦୀପ ଏଏସପି ସ୍ମୃତିରଂଜନ କର ଆଜି ଆୟୋଜିତ ଏକ ପ୍ରେସମିଟ ରେ ଗଣମାଧମକୁ ସୂଚନା ଦେଇଛନ୍ତି କହିଛନ୍ତି ଯେ ପାରାଦୀପ ଲକ୍ ଥାନା ଅଧିନ ଅଞ୍ଚଳରୁ ଗତକାଲି ୩ ବ୍ରାଉନ୍ ସୁଗାର ବ୍ୟବସାୟୀଙ୍କୁ ପୋଲିସ ଗିରଫ କରିଛି । ପୋଲିସ ର ସୂଚନା ମୁତାବକ ଲକ୍ ଥାନା ଅଧିନ ଚୂନ ଛକ ନିକଟରେ ବ୍ରାଉନ୍ ସୁଗାର ବ୍ୟବସାୟ ହେଉଥିବା ନେଇ ଲକ୍ ଥାନା ଅଧିକାରୀ ରଶ୍ମିରଂଜନ ଦାସ



ସୂଚନା ପାଇବା ପରେ ସବ୍‌ଇନ୍ସପେକ୍ଟର ଡି ଓଝା ଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଂଚିଥିଲେ । ସେଠାରେ ନିକଟସ୍ଥ ଉଛବାନନ୍ଦ ଡିଆ ଗ୍ରାମର ନିତ୍ୟାନନ୍ଦ ମହାରଣାଙ୍କ ପୁଅ ବୁଲା ମହାରଣା(୫୨), ଝିମାଣୀ ଗ୍ରାମର କାଙ୍ଗାଳୀ ବାହାଲିଆଙ୍କ ପୁଅ ଯୋଗେନ୍ଦ୍ର ବାହାଲିଆ (୩୨) ଓ ରବିନ୍ଦ୍ରନାଥ ପ୍ରଧାନଙ୍କ ପୁଅ ସମ୍ପଦ ଓରଫ ପ୍ରଳୟ ପ୍ରଧାନ(୨୫)ଙ୍କୁ ଧରିବା ସହିତ ସେମାନଙ୍କ ନିକଟରୁ ୨୧ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲେ ।ଏହାର ଅନୁମାନିକ ମୂଲ୍ୟ ୨ଲକ୍ଷ ୧୦ ହଜାର ଟଙ୍କା ହେବ ବୋଲି ପାରଦୀପ ଏଏସପି ସ୍ମୃତିରଂଜନ କର ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ମୋବାଇଲ୍ ଫୋନ୍ ସହ ୧୮ ଶହ ଟଙ୍କା ଜବତ କରାଯାଇଛି ।ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ୩ ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ପ୍ରବଳ ବର୍ଷାରେ ବେହାଲ ନୀଳଗିରି: ନୀଳଗିରି ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ପଶିଲା ବର୍ଷାପାଣି

ନୀଳଗିରି, ୩/୯ (ନି.ପ୍ର): ତିନିଦିନ ଧରି ଲଗାଣ ବର୍ଷାଯୋଗୁଁ ନୀଳଗିରି ସହର ଏବଂ ଏହାର ଆଖପାଖ ଅଞ୍ଚଳରେ କୃତିମ ବନ୍ୟା ପରିସ୍ଥିତି ଦେଖାଦେଇଛି । ଏପରିକି ବିଭିନ୍ନ ୱାର୍ଡରେ ପାଣି ସଠିକ୍ ନିଷ୍କାସିତ ହୋଇନପାରି ଘର ଭିତରେ ବର୍ଷାଜଳ ପଶିଥିବା ଅଭିଯୋଗ ହୋଇଛି । ବୁଧବାର ସକାଳଠାରୁ ବର୍ଷା ଲାଗିରହିବାରୁ ନୀଳଗିରି ମହିଳା ମହାବିଦ୍ୟାଳୟ ମଧ୍ୟରେ ପାଣି ଜମାହୋଇ ରହିବାଯୋଗୁଁ ଛାତ୍ରଛାତ୍ରୀ, ଅଧାପକ ଅଧାପିକା ଏବଂ କର୍ମଚାରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି । ମୁଖ୍ୟତଃ କଲେଜ ସାମ୍ନାଗେଟ୍ କଂକ୍ରିଟ



ଢଲେଇ ହୋଇଥିବାରୁ ପାଣି ଅବଶୋଷିତ ହୋଇନପାରି ଜମାହେବା ଏବଂ ଯୁକ୍ତଦୁଇ କଲେଜ ଛାତର ପାଣି ବୋହିଆସି ଜମା ହେବା ଫଳରେ କଲେଜରେ ଅଧ୍ୟୟନ ଏବଂ ଅଧାପନ ପାଇଁ ଆସୁଥିବା ଛାତ୍ରଛାତ୍ରୀ ପଡିଯାଇଥିବା ମଧ ଅଭିଯୋଗ ହୋଇଛି । ବିଶେଷକରି ମହାବିଦ୍ୟାଳୟର ଦକ୍ଷିଣପାର୍ଶ୍ୱ ଜମିକୁ ମାଟିପକାଇ ଉଚ୍ଚାକରାଯାଇଥିବା ସହିତ ପାଣି ନିଷ୍କାସନର ସୁବିଧାନଥିବାରୁ ଏପରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାଯାଇଛି ।

## ସେପ୍ଟେମ୍ବର ୨୦ ସୁଦ୍ଧା ସରିବ ସବୁ ରାସ୍ତା ମରାମତି କାମ

ଭୁବନେଶ୍ୱର, ୩/୯ (ନି.ପ୍ର): ପୂଜା ପୂର୍ବରୁ ସରିବ ରାସ୍ତାଘାଟ ମରାମତି କାମ । ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଆସନ୍ତା ୬ ତାରିଖରେ ବଡ଼ ବୈଠକ ବସିବ । କଟକ, ଭୁବନେଶ୍ୱରର ସମସ୍ତ ବିଧାୟକ, ମେୟର, କମିଶନରଙ୍କ ସହ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବେ । ସେପ୍ଟେମ୍ବର ୨୦ ସୁଦ୍ଧା ସବୁ ରାସ୍ତାର ମରାମତି କାମ ସରିବ । ଏ ନେଇ ୬ ତାରିଖ ବୈଠକରେ ରୋଡ ମ୍ୟାପ ପ୍ରସ୍ତୁତ ହେବ ।

# ୨୨ଦିନ ପରେ ଧାରଣାରୁ ଉଠିଲେ ମୋହରିର ସଂଘ



ନୀଳଗିରି, ୩/୯ (ନି.ପ୍ର): ଜମି ପଞ୍ଜିକରଣ ନିୟମରେ ବିଭିନ୍ନ କଟକଣା ଥିବା କାରଣରୁ ଜିଲ୍ଲା ମୋହରିର ସଂଘ ନିଷ୍ପତି ଅନୁଯାୟୀ ଅଗଷ୍ଟ ମାସ ୧୨ ତାରିଖରୁ ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ନୀଳଗିରି ମୋହରିର ସଂଘର କର୍ମକର୍ତ୍ତା ମାନେ କାର୍ଯ୍ୟ ବନ୍ଦ ଧାରଣ ଦେଇଥିଲେ ।ଯାହାକୁ ନେଇ ଜିଲ୍ଲା ମୋହରିର ସଂଘ ପକ୍ଷରୁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ସହ ଡବ୍ଲୁପିସି ୨୩୯୩୪ ରେ କେସ ରୁଜୁ କରିଥିଲେ ।ମୋହରିର ସଂଘ ଧାରଣାରେ ବସିବା କାରଣରୁ ସାଧାରଣ ଜନତାଙ୍କ ଜମି ପଞ୍ଜୀକରଣରେ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ ।ଫଳରେ ଆଜି ଅପରାହ୍ନରେ ଉପନିବନ୍ଧକ ପ୍ରଦୀପ କୁମାର ଦାସ ଓ ଓକିଲ ସଂଘର ସଭାପତି ଓ ସମ୍ପାଦକଙ୍କ ଧାରଣା ପ୍ରତ୍ୟାହୃତ କରିବା ପାଇଁ ଅନୁରୋଧ କରିଥିଲେ ।ସାଧାରଣ ଲୋକଙ୍କ ହିତ ଓ ଅଧିକାରୀଙ୍କ ଅନୁରୋଧକୁ ସମ୍ମାନ ଜଣାଇ ମୋହରିର ସଂଘର ସଦସ୍ୟମାନେ ଧାରଣା ପ୍ରତ୍ୟାହୃତ କରିବା ସହ ଆସନ୍ତା କାଲିଠାରୁ କାର୍ଯ୍ୟରେ ଯୋଗ ଦେବେ ବୋଲି ନିଷ୍ପତି ନେଇଛନ୍ତି ।

## ମୋବାଇଲ୍ ଆପ୍ ବ୍ୟବହାର କରି ବାୟୋମେଟ୍ରିକ୍ ଉପସ୍ଥାନ ଦେବେ କର୍ମଚାରୀ

ଭୁବନେଶ୍ୱର, ୩/୯ (ନି.ପ୍ର): ଏଣିକି ମୋବାଇଲ୍ ଆପ୍ ବ୍ୟବହାର କରି ବାୟୋମେଟ୍ରିକ୍ ଉପସ୍ଥାନ ବାଧ୍ୟତାମୂଳକ ହେବ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏଭଳି ନିର୍ଦ୍ଦେଶନାମା ଜାରି କରିଛି । ୧ ସେପ୍ଟେମ୍ବର ଠାରୁ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମସ୍ତ କର୍ମଚାରୀ ମୋବାଇଲ ଆପ ମାଧ୍ୟରେ ଉପସ୍ଥାପନା ଦେବେ । ଆପ୍ ରୁ ପ୍ରାପ୍ତ ଅନୁପସ୍ଥିତ ବିବରଣୀ ଆଧାରରେ ପରବର୍ତ୍ତୀ ମାସର ଦରମା ପ୍ରଦାନ କରାଯିବ । ଲଗ୍ ଇନ୍ କିମ୍ବା ଲଗ୍ ଆଉଟ୍ ସମୟରେ ଯେକୌଣସି ଅସୁବିଧାର ସମ୍ମୁଖୀନ ହେଲେ ନିୟୋଜିତ କର୍ମଚାରୀଙ୍କୁ ରିପୋର୍ଟ କରିବାକୁ ହେବ ।

# ପୁଣି ଜଳକା ନଦୀରେ ବନ୍ୟା: ଜଳମଗ୍ନ ଚାଷଜମି

ବସ୍ତା, ୩/୯ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବଢୁଛି ଜଳକା ନଦୀର ଜଳସ୍ତର ।ସତର୍କ ସଙ୍କେତ ଅତିକ୍ରମ କରି କ୍ରମଶଃ ବଢୁଛି ଜଳକା ନଦୀ ର ଜଳସ୍ତର । ମଥାନୀ ଠାରେ ସତର୍କ ସଙ୍କେତ ୬.୦୦ ରହିଥିବା ବେଳେ ବିପଦ ସଙ୍କେତ ରହିଛି ୬.୬୦, ସକାଳ ୭ ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୬.୦୪ ମିଟର ରେ ପ୍ରବାହିତ ହେଉଛି । ଯାହା ଫଳରେ ପୁଣି ଜଳକା ନଦୀ ରେ ବନ୍ୟା ଆଶଙ୍କା ଦେଖା ଦେଇଛି ।ଲଘୁଚାପ ପ୍ରଭାବରେ ଗତ ୩ ଦିନ ଧରି ବସ୍ତା ସମେତ ନଦୀର



ଉପରମୁଣ୍ଡ ମୟୂରଭଞ୍ଜ ଜିଲ୍ଲା ସୂଳିଆପଦା ମୋରଡା ରାସଗୋବିନ୍ଦପୁର, ଚିତ୍ରଡା ପ୍ରଭୃତି ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ବଢୁଛି ଜଳସ୍ତର । ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଯଦି ବନ୍ୟା ହୁଏ ତାହେଲେ ବସ୍ତା ବ୍ଲକର ୧୦ ପଞ୍ଚାୟତ ମଥାନୀ, ବାହାର୍ଦା, କୁଡିଆ, ଦୁଧ ହଂସା, ବାସି ଚକୁରାଇ, ଦରଡା, ମୁକୁଳିସି, ସଦାନନ୍ଦପୁର, ବ୍ରାହ୍ମଣଦା, ବରୁଣଗଡିଆ ଏବଂ ସଦର ବ୍ଲକ ର ଶ୍ରୀରାମପୁର ରସଲପୁର ପଞ୍ଚାୟତ ଶ୍ରୀରାମପୁର ଓ ରସଲପୁର ପଞ୍ଚାୟତ ପ୍ରଭାବିତ ହେବାର ଆଶଙ୍କା କରା ଯାଉଛି । ତେବେ ଜଳକାନଦୀର ଦୁଇପାର୍ଶ୍ୱ ଭେଡି ବନ୍ଧ ବାଲି ବସ୍ତା ଦିଆଯାଇଥିଲେ ମଧ୍ୟ ସ୍ଥାନେସ୍ଥାନେ ପାଣି ସ୍ରୋତରେ ଅତଡା ଖସୁଛି । ଯାହା ଫଳରେ ନଦୀକୁଳିଆ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ତେବେ ବନ୍ୟା ହେଲେ ହଜାର ହଜାର ହେକ୍ଟର ଜମି ରେ କିଛି ଦିନ ପୂର୍ବରୁ ରୂଆ ଯାଇ ଥିବା ଧାନ ତଳି ପଚି ନଷ୍ଟ ହେବାର ଆଶଙ୍କା ରହିଛି, ଯାହାକୁ ନେଇ ଚାଷୀ ମାନେ ଚିନ୍ତାରେ ଅଛନ୍ତି ।

# "ଦିଶା" ବୈଠକରେ ଭଦ୍ରକର ସର୍ବାଙ୍ଗୀନ ଉନ୍ନତି ପାଇଁ ଆଲୋଚନା

ଭଦ୍ରକ, ୩/୯ (ନି.ପ୍ର): ଆଜି ସାଂସଦ ଅଭିମନ୍ୟୁ ସେଠୀଙ୍କ ଅଧକ୍ଷତାରେ ଜିଲ୍ଲାର "ଦିଶା" ବୈଠକ ଜିଲ୍ଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟପାର, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତିନିଧି ଅଶୋକ ପୁହାଣ, ବିଧାୟକ ଭଣ୍ଡାରିପୋଖରୀ ସଂଜୀବ କୁମାର ମଲ୍ଲିକ, ବିଧାୟକ ଭଦ୍ରକ ସୀତାଂଶୁ ସେଖର ମହାପାତ୍ର, ବିଧାୟକ ବାସୁଦେବପୁର ଅଶୋକ ଦାସ, ଜିଲ୍ଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ଜିଲ୍ଲାପାଳ ଦିଲିପ ରାଉତ ରାଏ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୁପ ଅଭିଷେକ ବେହେରା, ଉପନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖା, ଭଦ୍ରକ ପ୍ରହଲ୍ଲାଦ ରଣା ତଥା ସମସ୍ତ ନଗରାଞ୍ଚଳ ର ଅଧକ୍ଷା, ବ୍ଲକ ର ଅଧକ୍ଷ/ଅଧକ୍ଷା, ଜିଲ୍ଲା ପରିଷଦର ସଭ୍ୟ/ସଭ୍ୟା, ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ଧାମରା ବନ୍ଦର ପ୍ରକଳ୍ପ ଓ ବେଦାନ୍ତ ଫେଂକର ର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହାପରେ ବିଭିନ୍ନ ବିଭାଗର ଯୋଜନାଗୁଡିକ ଉପରେ ସମୀକ୍ଷା ହୋଇଥିଲା । ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ନରେଗା, ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡକ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜାତୀୟ ଗ୍ରାମୀଣ ପାନୀୟ ଜଳ ଯୋଜନା, ସମଗ୍ର ଶିକ୍ଷା, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ବେଟି ବଚାଓ ବେଟି ପଢାଓ ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା, ଜାତୀୟ ପ୍ରାଣୀଧନ ମିଶନ, ଜାତୀୟ ଗ୍ରାମୀଣ ଜିବୀକା ମିଶନ, ଦୀନଦୟାଲ ଅନ୍ତଦ୍ୱୟ ଯୋଜନା, ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି ଯୋଜନା, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ), ଅମୃତ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ପୂର୍ତ୍ତ ବିଭାଗର ବିଭିନ୍ନ ପ୍ରକଳ୍ପ, ପର୍ଯ୍ୟଟନ ବିଭାଗର ବିଭିନ୍ନ ପ୍ରକଳ୍ପ, ବୃକ୍ଷରୋପଣ କାର୍ଯ୍ୟକ୍ରମର ପ୍ରଗତି, ଜାତୀୟ ରାଜପଥ, ରେଳୱେ, ଡାକ ବିଭାଗ, ଯୋଗାଯୋଗ, ଜଳପଥ, ବେଦାନ୍ତ ଫେଂକର ଓ ଆଦାନୀ, ଧାମରା ବନ୍ଦର ପ୍ରକଳ୍ପ ଉପରେ ବିସ୍ତୃତ ଆଲୋଚନା ଓ ସମୀକ୍ଷା ହୋଇଥିଲା । ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତୀ ପାଇଁ ସମସ୍ତ ବିଭାଗ ଏକ ମନ ଏକ ପ୍ରାଣ ନେଇ ତଥା ସହଯୋଗିତାରେ କାମକରିବାପାଇଁ ସାଂସଦ ତଥା ବିଧାୟକମାନେ ନିର୍ଦ୍ଦେଶ ଦେଇଥିଲେ ।

# ଦୁଇ ଦିନିଆ ଭାଲିଆଡିହା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବୈଶିଙ୍ଗା , ୩/୯ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଭାଲିଆଡିହା ଠାରେ ଦୁଇ ଦିନିଆ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଘାଟିତ ହୋଇ ମଙ୍ଗଳବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଭାଲିଆଡିହା ସ୍ଥିତ 'ଜିଆଲ ଝର୍ଣ୍ଣା କୁଆଲ ସେମଲେଦ୍' ଫୁଟବଲ କ୍ଲବ୍ ପରିଚାଳନାରେ ଏହି ଦୁଇ ଦିନିଆ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଓ ପଶ୍ଚିମବଙ୍ଗର ୧୬ ଗୋଟି ଦଳ ଭାଗ ନେଇଥିଲେ । ପ୍ରଥମ ଦିନରେ ୮ ଗୋଟି ଦଳ ନିଜର ଖେଳ ପ୍ରଦର୍ଶନ କରିଥିଲେ । ସେଥିମଧ୍ୟରୁ ଓଡିଶା ଏଫ୍ ସି ଟିମ୍ ସେମିଫାଇନାଲ ଖେଳିବାକୁ ଉନ୍ନୀତ ହୋଇଥିଲେ । ଉଦଘାଟନ ଉତ୍ସବରେ ମୂଖ୍ୟ ଅତିଥି ଭାବେ କେନ୍ଦୁଆ ପଞ୍ଚାୟତର ସରପଞ୍ଚ ମନମୋହନ ମାଝୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଟୁର୍ଣାମେଣ୍ଟ କୁ ଉଦଘାଟନ କରିଥିଲେ । ଟୁର୍ଣ୍ଣାମେଣ୍ଟରେ ଦୁଇ ଜଣ ଦକ୍ଷିଣ ଆଫ୍ରିକା ଖେଳାଳି ମଧ ଅଂଶଗ୍ରହଣ କରିଥିଲେ । ମଙ୍ଗଳବାର ଫାଇନାଲ ମ୍ୟାଚରେ ମୂଖ୍ୟ ଅତିଥି ଭାବେ ବିଧାୟକ ସନ୍ଧ୍ୟା ଛଅଟା ସମୟରେ ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦେଇଥିଲେ । ଫାଇନାଲ ମ୍ୟାଚରେ ଚାମ୍ପିଅନ ହୋଇଥିବା ଓଡ଼ିଶା ଫୁଟବଲ କ୍ଲବ ଟିମକୁ ଦୁଇଲକ୍ଷ ଟଙ୍କା ,୧ମ ରନର୍ସଅପ ବାଘଡା ନାନ୍ଦୁବାବୁ ଫୁଟବଲ ଟିମକୁ ଦେଢ ଲକ୍ଷ ଟଙ୍କା ଏବଂ ଦ୍ୱିତୀୟ ଓ ତୃତୀୟ ରନର୍ସଅପ୍ ଟିମ କୁ ସତୁରୀ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । ଉତ୍ସବରେ କ୍ଲବର ସଭାପତି ପପୁ ମାଝୀ , ସମ୍ପାଦକ ଲାଛୁ ମାଝୀ ଓ ମୂଖ୍ୟ ପରିଚାଳକ ଗୋପାଳ ମାଝିଙ୍କ ସଂଯୋଜନାରେ ଆୟୋଜିତ ଫୁଟବଲ ମ୍ୟାଚ ଦେଖିବାକୁ ଆଖପାଖ ଅଞ୍ଚଳର ହଜାର ହଜାର ଦର୍ଶକଙ୍କ ଭିଡ ଲାଗି ରହିଥିଲା ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida